

**ଭଲ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ବିଜୟୀ**

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-266 ◆WEDNESDAY ◆25 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୬୬ ◆ବୁଧବାର ◆୨୫ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସୁପ୍ରିମକୋର୍ଟଙ୍କ ରାୟ

# ଧର୍ମ ବଦଳାଇଲେ ମିଳିବନି ଅନୁସୂଚିତ ଜାତି ମାନ୍ୟତା

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାରୁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେବଳ ହିନ୍ଦୁ, ଶିଖ୍ ଏବଂ ବୌଦ୍ଧ ଧର୍ମର ଲୋକେ ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ପାଇପାରିବେ ବୋଲି କହିଛନ୍ତି। ଯଦି କେହି ଧର୍ମ ବଦଳାଇ ଖ୍ରୀଷ୍ଟିଆନ କିମ୍ବା ଅନ୍ୟ କୌଣସି ଧର୍ମ ଆପଣାନ୍ତି ତେବେ ସେ ଏସ୍‌ସି ମାନ୍ୟତା ହରାଇ ଦେବେ। ୨୦୨୫ ମେ'ର ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟ ବିରୋଧରେ ଚିନ୍ତଦା ଆନନ୍ଦ ଦାଏର କରିଥିବା ଆବେଦନ ଶୁଣାଣି କରି ଜଷ୍ଟିସ ପିକେ ମିଶ୍ରା ଏବଂ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି



ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଖ୍ରୀଷ୍ଟିଆନ ଧର୍ମ ଆପଣାଇ ଥିବା ଦଳିତ ବ୍ୟକ୍ତି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର

### କେବଳ ହିନ୍ଦୁ, ବୌଦ୍ଧ, ଶିଖ ଏସ୍‌ସି ଜାତିର ଦାବି କରିପାରିବେ

ନିରୋଧୀ ଆଇନ ଅଧିନରେ ସଂରକ୍ଷଣ ପାଇଁ ଦାବି କରିପାରିବେ ନାହିଁ। ପୁଣିଥିରେ ଏହି ଅଧିକାର ପ୍ରାପ୍ତ କରିବା ପାଇଁ ସୁପ୍ରିମକୋର୍ଟ ତିନୋଟି ସର୍ତ୍ତ ମଧ୍ୟ ରଖିଛନ୍ତି। ▶ପୃଷ୍ଠା-୭

## ଉପଭୋକ୍ତା ଆଶ୍ୱସ୍ତ

# ବଢ଼ିବନି ବିଜୁଳି ଦର

## ତୃତୀୟ ପକ୍ଷ ଅଡିଟ୍ କରିବେ ସ୍ମାର୍ଟ ମିଟର

■ ଭୁବନେଶ୍ୱର, ୨୪।୩ (ସମିସ): ବିଜୁଳି ଗ୍ରାହକଙ୍କୁ ମିଳିଛି ଆଶ୍ୱସ୍ତି। ବିତରକ କମ୍ପାନୀଗୁଡ଼ିକ ବିଜୁଳି ଶୁଳ୍କ ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଗ୍ରହଣ କରିନାହାନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ବ ପ୍ରଚଳିତ ଶୁଳ୍କ ଅପରିବର୍ତ୍ତିତ ରଖିବାକୁ ବିତରକ କମ୍ପାନୀଙ୍କୁ ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ନିର୍ଦ୍ଦେଶକ(ନିୟାମକ ବ୍ୟାପାର) ପ୍ରିୟବ୍ରତ ପଟ୍ଟନାୟକ ବିସ୍ତୃତ ସୂଚନା ଦେଇଛନ୍ତି। ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ଆଣିବାକୁ ଓଇଆରସି ଏକାଧିକ ପଦକ୍ଷେପ ନେଇଛନ୍ତି। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ଏଣିକି ଆସନ୍ତା ବିଦ୍ୟୁତ ବିତରକ କମ୍ପାନୀ କରୁଥିବା ସମସ୍ତ



### ବିତରକ କମ୍ପାନୀଗୁଡ଼ିକର ହେବ ସିଏଜି ଅଡିଟ

### ପ୍ରଶାସନିକ ଖର୍ଚ୍ଚ କାଟ କରିବାକୁ ନିର୍ଦ୍ଦେଶ

ଖର୍ଚ୍ଚର ହେବ ସିଏଜି ଅଡିଟ ହେବ। ଏନେଇ ଆୟୋଗ ସରକାରଙ୍କୁ ସୁପାରିଶ କରିଛନ୍ତି। ସେହିପରି ୫୦ ପ୍ରତିଶତରୁ ଅଧିକ କ୍ଷତି ସହୁଥିବା ଫିଡର ଗୁଡିକରେ ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟିକ ଓ ପରିବହନ କ୍ଷତି ଅଧିକ ହେଉଥିବା ଅଞ୍ଚଳରେ ଟ୍ରାନ୍ସଫର୍ମର ସହ ବିଦ୍ୟୁତ ବିତରକ କମ୍ପାନୀ ଗୁଡ଼ିକ ସ୍ମାର୍ଟ ମିଟର ଲଗାଇବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ମାର୍ଟ ମିଟରର ଗୁଣବତ୍ତାକୁ ନେଇ ବିଭିନ୍ନ ଅଭିଯୋଗ ହେଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଆୟୋଗ। ସ୍ମାର୍ଟ ମିଟରର ସଫ୍ଟୱେୟାର ଅଡିଟ ତୃତୀୟ ପକ୍ଷ କମ୍ପାନୀ ଦ୍ୱାରା କରାଯିବ। ଯାହାକୁ ସାଧାରଣ ମିଟର ସହ ମେଳ କରାଯିବ। ଏହାଦ୍ୱାରା ସ୍ମାର୍ଟ ମିଟରର ବିଶ୍ୱସନୀୟତାକୁ ନେଇ ଉଠୁଥିବା ପ୍ରଶ୍ନରେ ▶ପୃଷ୍ଠା-୭

# ମାଡ଼ିଆସୁଛି ମହାବିପଦ

## ବିଶ୍ୱକୁ ଅଚଳ କରିଦେବ ଶକ୍ତି ସଙ୍କଟ

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ। ଏଥର କୋଭିଡ୍-୧୯ ଭଳି କୌଣସି ଭୂତାଣୁ ପାଇଁ ନୁହେଁ, ବରଂ ଶକ୍ତି ସଙ୍କଟ ଯୋଗୁଁ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତେଲ ଓ ଗ୍ୟାସର ଗୁରୁତର ସଙ୍କଟ ଦେଖାଦେଇଛି। ଯୁଦ୍ଧ ଯୋଗୁଁ ହରମୁଜ ସମୁଦ୍ର ପଥ ବନ୍ଦ ରହିଛି। ଫଳରେ ଉପସାଗରରୁ ବାହାରକୁ ଯାଇପାରୁନି ଅଶୋଧିତ ତୈଳ ଓ ଗ୍ୟାସ। ଏଭଳି ସ୍ଥିତି ଆଉ କିଛି ଦିନ ଲାଗି ରହିଲେ ଭାରତରେ ମଧ୍ୟ ଲକ୍ ଡାଉନ୍ ଲାଗିପାରେ ଏବଂ ଏହାକୁ ଏନର୍ଜି ଲକ୍ ଡାଉନ୍ ବୋଲି କୁହାଯିବ। ଅନ୍ୟ ଦେଶମାନଙ୍କରେ ଏଭଳି ଲକ୍ ଡାଉନ୍ ଆରମ୍ଭ ହୋଇଗଲାଣି।



### ପୁଣି ଘାରିଲାଣି ଲକ୍ ଡାଉନ୍ ଭୟ

ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ଭିଏତନାମ ଏବଂ ଫିଲିପାଇନ୍ସରେ ପେଟ୍ରୋଲ ଓ ଡିଜେଲର ଉତ୍କଟ ଅଭାବ ଦେଖାଦେଇଥିବାରୁ ଅଫିସ କାର୍ଯ୍ୟଦିବସ ହ୍ରାସ କରାଯିବା ସହିତ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ପରିବହନ ପାଇଁ ଉଦ୍ଦିଷ୍ଟ ପେ।ଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବା ପାଇଁ ସ୍କୁଲ ଓ କଲେଜ ବନ୍ଦ କରି ଦିଆଯାଇଛି ଏବଂ ଅନଲାଇନ୍ କ୍ଲାସ କରାଯାଉଛି। ପାକିସ୍ତାନରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ସପ୍ତାହକୁ ୪ ଦିନ କରି ଦିଆଯାଇଛି। ୫୦ ଭାଗ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫିଲିପାଇନ୍ସ ଓ ଭିଏତନାମରେ ମଧ୍ୟ ଅନୁରୂପ କଟକଣା ଜାରି କରାଯାଇଛି। ଥାଇଲାଣ୍ଡରେ ଏସି ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ▶ପୃଷ୍ଠା-୭

## ରାଜ୍ୟସଭାରେ ପୁଣି ସତର୍କ କରାଇଲେ ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଯୁଦ୍ଧର ଭୟାବହତା ଏବଂ ଭାରତରେ ଉପରେ ପଡୁଥିବା ପ୍ରଭାବ ବିଷୟରେ ସତର୍କ କରାଇଛନ୍ତି। ସେ କହିଛନ୍ତି ଯେ ଯଦି ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହେ, ତେବେ ଏହାର ପରିଣାମ ଭୟାବହ ହେବ। ଆଗାମୀ ସମୟ ଦେଶର ସବୁଠାରୁ ବଡ଼ ପରୀକ୍ଷା ନେବ। ହର୍ମୁଜ ପ୍ରଣାଳୀରେ ଆମର ଜାହାଜ ଏବଂ ଭାରତୀୟ କ୍ରୁ ସଦସ୍ୟମାନେ ଫସି ରହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଆମର ▶ପୃଷ୍ଠା-୭



### ଆଲୋଚନା ପାଇଁ ଆଜି ସର୍ବଦଳୀୟ ବୈଠକ

## ନବୀନଙ୍କ ସିଧା ନିଶାଣ

# ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୪।୩ (ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହରେ ଲାଗି ରହିଛି ଅଚଳାବସ୍ଥା। ବିରୋଧୀଙ୍କ ପ୍ରବଳ ଚାପ ପରେ ସରକାର କିଛି ତଳିଆ କର୍ମଚାରୀଙ୍କୁ ନିଲମ୍ବନ ସହ ଏସ୍‌ସିବି ଅଧୀକ୍ଷକଙ୍କୁ ସ୍ଥାନାନ୍ତର କରି ହାତ ଝାଡ଼ି ବସିଛନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଭାବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଅଟଳ ରହିଛନ୍ତି ବିରୋଧୀ। ପୂର୍ବରୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଆଜି ପୁଣି ତାହାକୁ ଦୋହରାଇଛନ୍ତି। ସରକାର ଓ ଶାସକ ବିଜେପିକୁ ନବୀନ ନିଶାଣ କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

### ଘରୋଇ ହସ୍ପିଟାଲରେ ଘଟଣାରେ ଧାଡ଼ି ଲଗାଇଥିଲେ କେନ୍ଦ୍ରମନ୍ତ୍ରୀ

### ଘଟଣାର ୯ ଦିନ ପରେ ଜଣେ ବି କେନ୍ଦ୍ରମନ୍ତ୍ରୀ ଗଲେନାହିଁ ଏସ୍‌ସିବି

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରଖିବ ବିଜେଡ଼ି

ବିଧାନସଭା ପରିସରରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣାକୁ ୯ ଦିନ ବିତିଗଲାଣି। ଏଥିରେ ୧୩ ଜଣ ରୋଗୀଙ୍କର ହୃଦୟବିଦାରକ ମୃତ୍ୟୁ ହୋଇଛି। ବିଡ଼ମ୍ବନା ହେଉଛି, ରାଜ୍ୟରେ



ଏତେବଡ଼ ଘଟଣାଟିଏ ଘଟିବା ସତ୍ତ୍ୱେ ଜଣେ ବି କେନ୍ଦ୍ରମନ୍ତ୍ରୀ କଟକସ୍ଥିତ ଏସ୍‌ସିବି ଯାଇ ନାହାନ୍ତି। ଆମ ସରକାର ସମୟରେ ଏକ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ହୋଇଥିଲା। ସେହି ସମୟରେ ଓଡ଼ିଶାକୁ କେନ୍ଦ୍ରମନ୍ତ୍ରୀମାନଙ୍କର ଧାଡ଼ି ଛୁଟିଥିଲା। ଏକାଧିକ କେନ୍ଦ୍ରମନ୍ତ୍ରୀ ନିଆଁ ଲାଗିଥିବା ସେହି ଘରୋଇ ହସ୍ପିଟାଲକୁ ଯାଇଥିଲେ। ମାତ୍ର ଏବେ ସେମାନେ କୁଆଡ଼େ ଗଲେ ? ଏସ୍‌ସିବି ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ରୋଗୀମାନଙ୍କ ପାଇଁ ଏ ସରକାର କେତେ ପରିମାଣରେ ଚିନ୍ତିତ ତାହା ଏହାକୁ ପ୍ରମାଣିତ କରିଛି । ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ▶ପୃଷ୍ଠା-୭






# ଦୁର୍ଦ୍ଦାନ୍ତ ମାଓନେତା ଶୁକ୍ରୁର ଆତ୍ମସମର୍ପଣ

■ ଫୁଲବାଣୀ, ୨୪।୩ (ସମିସ): ଓଡ଼ିଶାରେ ଦଶନ୍ଧି ଧରି ଚାଲିଆସିଥିବା ମାଓବାଦୀ ହିଂସା ଇତିହାସରେ ଆଜି ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ରାଜ୍ୟର ସବୁଠାରୁ ଦୁର୍ଦ୍ଦାନ୍ତ ଏବଂ ମୋଷ୍ଟ ୱାଣ୍ଟେଡ୍ ମାଓ ନେତା କଷା ସୋଡ଼ି ଓରଫ୍ ଶୁକ୍ରୁ, ନିଜର ୪ ଜଣ ସହଯୋଗୀଙ୍କ ସହ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ଶୁକ୍ରୁର ଆତ୍ମସମର୍ପଣ ରାଜ୍ୟରେ ଲାଲ୍ ବାହିନୀର ପତନର ଏକ ସ୍ପଷ୍ଟ ସଙ୍କେତ ବୋଲି କୁହାଯାଉଛି।

### ଏକେ-୪୭ ରାଇଫଲ୍ ଏବଂ ୪ ସହଯୋଗୀଙ୍କ ସହ ସମର୍ପଣ

### ଶୁକ୍ରୁ ମୁଣ୍ଡରେ ଥିଲା ୫୫ ଲକ୍ଷ ଟଙ୍କାର ବଡ଼ ପୁରସ୍କାର

ସୂଚନା ଅନୁଯାୟୀ, ଶୁକ୍ରୁ କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ନିଜକୁ ସମର୍ପଣ କରିଛି। ଏହି ସମୟରେ ସେ ନିଜର ଏକେ-୪୭ ରାଇଫଲ୍ ଏବଂ ବିପୁଳ ପରିମାଣର ଗୋଳାବାରୁଦ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଛି। ଶୁକ୍ରୁ ସହ ଆତ୍ମସମର୍ପଣ କରିଥିବା ଅନ୍ୟ ୪ଜଣ ମାଓବାଦୀ ମଧ୍ୟ ସଙ୍ଗଠନର ସକ୍ରିୟ ସଦସ୍ୟ ଥିଲେ। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ଏବଂ ଆଣ୍ଟି ନକ୍ସଲ ଅପରେସନ୍‌ର ଏଡିଜି ସଞ୍ଜୀବ ପଣ୍ଡା ଏହି ଖବରକୁ ନିଶ୍ଚିତ କରିବା ସହ ଏହାକୁ ସୁରକ୍ଷା ବାହିନୀର ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। କଷା ସୋଡ଼ି ଓରଫ୍ ଶୁକ୍ରୁ ମୂଳତଃ ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳର ବାସିନ୍ଦା। ସେ ପ୍ରତିବନ୍ଧିତ ସିପିଆଇ (ମାଓବାଦୀ) ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ଥିଲା। ସେ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା (କେକେଆର) ବେଲ୍ଟରେ ମାଓବାଦୀ କାର୍ଯ୍ୟକଳାପର ମାଷ୍ଟରମାଇଣ୍ଡ ଭାବେ ଜଣାଶୁଣା ଥିଲା। ତା' ମୁଣ୍ଡ ଉପରେ ରାଜ୍ୟ ସରକାର ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଗତ କିଛି ବର୍ଷ ଧରି ସେ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା ଏବଂ ଅନେକ ବଡ଼ ଧରଣର ଆକ୍ରମଣ, ହତ୍ୟା ଓ ଅଗ୍ନିକାଣ୍ଡ ଘଟଣାରେ ସାମିଲ ଥିଲା।






ସକାଳ THE SAKALA
www.sakalaepaper.com



# ଇଚ୍ଛାମୃତ୍ୟୁ ପାଇଥିବା ହରିଶ ରାଣା ମୃତ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଦୀର୍ଘ ଦିନ ହେଲା ଯନ୍ତ୍ରଣାରେ ଜର୍ଜରିତ ହରିଶ ରାଣା ଚିରନିଦ୍ରାରେ ଶୋଇ ଯାଇଛନ୍ତି। ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ପାଇବା ପରେ ମଙ୍ଗଳବାର ସେ ଦିଲ୍ଲୀ ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏଥିସହିତ ଦେଶର ପ୍ରଥମ ବ୍ୟକ୍ତି ଭାବେ ସେ ଇଚ୍ଛାମୃତ୍ୟୁ ପାଇଛନ୍ତି। ୩୧ ବର୍ଷୀୟ ହରିଶ ୧୩ ବର୍ଷ ଧରି କୋମାରେ ଥିଲେ। ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ତାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଥିଲେ। ଏମ୍ସରେ ହରିଶଙ୍କୁ 'ପାସିଭ୍ ୟୁଥେନେସିଆ' ଦିଆଯାଇଛି। ଅର୍ଥାତ୍ ଜଣେ ଗୁରୁତର ଅସୁସ୍ଥ ରୋଗୀଙ୍କୁ ବଞ୍ଚାଇ ରଖିବା ପାଇଁ ଦିଆଯାଉଥିବା ବାହ୍ୟ ଲାଇଫ୍ ସପୋର୍ଟ କିମ୍ବା ଚିକିତ୍ସାକୁ ବନ୍ଦ କରିଦିଆଯାଇଛି। ଏହା ଫଳରେ ରୋଗୀର ପ୍ରାକୃତିକ ଭାବେ ମୃତ୍ୟୁବରଣ କରିପାରିବେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଗତ ୧୪ ତାରିଖରେ ହରିଶଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।ଏମ୍ସ ପ୍ରଶାସନ ଏହାର ଦୁଇ ଦିନ ପରେ ୧୬ରେ ହରିଶ ରାଣାଙ୍କ ଫିଡିଂ ଟ୍ୟୁବ୍ (ଖାଦ୍ୟ ନଳୀ) ହଟାଇ ଦେଇଥିଲେ। ମା' ନିର୍ମଳା ରାଣା ଏବଂ ପିତା ଅଶୋକ ରାଣାଙ୍କୁ ଏମ୍ସ ପ୍ରଶାସନ ପକ୍ଷରୁ ହରିଶଙ୍କ ୱାର୍ଡ ପାଖରେ ଏକ ରୁମ୍ ଦିଆଯାଇଥିଲା। ନିର୍ମଳା ଅଧିକାଂଶ ସମୟ ନିଜ ପୁଅ ପାଖରେ ରହୁଥିଲେ। ପିତା ଅଶୋକ, ଭାଇ ଓ ଭଉଣୀ ମଝିରେ ମଝିରେ ଦେଖା କରିବାକୁ ଯାଉଥିଲେ। ଆଜି ପୁଅର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ପରିବାର ଦ୍ୱିପହର ୨ଟାରୁ ଏମ୍ସରେ ଅଛନ୍ତି।

# ଟ୍ରମ୍ପଙ୍କ କଥାରେ ଭରସା ନାହିଁ; କ୍ଷେପଣାସ୍ତ୍ର ମାଡ଼ କରିଚାଲିଛି ଇରାନ


ତେହରାନ, ୨୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ସଂଘର୍ଷକୁ ବନ୍ଦ କରିବା ପାଇଁ ଫଳପ୍ରସୂ ଆଲୋଚନା ହୋଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ। ମାତ୍ର ଟ୍ରମ୍ପଙ୍କ ଦାବିର କୌଣସି ପ୍ରଭାବ ସ୍ଥିତି ଉପରେ ପଡ଼ି ନାହିଁ। ତେଣୁ ଟ୍ରମ୍ପ କଥା ଏବଂ ଦାବି ଉପରେ ପୁଣି ଥରେ ପ୍ରଶ୍ନ ଉଠୁଛି। ଇରାନ ମଙ୍ଗଳବାର ଇସ୍ରାଏଲ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ମାଡ଼ କରି ଚାଲିଛି। ୨୪ ଘଣ୍ଟା ମଧ୍ୟରେ ୧୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ଆମେରିକା ପ୍ରଶାସନରେ ମଧ୍ୟ ଟ୍ରମ୍ପଙ୍କ ପ୍ରତି ଅଙ୍ଗୁଳି ଉଠୁଛି। ଏବେ ଆମେରିକାର ସର୍ତ୍ତଗୁଡ଼ିକୁ ଇରାନ ଗ୍ରହଣ କରିଥିବା ଇସ୍ରାଏଲର ବରିଷ୍ଠ ଅଧିକାରୀମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ପାଇଁ ଟ୍ରମ୍ପ ଦେଇଥିବା ପ୍ରସ୍ତାବକୁ ପରିହାସ କରିଛି। ଏହାର ପ୍ରତିଶୋଧ ନେଇ ଇସ୍ରାଏଲ୍ ସୋମବାର ତେହେରାନରେ ଉପରେ ଆକ୍ରମଣ କରିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ଏବେ ଆମେରିକୀୟ ସାମରିକ ଘାଟୀ ଥିବା ଦେଶ ଏବଂ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଉପରେ ଇରାନ ଆକ୍ରମଣ ଜାରି ରଖିଛି। ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ସମ୍ଭାବ୍ୟ ସ୍ଥାନ ଭାବେ ପ୍ରସ୍ତାବ ଦେଇଛି। ତଥାପି ଉପସାଗରୀୟ କ୍ଷେତ୍ର କିମ୍ବା ଲେବାନନରେ ସଂଘର୍ଷ କମିବାର କୌଣସି ସଙ୍କେତ ମିଳୁନାହିଁ। ଟ୍ରମ୍ପଙ୍କ କୂଟନୈତିକ ପଦକ୍ଷେପ ଯୋଗୁଁ ବଜାରରେ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ବି ଅସ୍ଥିର ତୈଳ ଦର ଏବଂ ଅର୍ଥନୈତିକ ପ୍ରଭାବ ଏହି ଯୁଦ୍ଧର ବିଶ୍ୱସ୍ତରୀୟ ପ୍ରଭାବକୁ ସୂଚାଉଛି।

# ୟୁକ୍ରେନ ଉପରେ ୪୦୦ ଡ୍ରୋନ ମାଡ଼କଲା ରୁଷ; ୪ ମୃତ

କିଭ, ୨୪।୩ (ଏଜେନ୍ସି): ରୁଷିଆ ସୋମବାର ବିଳମ୍ବିତ ରାତିରେ ୟୁକ୍ରେନ ଉପରେ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ବାୟୁସେନା ଅନୁଯାୟୀ, ରୁଷିଆ ରାତିସାରା ପ୍ରାୟ ୪୦୦ଟି ଡ୍ରୋନ୍ ମାଡ଼ କରିଛି। ଗତ କିଛି ସପ୍ତାହ ମଧ୍ୟରେ ହୋଇଥିବା ଏହା ସବୁଠାରୁ ବଡ଼ ଆକ୍ରମଣ। ଏହା ବ୍ୟତୀତ ୨୩ଟି କ୍ରୁଜ୍ ମିସାଇଲ୍ ଏବଂ ୭ଟି ବାଲିଷ୍ଟିକ୍ ମିସାଇଲ୍ ମଧ୍ୟ ମାଡ଼ କରାଯାଇଛି। ଏଥିରେ ଦେଶର ଅନେକ ଅଞ୍ଚଳକୁ ଟାର୍ଗେଟ୍ କରାଯାଇଥିଲା। ରାଜଧାନୀ କିଭ୍ ଉପରେ ଦିନ ବେଳେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ୟୁକ୍ରେନ ସେନା ମୁଖ୍ୟ କହିଛନ୍ତି ଯେ ରୁଷିଆ ଏକାସାଙ୍ଗରେ ଅନେକ ସମ୍ମୁଖ ଭାଗରେ ଆକ୍ରମଣ କରୁଛି ଏବଂ ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଛି। ପ୍ରାୟ ୧,୨୫୦ କିମି ଲମ୍ବ ବିଶିଷ୍ଟ ସୀମାରେ ଯୁଦ୍ଧ ଜାରି ରହିଛି। ରୁଷିଆ ପୂର୍ବରୁ କ୍ରିମିଆ ସମେତ ୟୁକ୍ରେନର ପ୍ରାୟ ୨୦% ଅଞ୍ଚଳ ଦଖଲ କରିସାରିଛି। ଅନ୍ୟପଟେ, ୟୁକ୍ରେନ ମଧ୍ୟ ଡ୍ରୋନ୍ ଆକ୍ରମଣ ମାଧ୍ୟମରେ ଏହାର ଜବାବ ଦେଉଛି ଏବଂ ନିଜର ସହଯୋଗୀ ଦେଶମାନଙ୍କୁ ଏୟାର ଡିଫେନ୍ସ ସିଷ୍ଟମ ଦେବାକୁ ୟୁକ୍ରେନ ଦାବି କରୁଛି।

# ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ; ଷଷ୍ଠ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ହୋଇଛି। ଗତ ବର୍ଷ ପାକିସ୍ତାନରେ ପ୍ରମୁଖ ପ୍ରଦୂଷକ ପିଏମ-୨.୫ କଣିକାର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ନିର୍ଦ୍ଧାରିତ ମାନକଠାରୁ ୧୩ ଗୁଣ ଅଧିକ ରହିଛି। ପ୍ରଦୂଷଣ ଉପରେ ଆଇକ୍ୟୁଏୟାରର ବାର୍ଷିକ ରିପୋର୍ଟ ଏହି ସୂଚନା ଦିଆଯାଇଛି। ଏହି ତାଲିକାରୁ ଭାରତ ମଧ୍ୟ ବାଦ ପଡ଼ିନାହିଁ। ପ୍ରଦୂଷଣ ବହୁଳ ଦେଶରେ ଷଷ୍ଠ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ, ୧୪୩ଟି ଦେଶ ମଧ୍ୟରୁ ୧୩୦ଟି 'ହୁ' ର ପ୍ରଦୂଷଣ ମାନକ ପୂରଣ କରିବାରେ ବିଫଳ ହୋଇଛନ୍ତି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ବାଂଲାଦେଶ ଦ୍ୱିତୀୟ ଏବଂ ତାଜିକିସ୍ତାନ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୨୪ର ସବୁଠାରୁ ପ୍ରଦୂଷିତ ଦେଶ ଚାଡ୍ ୨୦୨୫ରେ ଚତୁର୍ଥ ସ୍ଥାନକୁ ଖସି ଆସିଛି। ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ କଙ୍ଗୋ ପଞ୍ଚମ, କୁଏତ ସପ୍ତମ, ୟୁଗାଣ୍ଡା ଅଷ୍ଟମ, ଇଜିପ୍ଟ ନବମ ଏବଂ ଉଜବେକିସ୍ତାନ ଦଶମ ସ୍ଥାନରେ ରହିଛି। ସହରଗୁଡ଼ିକ ମଧ୍ୟରେ ଭାରତର ଲୋନି ସବୁଠାରୁ ପ୍ରଦୂଷିତ ସହର ହୋଇଥିବାବେଳେ ଚୀନର ହୋତାନ୍ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ୨୫ଟି ସହର କେବଳ ଭାରତ, ପାକିସ୍ତାନ ଏବଂ ଚୀନ୍‌ର ରହିଛି। ମାତ୍ର ୧୪% ସହର 'ହୁ' ମାନକ ଅନୁଯାୟୀ ପ୍ରଦୂଷଣମୁକ୍ତ ରହିଛନ୍ତି। ଏହା ଗତ ବର୍ଷ ୧୭% ଥିଲା।



ELECTION COMMISSION OF INDIA
Nirvachan Sadan, Ashoka Road, New Delhi –110 001

No. 3/4/2019/SDR/Vol-I — Dated: 19th March, 2019

To,

The Chief Electoral Officers of
All States and UTs

Subject: - FAQs on Criminal Antecedents, if any, of a candidate and its publicity in pursuance of Hon'ble Supreme Court Judgment dated 25/09/2018 in W.P.(C) No. 536 of 2011- regarding.

Sir/Madam,

I am directed to invite your reference to the Commission's directions in letter of even No. dated 10/10/2018 issued in pursuance of Hon'ble Supreme Court Judgment dated 25/09/2018 in W.P.(C) No. 536 of 2011. In view of the various queries raised in this regard, a set of FAQs and clarifications in this regard is enclosed.

2. The FAQs may be circulated to all DEOs, Returning Officers, officers connected to elections and the Political Parties based in your State, for their information.

3. In the Commission's abovementioned letter, it has been inter alia, directed that after the election the candidates shall submit a report about publishing of declaration to the DEO and the Political parties to the CEO of the State. The Commission has provided formats C-4 and C-5 for this purpose. The formats are also enclosed. These shall also be circulated to the DEOs, ROs and all political parties based in the State.

BHARATIYA JANATA PARTY • KERALA

Yours faithfully,
(N.T. Bhutia)
Secretary

Copy to: All Recognized National and State Political Parties

# ଚିଠିରେ ବିଜେପି ସିଲ୍ ମାରି ଅଡୁଆରେ ନିର୍ବାଚନ କମିସନ



ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ନିର୍ବାଚନ କମିସନଙ୍କ ଏକ ଚିଠିରେ ବିଜେପିର ସିଲ୍ କୁ ନେଇ ବଡ଼ ଧରଣର ବିବାଦ ଦେଖାଦେଇଛି। କେରଳରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କର ଏଭଳି ବିଜେପି ଷ୍ଟାମ୍ପ ମରା ଚିଠି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଏହା ଏକ କ୍ଲରିକାଲ ତ୍ରୁଟି ବୋଲି କମିସନ ସଫେଇ ଦେଇଥିବା ବେଳେ ବିରୋଧୀ ଦଳ ଏବଂ ବିଶେଷ କରି ସିପିଏମ୍ ଏବଂ କଂଗ୍ରେସ ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେମାନେ ଅଭିଯୋଗ କରିଛନ୍ତି ।।ଯେ ବିଜେପି କଥାରେ ନିର୍ବାଚନ କମିସନ କାମ କରୁଛନ୍ତି ବୋଲି ଆଗରୁ ଅଭିଯୋଗ ହେଉଥିଲା, କିନ୍ତୁ ଆଜି ତାର ପ୍ରମାଣ ଖୋଦ୍ ନିର୍ବାଚନ କମିସନ ହିଁ ଦେଇଛନ୍ତି। ସିପିଏମ୍ ପକ୍ଷରୁ କୁହାଯାଇଛି ଯେ ଗୋଟିଏ କ୍ଷମତା ।।କେନ୍ଦ୍ର ଦ୍ୱାରା ଉଭୟ କମିସନ ଓ ବିଜେପି ପରିଚାଳିତ ହେଉଛନ୍ତି। ଏହା ସ୍ପଷ୍ଟ ଯେ କମିସନ ଆଦୌ ନିରପେକ୍ଷ ନୁହନ୍ତି। ଅନ୍ୟପକ୍ଷରେ କମିସନଙ୍କୁ କଂଗ୍ରେସ ପ୍ରଶ୍ନ କରିଛି, 'ବିଜେପି ଅଫିସରୁ କମିସନ କାମ କରୁଛି କି? ଆପଣ ବିଜେପି ସିଲ୍ କେଉଁଠୁ ପାଇଲେ? ଏଟା ଆପଣଙ୍କ ଚିଠି ନା ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ବିଜେପିର ଚିଠି?

ସିପିଆଇ (ଏମ) ଏହି ଚିଠିର ନକଲ ସାମାଜିକ ଗଣମାଧ୍ୟମରେ ସେୟାର କରିଛି। ଏହା ଖୁବ ଭାଇରାଲ ହେବାରେ ଲାଗିଛି। ସିପିଏମ ଅନୁଯାୟୀ, ଇସି ରାଜନୈତିକ ଦଳଙ୍କୁ ପଠାଇ ଥିବା ଚିଠିରେ ଲାଗିଥିବା ସତ୍ୟପାଠରେ ବିଜେପି ସିଲ୍ ରହିଛି। ଏହା କେବଳ ଏକ ସଂଯୋଗ ନୁହେଁ। ଅନ୍ୟପଟେ ଏହି ଚିଠିକୁ ନେଇ କେରଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଏହାକୁ କ୍ଲରିକାଲ ତ୍ରୁଟି କହିଛନ୍ତି। ସିଇଓଙ୍କ ଅନୁଯାୟୀ, ବିଜେପିର କେରଳ ଶାଖା ୨୦୧୯ର ମାର୍ଗଦର୍ଶିକାର ଏକ ନକଲ ପ୍ରଦାନ କରିଥିଲା। ଏଥିରେ ପୂର୍ବରୁ ଦଳର ସିଲ୍ ଲାଗିଥିଲା। ଏହାର ନକଲ ଭୁଲ୍‌ରେ ଅନ୍ୟ ଦଳମାନଙ୍କୁ ପଠାଇ ଦିଆଯାଇଛି। ଏହି ତ୍ରୁଟି ଜଣାପଡ଼ିବା ପରେ ଗତ ୨୧ ତାରିଖରେ ଉକ୍ତ ଚିଠିକୁ ପ୍ରତ୍ୟାହାର କରି ନିଆଯାଇଥିଲା।

# ଆଗାମୀ ଦିନରେ ଦେଶ ପାଇଁ ବଡ଼ ପରୀକ୍ଷା

## ଇରାନ ଯୁଦ୍ଧ ଜାରି ରହିଲେ ସ୍ଥିତି ଗୁରୁତର ହେବ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପଶ୍ଚିମ ଏସିଆର ସ୍ଥିତିକୁ ନେଇ ରାଜ୍ୟସଭାରେ ମନ୍ତବ୍ୟ ରଖିଛନ୍ତି। ସେ ଯୁଦ୍ଧର ଭୟାବହତା ଏବଂ ଭାରତରେ ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରିଛନ୍ତି। ଏଭଳି ସଙ୍କଟର ମୁକାବିଲା ପାଇଁ ଟିମ୍ ଇଣ୍ଡିଆ ଭଳି କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ମୋଦୀ କହିଛନ୍ତି ଯେ ଯଦି ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହେ, ତେବେ ଏହାର ପରିଣାମ ଭୟାବହ ହେବ। ଆଗାମୀ ସମୟ ଦେଶର ସବୁଠାରୁ ବଡ଼ ପରୀକ୍ଷା ନେବ। ଏଥିପାଇଁ ରାଜ୍ୟଗୁଡ଼ିକର ସହଯୋଗ ଅତ୍ୟନ୍ତ ଜରୁରୀ। ସମସ୍ତଙ୍କୁ 'ଟିମ୍ ଇଣ୍ଡିଆ' ଭଳି ମିଳିମିଶି କାମ କରିବାକୁ ହେବ। ହର୍ମୁଜ ପ୍ରଣାଳୀରେ ଆମର ଜାହାଜ ଏବଂ ଭାରତୀୟ କ୍ରୁ ସଦସ୍ୟମାନେ ଫସି ରହିଛନ୍ତି। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଆମର ବାଣିଜ୍ୟିକ ମାର୍ଗ ପ୍ରଭାବିତ ହେଉଛି। ଗ୍ୟାସ୍, ତେଲ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଉପରେ ଏହାର ପ୍ରଭାବ ପଡ଼ିଛି। ବ୍ୟବସାୟିକ ଜାହାଜ ଉପରେ ଆକ୍ରମଣ ଏବଂ ଜଳପଥରେ କଟକଣା ଆଦୌ ଗ୍ରହଣୀୟ ନୁହେଁ। ଭାରତ କୂଟନୈତିକ ସ୍ତରରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛି।ଏହି ଯୁଦ୍ଧ ଯୋଗୁଁ



■ "ସଙ୍କଟର ମୁକାବିଲା ପାଇଁ ଟିମ୍ ଇଣ୍ଡିଆ ଭଳି କାର୍ଯ୍ୟ କରିବାକୁ ହେବ"

ବିଶ୍ୱରେ ଯେଉଁ କଠିନ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଦୀର୍ଘ ସମୟ ଧରି ରହିବାର ଆଶଙ୍କା ରହିଛି। ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ହେବ। ଗତ କିଛି ଦିନ ହେଲା ଅନେକ ଦେଶରୁ ଅଶୋଧିତ ତୈଳ ଏବଂ ଏଲ୍‌ପିଜି ଜାହାଜ ଭାରତ ଆସିଛି। ଏ ଦିଗରେ ଆଗାମୀ ଦିନରେ ପ୍ରୟାସ ଜାରି ରହିବ। ଯଦି ସ୍ଥିତି ଦୀର୍ଘ ଦିନ ପର୍ଯ୍ୟନ୍ତ ଏଭଳି ରହେ ତେବେ ଆର୍ଥିକ ଏବଂ ଯୋଗାଣ ସଙ୍କଟ ସୃଷ୍ଟି ହୋଇପାରେ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଭଳି ସଙ୍କଟ ସମୟରେ ଗରିବ ଏବଂ ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ସେମାନଙ୍କୁ ଯେପରି 'ପିଏମ୍ ଗରିବ ଅନ୍ନ କଲ୍ୟାଣ ଯୋଜନା'ର ଲାଭ ମିଳିଚାଲେ, ସେଥିପାଇଁ ରାଜ୍ୟ ସରକାରମାନେ ବିଶେଷ ବ୍ୟବସ୍ଥା କରନ୍ତୁ। ଏହି ସମୟରେ କଳାବଜାରୀ ଓ ମହଜୁଦକାରୀମାନେ ସକ୍ରିୟ ହୋଇଉଠନ୍ତି, ତେଣୁ ଅଭିଯୋଗ ଆସିବ ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସଙ୍କଟ ଯେତେ ବଡ଼ ହେଉନା କାହିଁକି, ଭାରତର ଅଭିବୃଦ୍ଧି ବଜାୟ ରଖିବା ସମସ୍ତଙ୍କର ଦାୟିତ୍ୱ। ଆମକୁ ସମସ୍ତ ଜରୁରୀ ପଦକ୍ଷେପ ଓ ସଂସ୍କାର ଦ୍ରୁତ ଗତିରେ ଜାରି ରଖିବାକୁ ହେବ। ଆଗାମୀ ବୁଣା ଋତୁରେ କୃଷକମାନେ ଯେପରି ସାର ପାଇପାରିବେ, ସେଥିପାଇଁ ସରକାର ସମସ୍ତ ପ୍ରସ୍ତୁତି କରିଛନ୍ତି। କୃଷକଙ୍କ ସମସ୍ୟାର ସମାଧାନ ପାଇଁ ସରକାର ସେମାନଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ କଠିନ ସମୟ ଆସିପାରେ। ଏଥିରେ ସଫଳ ହେବା ପାଇଁ ରାଜ୍ୟଗୁଡ଼ିକର ସହଯୋଗ ଅପରିହାର୍ଯ୍ୟ। କରୋନା ସମୟ ଭଳି ବିଭିନ୍ନ କ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଗତକାଲି ୭ଟି 'ଏମ୍ପାୱାର୍ଡ ଗ୍ରୁପ୍' (ଗଠନ କରାଯାଇଛି। ଏହି ଗ୍ରୁପଗୁଡ଼ିକ ଯୋଗାଣ ଶୃଙ୍ଖଳ, ପେଟ୍ରୋଲ-ଡିଜେଲ, ସାର, ଗ୍ୟାସ୍ ଏବଂ ମୁଦ୍ରାସ୍ଫୀତି ଭଳି ବିଷୟଗୁଡ଼ିକ ଉପରେ ତୁରନ୍ତ ଓ ଦୂରଗାମୀ ରଣନୀତି ଅନୁଯାୟୀ କାର୍ଯ୍ୟ କରିବେ।

# ମୋଦୀଙ୍କୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିଦେଶୀ ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରିଛନ୍ତି। ରାହୁଲ ଭାରତର ବୈଦେଶିକ ନୀତି ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ନୀତି କହିଛନ୍ତି। ଏହା ବିଶ୍ୱସ୍ତରରେ ପରିହାସ ପାଲଟି ଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ସାଲିସପୂର୍ଣ୍ଣ ରହିଛି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କ'ଣ କରିପାରିବେ ଏବଂ କ'ଣ କରିପାରିବେ ନାହିଁ ତାହା ଡୋନାଲ୍ଡ ଟ୍ରମ୍ପ ଭଲଭାବେ ଜାଣନ୍ତି। ଯଦି ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ସାଲିସପୂର୍ଣ୍ଣ, ତେବେ ଆମର ବୈଦେଶିକ ନୀତି ମଧ୍ୟ ସାଲିସପୂର୍ଣ୍ଣ।ଦେଶରେ ବଢୁଥିବା ଏଲ୍‌ପିଜି ଏବଂ ଜାଳେଣି ଦରକୁ ନେଇ ସେ ଚିନ୍ତା ପ୍ରକଟ କରି ରାହୁଲ କହିଛନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ପରିସ୍ଥିତି କୋଭିଡ୍ ଭଳି ହେବ ହେବ ଭାବୁଛନ୍ତି ତେବେ ସେ ମହାମାରୀ ସମୟରେ ହୋଇଥିବା ମୃତ୍ୟୁସଂଖ୍ୟାକୁ ମନେ ରଖିବା ଉଚିତ୍। ମୋଦୀ ଗତକାଲି ସଂସଦରେ ଅପ୍ରାସଙ୍ଗିକ ଭାଷଣ ଦେଇଥିଲେ। ସେ ଭାରତର ପ୍ରଧାନମନ୍ତ୍ରୀ ବୋଲି ଜଣାପଡ଼ିବା କଥା। ମାତ୍ର ସେଭଳି ସ୍ଥିତି ନାହିଁ। ଏଥିଯୋଗୁଁ ଲୋକଙ୍କୁ କଷ୍ଟ ସହିବାକୁ ପଡ଼ିବ। ଏଲ୍‌ପିଜି ଏବଂ ପେଟ୍ରୋଲ ଦର ବଢିବ। ଏହା କେବଳ ଆରମ୍ଭ ମାତ୍ର।

# ଇରାନ ଯୁଦ୍ଧ ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଦାୟୀ କଲେ ଟ୍ରମ୍ପ

ୱାସିଂଟନ, ୨୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସବୁଠି ନିନ୍ଦା କରାଯାଉଛି। ନିଜ ଦେଶରେ ଟ୍ରମ୍ପଙ୍କ ବିରୋଧରେ ଚାପା ଆକ୍ରୋଶ ସୃଷ୍ଟି ହୋଇଛି। ଇସ୍ରାଏଲ ସହ ଏହି ଯୁଦ୍ଧ ଆରମ୍ଭ କରି ଟ୍ରମ୍ପ ବିଶ୍ୱକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛନ୍ତି। ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଶାନ୍ତିର କଥା କହୁଥିବା ଟ୍ରମ୍ପ ବିଶ୍ୱକୁ ଅଶାନ୍ତ କରି ଚାଲିଛନ୍ତି। ଇରାନ ଯୁଦ୍ଧ ପାଇଁ ଚାରିପଟୁ ଘେରିଯିବା ପରେ ଏବେ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ସେ ଏହି ଯୁଦ୍ଧର ଦୋଷ ନିଜ ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍‌ଙ୍କ ମୁଣ୍ଡରେ ବୋଳିଛନ୍ତି। ତାଙ୍କ ପାଇଁ ଯୁଦ୍ଧ ଆରମ୍ଭ ହେଲା ବୋଲି କହିଛନ୍ତି।

ଇରାନ ସହିତ ଯୁଦ୍ଧ ଚତୁର୍ଥ ସପ୍ତାହରେ ପ୍ରବେଶ କରିଛି। ଆମେରିକା କାହିଁକି ଓ କିପରି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ସେ ନେଇ ପ୍ରଶ୍ନ ଉଠୁଥିବାବେଳେ ଟ୍ରମ୍ପ ଦେଇଥିବା ଏଭଳି ମନ୍ତବ୍ୟ ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଛି। ଟେନେସି





ରାଜ୍ୟରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ପିଟ୍ ହେଗସେଥ୍ ସର୍ବ ପ୍ରଥମେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଇଥିଲେ। ହେଗସେଥ୍‌ଙ୍କ ଉପସ୍ଥିତିରେ ଟ୍ରମ୍ପ ଏଭଳି କହିଥିଲେ। ତାଙ୍କୁ ପଚାରି ଟ୍ରମ୍ପ କହିଥିଲେ ଯେ ଇରାନ ପାଖରେ ପରମାଣୁ ଅସ୍ତ୍ର ରଖେଇ ନ ଥିବା ପାଇଁ ପିଟ୍ ହିଁ ଆକ୍ରମଣ କରିବାକୁ କହିଥିଲେ। ପୂର୍ବରୁ ଇରାନ ଆକ୍ରମଣକୁ ନେଇ ଟ୍ରମ୍ପ ପ୍ରଶାସନରେ ଫାଟ ଥିବା ଖବର ସାମନାକୁ ଆସିଥିଲା। ଏବେ ଏଥିରେ ନୂଆ କଥା ଯୋଡ଼ି ହୋଇଯାଇଛି। ଟ୍ରମ୍ପ ପ୍ରଶାସନର ଦୁଇ ଜଣ ବ୍ୟକ୍ତିଙ୍କୁ ପଚାରିଲେ ଯୁଦ୍ଧ ନେଇ ଭିନ୍ନ ଭିନ୍ନ ଉତ୍ତର ମିଳିବ। ପ୍ରଶାସନ ମଧ୍ୟରେ କିଏ କ'ଣ କହୁଛି, ତାହା ଉପରେ ନିର୍ଭର କରି ଇରାନ ସହିତ ଯୁଦ୍ଧକୁ ଯିବାର କାରଣଗୁଡ଼ିକ ଅଲଗା ଅଲଗା ଥିବା ମଧ୍ୟ ଜଣାପଡୁଛି।

ଅନ୍ୟପକ୍ଷେ ଦାବି କରାଯାଉଛି ଯେ ଇସ୍ରାଏଲ୍ ଯେକୌଣସି ପରିସ୍ଥିତିରେ ଆକ୍ରମଣ କରିଥାନ୍ତା। ତେଣୁ ଏଥିରେ ଆମେରିକାର ସମ୍ପୃକ୍ତି ଅପରିହାର୍ଯ୍ୟ ହୋଇପଡ଼ିଥିଲା। ଟ୍ରମ୍ପ ନିଜ ପକ୍ଷରୁ ସେତେବେଳେ ନେଇଥିବା ନିଷ୍ପତ୍ତି ବିଷୟରେ କହିଛନ୍ତି ଯେ ମୁ ପିଟ୍‌ଙ୍କୁ, ଜେନେରାଲ୍ କେନ୍ ଏବଂ ଅନ୍ୟ ମାନଙ୍କୁ ଫୋନ କରିଥିଲି। ମଧ୍ୟ-ପ୍ରାଚ୍ୟରେ ଏକ ସମସ୍ୟା ଅଛି କିମ୍ବା ଆମେ ସେଠାକୁ ଯାତ୍ରା କରି ସେହି ବଡ଼ ସମସ୍ୟାକୁ ଦୂର କରିପାରିବା ବୋଲି କହିଥିଲି। ଯଦି ଯୁଦ୍ଧର ଆରମ୍ଭ ଅସ୍ପଷ୍ଟ ଥିଲା, ତେବେ ତାହା ପରେ କ'ଣ ଘଟିଲା ସେ ନେଇ ମଧ୍ୟ ପ୍ରଶାସନ ସ୍ପଷ୍ଟ ସୂଚନା ଦେଇନାହିଁ। ମିତ୍ର ରାଷ୍ଟ୍ରଗୁଡ଼ିକୁ ଶତ୍ରୁ କରି, ନାଟୋରୁ ସହାୟତା ନ ପାଇବା ପରେ ଟ୍ରମ୍ପ ଅଡୁଆରେ ପଡ଼ି ଯାଇଛନ୍ତି। ତେଣୁ ଏଥିରୁ ବର୍ତ୍ତିବା ପାଇଁ ଦୋଷ ଲଦିବା ପରିବର୍ତ୍ତେ ତାଙ୍କ ପାଖରେ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି।

# ମଧ୍ୟପ୍ରାଚ୍ୟରେ ପୁଣି ଜୋରଦାର ହେଲା ଆକ୍ରମଣ

ତେହରାନ, ୨୪।୩: ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି। ଇରାନ ପୂର୍ବରୁ ଆମେରିକାକୁ କଠୋର ଚେତାବନୀ ଦେଇଥିଲା। ଯଦି ଆମେରିକା ପଛକୁ ନହଟେ, ତେବେ ସେମାନେ ଆମାଜନ, ଗୁଗଲ, ମାଇକ୍ରୋସଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକର କ୍ୟାମ୍ପସ ଉପରେ ଆକ୍ରମଣ କରିବ ବୋଲି କହିଥିଲା। ଏହି କ୍ରମରେ ଇରାନ ବାହାରିନରେ ଥିବା ଆମାଜନ କ୍ୟାମ୍ପସ ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଇରାନର ଡ୍ରୋନ୍ ଆକ୍ରମଣ ଯୋଗୁଁ ବାହାରିନ ଏବଂ ୟୁଏଇରେ ଥିବା ଆମାଜନ ୱେବ ସର୍ଭିସ ଡାଟା ସେଣ୍ଟରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଏହା ଫଳରେ ସେବା ବାଧାପ୍ରାପ୍ତ ହୋଇଛି। ଆମାଜନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଇରାନ ସନ୍ଦେହ କରୁଛି ଯେ ଏହି ବଡ଼ କମ୍ପାନୀଗୁଡ଼ିକ ଆମେରିକାର ସାମରିକ ଅଭିଯାନକୁ ବୈଷୟିକ ସହାୟତା ଯୋଗାଇ ଦେଉଛନ୍ତି। ଏହା ଇରାନକୁ ସିଧାସଳଖ ପ୍ରଭାବିତ କରୁଛି। ଆଜି ଇରାନ ଦ୍ୱାରା କରାଯାଇଥିବା ଏହି ଡ୍ରୋନ୍ ଆକ୍ରମଣ ପଛରେ ଏହି କାରଣ ରହିଥିବା କୁହାଯାଉଛି। ଯୁଦ୍ଧ ମଧ୍ୟରେ ପ୍ରଥମ ଥର ପାଇଁ କୌଣସି ବଡ଼ କମ୍ପାନୀର କ୍ୟାମ୍ପସକୁ ନିଶାଣ କରାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆମେରିକା ସେନା ଏହାର କିପରି ଜବାବ ଦେଉଛି ତାହା ଦେଖିବା ବାକି ରହିଲା।

ଭୟ ସୃଷ୍ଟି କରି ଇରାନରେ ୪୬୬ ଜଣ ଗିରଫ

ଇରାନରେ ସୁରକ୍ଷା ଏଜେନ୍ସିଗୁଡ଼ିକ ୪୬୬ ଜଣଙ୍କୁ ଗିରଫ କରିଛନ୍ତି। ଏମାନେ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ସମାଜରେ ଭୟ ଏବଂ ଅସ୍ଥିରତା ଖେଳାଇବାକୁ ଚେଷ୍ଟା କରୁଥିଲେ ବୋଲି ଅଭିଯୋଗ ହୋଇଛି।ଇରାନ ପୁଲିସର ସୂଚନା ଅନୁଯାୟୀ, ଗିରଫ ହୋଇଥିବା ବ୍ୟକ୍ତିମାନେ ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରି ଲୋକଙ୍କ ମଧ୍ୟରେ ଭୟ ଓ ଚିନ୍ତା ସୃଷ୍ଟି କରୁଥିଲେ। ଏଥିସହ ସେମାନଙ୍କ ବିରୋଧରେ ଦେଶର ମାନସିକ ସୁରକ୍ଷାକୁ ଦୁର୍ବଳ କରିବା ଏବଂ ଶତ୍ରୁ ପକ୍ଷରେ ମାହୋଲ ତିଆରି କରିବାର ଲାଗିଛି। ଅନ୍ୟପଟେ ଇରାନରେ ୨୫ ଦିନ ହେଲା ଇଣ୍ଟରନେଟ ବନ୍ଦ ରହିଛି।

# ମହିଳା ଅଧିକାରୀ ସେନାରେ ସ୍ଥାୟୀ କମିଶନ ପାଇବାକୁ ହକ୍‌ଦାର

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ବଡ଼ ରାୟ ଦେଇଛନ୍ତି। ସ୍ଥଳ ସେନା, ନୌସେନା ଏବଂ ବାୟୁସେନାର ମହିଳା ସର୍ଟ ସର୍ଭିସ କମିଶନ (ଏସଏସସି) ଅଧିକାରୀଙ୍କ ସପକ୍ଷରେ ରାୟ ଦେଇ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ୧୪ ବର୍ଷ ପରେ ଚାକିରି ଛାଡ଼ିଥିବା ମହିଳା ଅଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାୟୀ କମିଶନ (ପିସି) ନମିଳିବା କାରଣରୁ ପୂର୍ବରୁ ସେବା ଛାଡ଼ିଥିବା ମହିଳା ଅଧିକାରୀଙ୍କୁ ଏକକାଳୀନ ଆଶ୍ୱସ୍ତି ପ୍ରଦାନ କରି କୋର୍ଟ ୨୦ ବର୍ଷର ସେବା ସମ୍ପୂର୍ଣ୍ଣ ହୋଇଥିବା ଗ୍ରହଣ କରିଛନ୍ତି। ଏଥିସହିତ ପେନସନ ଏବଂ ଅନ୍ୟାନ୍ୟ ସୁବିଧା ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜଳ ଭୁୟାଁ ଏବଂ ଜଷ୍ଟିସ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ନିଷ୍ପତ୍ତି ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ମଧ୍ୟରେ ଥିବା ବ୍ୟବସ୍ଥାଗତ ଭେଦଭାବ ଯୋଗୁଁ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିଶନରୁ ବଞ୍ଚିତ କରାଯାଇଥିଲା। ଯୋଗ୍ୟତାର ଅଭାବ ପାଇଁ ମହିଳାମାନଙ୍କୁ ସ୍ଥାୟୀ କମିଶନ ଦିଆ ଯାଇ ନ ଥିଲା। ବ୍ୟବସ୍ଥାରେ ଥିବା ଭେଦଭାବ ପାଇଁ ଏପରି ହୋଇଥିଲା।

ଏହି ସମ୍ପୂର୍ଣ୍ଣ ମାମଲା ଏସଏସସି ଅଧୀନରେ ନିଯୁକ୍ତ ମହିଳା ଅଧିକାରୀଙ୍କ ଆବେଦନ ସହ ଜଡ଼ିତ ଥିଲା। ସେମାନେ ସ୍ଥାୟୀ କମିଶନ ଦାବି କରିଥିଲେ। ଏହା ଅଧୀନରେ ନିଯୁକ୍ତ ଅଧିକାରୀଙ୍କ କାର୍ଯ୍ୟକାଳ ୧୦ ବର୍ଷ ହୋଇଥାଏ, ଯାହାକୁ ୪ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ପରେ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ କମିଶନ ଦିଆଯାଏ। ସ୍ଥାୟୀ କମିଶନ ନମିଳିଲେ ସେମାନଙ୍କୁ ସେବା ଛାଡ଼ିବାକୁ ପଡ଼ିଥାଏ। ଏହା ବିରୋଧରେ ମହିଳା ଅଧିକାରୀମାନେ ପ୍ରଥମେ ଆର୍ମଡ୍ ଫୋର୍ସ ଟ୍ରିବ୍ୟୁନାଲ୍ (ଏଫଟି) ର ଦ୍ୱାରସ୍ଥ ହୋଇଥିଲେ ଏବଂ ପିସିରୁ ବଞ୍ଚିତ କରାଯିବାକୁ ଚ୍ୟାଲେଞ୍ଜ କରିଥିଲେ। ପରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଏସଏସସି ମହିଳା ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ କାମ କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହାର ପ୍ରଭାବ ଯୋଗ୍ୟତା ଉପରେ ପଡ଼ିଥିଲା। ତେଣୁ ସେମାନେ ପୁରୁଷ ସହଯୋଗୀଙ୍କ ତୁଳନାରେ ପଛରେ ରହି ଯାଇଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ଯେଉଁ ଏସଏସସି ଅଧିକାରୀମାନଙ୍କୁ ୨୦୨୦-୨୧ ରେ ନମ୍ବର ୫ ସିଲେକ୍ସନ ବୋର୍ଡ କିମ୍ବା ଏଏଫଟିର ନିଷ୍ପତ୍ତି ଆଧାରରେ ପୂର୍ବରୁ ସ୍ଥାୟୀ କମିଶନ ମିଳିସାରିଛି, ସେମାନଙ୍କ ସ୍ଥିତିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।ଯେଉଁ ମହିଳା ଏସଏସସି ଅଧିକାରୀ (ଆବେଦନକାରୀ) ଏହି ମାମଲା ଚାଲିଥିବା ସମୟରେ ସେବାରୁ ଅବ୍ୟାହତି ନେଇଛନ୍ତି, ସେମାନେ ୨୦ ବର୍ଷର ଜରୁରୀ ସେବା ସମ୍ପୂର୍ଣ୍ଣ କରିଛନ୍ତି ବୋଲି ଧରିନିଆଯିବ। ସେମାନଙ୍କୁ ପେନସନ ଏବଂ ସେ ସମ୍ପର୍କିତ ସମସ୍ତ ସୁବିଧା ମିଳିବ, କିନ୍ତୁ ପୂର୍ବ ବକେୟା ଦରମା ମିଳିବ ନାହିଁ। ବର୍ତ୍ତମାନ ଯେଉଁ ମହିଳା ଅଧିକାରୀମାନେ ସେବାରେ ଅଛନ୍ତି, ସେମାନଙ୍କୁ ୬୦% କଟ୍‌ଅଫ୍ ପୂରଣ କଲେ ସ୍ଥାୟୀ କମିଶନ ମିଳିବ। ମାତ୍ର ଏଥିପାଇଁ ଆବଶ୍ୟକୀୟ ଅନୁମୋଦନ ମିଳିଥିବା ଦରକାର।



ପୁରୀ ବଡ଼ଦାଣ୍ଡରେ ବୌଦ୍ଧରୁ ଆସିଥିବା ରଥକାଠ (ଫଟୋ-ଅନିଲ)

### ଏସ୍‌ସିବି ଡିନ୍ ଓ ଅଧକ୍ଷଙ୍କୁ ବରଖାସ୍ତ

# ସରକାରଙ୍କ ନିର୍ଦ୍ଦେଶକୁ ନେଇ ଡାକ୍ତର ସଂଘ କ୍ଷୁବ୍ଧ

**ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ, ପଦକ୍ଷେପକୁ ନିନ୍ଦା**

ଭୁବନେଶ୍ୱର,୨୪ ।୩(ସମିସ): ଏସ୍‌ସିବି ମେଡିକାଲ୍ କଲେଜ୍‌ରେ ଅଗ୍ନିକାଣ୍ଡ ଘଟଣା ପରେ ଭାରପ୍ରାପ୍ତ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ମାତ୍ର ଘଟଣାରେ କୌଣସି ସମ୍ପୃକ୍ତି ନ ଥିବା ପ୍ରିନ୍ସିପାଲ ତଥା ଡ଼ିନ୍ ପ୍ରଫେସର ଲୁସି ଦାସଙ୍କୁ ବରଖାସ୍ତ କରି ଅନ୍ୟ ବିଭାଗକୁ ବଦଳିକୁ ଗ୍ରହଣ କରିପାରି ନାହିଁ ଡ଼ାକ୍ତର ସଂଘ । ଏହି ନିଷ୍ପତ୍ତି ପ୍ରମାଣ ଆଧାରିତ ନୁହେଁ ଓ ତରବରିଆ ଭାବରେ ସରକାର ଏକ ତ୍ରୁଟିପୂର୍ଣ୍ଣ ପଦକ୍ଷେପ ନେଇଥିବା ଅଭିଯୋଗ କରି ଡ଼ାକ୍ତର ସଂଘ ଏଡ଼ିଏସ୍‌ଓ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମାକୁ ନିନ୍ଦା କରିଛି ।

ସଂଘର ସଭାପତି ଡ. ଶୁଭେନ୍ଦୁ ଚୌଧୁରୀ କହିଛନ୍ତି ଯେ ଏକ ମେଡିକାଲ୍ କଲେଜର ଡିନ୍ ପ୍ରଶାସନିକ ଓ ଶୈକ୍ଷିକ ମୁଖ୍ୟ ଭାବେ ଶିକ୍ଷା, ପ୍ରଶିକ୍ଷଣ ଓ ଏକାଡେମିକ୍ ସମ୍ପର୍କରେ ଦାୟିତ୍ୱ ନିର୍ବାହ କରିଥାନ୍ତି । କୋଠାର ରକ୍ଷାବେକ୍ଷଣ ସମେତ ଅଗ୍ନି ସୁରକ୍ଷା ବ୍ୟବସ୍ଥା, ଇଞ୍ଜିନିୟରିଂ ଓ ଆପତକାଳୀନ ପ୍ରସ୍ତୁତି ଭଳି ପ୍ରସଙ୍ଗ ତାଙ୍କ ଅଧୀନରେ ନୁହେଁ । ଏସବୁ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜେନେରାଲ୍ ସୁପରିଣ୍ଟେଣ୍ଡେଣ୍ଟ, ଇଞ୍ଜିନିଅର ଓ ଅଗ୍ନିନିରାପତ୍ତା ବିଭାଗ ସହ ଜଡ଼ିତ । ଦୀର୍ଘଦିନ ଧରି ଅଗ୍ନି ନିର୍ବାପକ ବ୍ୟବସ୍ଥାର ଯାଞ୍ଚ କରା ନ ଯିବା, ଭବନ ରକ୍ଷାବେକ୍ଷଣରେ ଅବହେଳା ଓ ପ୍ରସ୍ତୁତିର ଅଭାବ ପାଇଁ ଏପରି ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିପାଇଁ ଡିନ୍‌ଙ୍କୁ ଦୋଷୀ କରିବା ବା ତାଙ୍କ ଉପରେ ଆରୋପ କରିବା ଉଚିତ୍ ନୁହେଁ ବୋଲି ସଂଘ ସ୍ପଷ୍ଟ କରିଛି । ସେହିପରି ପ୍ରଫେସର ଡ. ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କୁ ବାରିପଦା ବଦଳି କରାଯିବାକୁ ନେଇ ମଧ୍ୟ ସଂଘ ଉଦ୍‌ବେଗ ପ୍ରକାଶ କରିଛି । ଏହି ପଦକ୍ଷେପଗୁଡ଼ିକ ପଛରେ ବାହ୍ୟ ଚାପ ଓ ରାଜନୈତିକ ପ୍ରଭାବ ଥାଇପାରେ ବୋଲି ସଂଘ ଅଭିଯୋଗ କରିଛି । ଏପରି ଅନ୍ୟାୟ ଓ ଏକପାଖିଆ କାର୍ଯ୍ୟ ଡାକ୍ତରଙ୍କୁ ମାନସିକ ଭାବେ ଚାପଗ୍ରସ୍ତ କରିବ ଓ ମନୋବଳକୁ ଗଭୀର ଭାବେ ପ୍ରଭାବିତ କରିବ । ଭବିଷ୍ୟତରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଧ୍ୟ ଦୁର୍ବଳ କରିପାରେ ବୋଲି ସଂଘ ଚେତାବନୀ ଦେଇଛି । ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ କରି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା, ସରକାରୀ ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରିବା, ବାହ୍ୟ ପରିଚାଳନାରେ ତ୍ରୁଟି ପାଇଁ ଏକାଡେମିକ୍ ନେତୃତ୍ୱକୁ ଅନ୍ୟାୟ ଭାବେ ଦଣ୍ଡିତ ନ କରିବା ସହିତ ଡାକ୍ତର ସମାଜର ସମ୍ମାନ ଓ ମନୋବଳ ରକ୍ଷା କରିବା ପରି ୪ ଦଫା ଦାବି କରାଯାଇଛି । ସ୍ୱଚ୍ଛ ଓ ନିରପେକ୍ଷ ଭାବେ ବାହ୍ୟ ଚାପ ବିନା ତଦନ୍ତ କରି ପ୍ରକୃତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସଂଘ ଦାବି କରିଛି ।

# ୨୦୨୯ ରେ ସଂସଦକୁ ନିର୍ବାଚିତ ହେବେ ୨୭୩ ମହିଳା ସାଂସଦ

### ମହିଳାଙ୍କ ପାଇଁ ସଂରକ୍ଷିତ ହେବ ଓଡ଼ିଶାର ୧୦ ଲୋକସଭା ଆସନ

- ରାଜ୍ୟ ବିଧାନସଭାରେ ୭୦ ଟପିବ ମହିଳା ବିଧାୟକଙ୍କ ସଂଖ୍ୟା
- ଦେଶର ଲୋକସଭା ଆସନ ସଂଖ୍ୟା ୮୧୬ରେ ପହଞ୍ଚିବା ସମ୍ଭାବନା
- ଦେଶର ସବୁ ରାଜନୈତିକ ଦଳ ସହ ଗୃହ ମନ୍ତ୍ରୀଙ୍କ ବିଚାରବିମର୍ଶ
- ଚଳିତ ସପ୍ତାହରେ ଆସିପାରେ ସମ୍ବିଧାନ ସଂଶୋଧନ ବିଧେୟକ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୩(ସମିସ): ଗତ ଶତାବ୍ଦୀର ଶେଷ ଦଶନ୍ଧୀରେ ମହିଳାମାନଙ୍କ ପାଇଁ ରାଜନୀତିରେ ସ୍ଥାନ ସଂରକ୍ଷଣ ପାଇଁ ସ୍ୱପ୍ନ ଦେଖିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ଏଥିପାଇଁ ନକ୍ସା ପ୍ରସ୍ତୁତ କରିଥିଲେ । ୨୦୦୦ ମସିହାରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ମହିଳା ସଶକ୍ତିକରଣ ସହ ସେମାନଙ୍କୁ ରାଜନୀତିରେ ଉପଯୁକ୍ତ ମର୍ଯ୍ୟାଦା ଦେବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ ନବୀନ ପଟ୍ଟନାୟକ । ରାଜନୀତିରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ନିମନ୍ତେ ବିଜୁ ଜନତା ଦଳ ସଂସଦରେ ବାରମ୍ବାର ଦାବି କରିଥିଲା । ଲୋକସଭା ନିର୍ବାଚନରେ ବିଜେଡି ଏକ ତୃତୀୟାଂଶ ସ୍ଥାନରେ ମହିଳାମାନଙ୍କୁ ପ୍ରାର୍ଥୀ କରି ସାରା ଦେଶରେ ଉଦାହରଣ ସୃଷ୍ଟି କରିଥିଲା । ଏପରିକି ୨୦୨୨ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ନବୀନ ପଟ୍ଟନାୟକ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ନିର୍ବାଚନରେ ସୁଯୋଗ ଦେଇଥିଲେ, ୭୦% ଜିଲ୍ଲା ପରିଷଦରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ପଦରେ ମହିଳାମାନଙ୍କୁ ସୁଯୋଗ ସାରା ଦେଶରେ ରେକଡର୍ ସୃଷ୍ଟି କରିଥିଲା । ମହିଳା ସଂରକ୍ଷଣ ପାଇଁ ବିଜେଡି ସହ ଦେଶର ଅନ୍ୟ ରାଜନୈତିକ ଦଳଗୁଡ଼ିକ ବି ସ୍ୱର ମିଳାଇଥିଲେ; ଶେଷରେ ସଂସଦ ଓ ବିଧାନସଭାରେ ୩୩% ସଂରକ୍ଷଣ ପ୍ରସ୍ତାବ ୨୦୨୩ରେ ଗୃହୀତ ହୋଇଥିଲା ଦେଶର ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ଓ ମହିଳା ସାଂସଦଙ୍କ ପାଇଁ ୩୩% ସଂରକ୍ଷଣ ସହ ଆସନ ସଂଖ୍ୟା ୨୭୩ କରାଯିବା ପାଇଁ ସଂସଦର ଚଳିତ ଅଧିବେଶନରେ ଏ ସଂକ୍ରାନ୍ତରେ ଆଉ ଏକ ସଂଶୋଧନ ପ୍ରସ୍ତାବ ଆଣିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଚଳିତ ସପ୍ତାହରେ ଏ ସଂକ୍ରାନ୍ତ ବିଧେୟକ ସଂସଦରେ ଆଗତ ହେବ ବୋଲି ସୂଚନା ମିଳିଛି ।

ସାଧାରଣତଃ ସମ୍ବିଧାନ ସଂଶୋଧନ ନିମନ୍ତେ ସଂସଦର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ । ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଗତ ତିନିଦିନ ହେଲା ରାଷ୍ଟ୍ରବାଦୀ କଂଗ୍ରେସ, ସମାଜବାଦୀ ପାର୍ଟି, ଆର୍‌ଜେଡ଼ି, ଏଆଇଏମ୍ଆଇଏମ୍, ବିଜେଡି, ଶିବସେନା (ଉଦ୍ଧବ), ୱାଇଏସ୍ଆର୍ କଂଗ୍ରେସ ଆଦି ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିଛନ୍ତି । ଆସନ୍ତାକାଲି ଏ ସଂକ୍ରାନ୍ତରେ କଂଗ୍ରେସ ସହ କେନ୍ଦ୍ର ଗୃହମନ୍ତ୍ରୀ ଆଲୋଚନା କରିବେ । ଯଦି ଏହି ଆଲୋଚନା ସଫଳ ହୁଏ, ତେବେ ଏହି ସପ୍ତାହରେ ସଂସଦରେ ସୀମା ନିର୍ଦ୍ଧାରଣ କମିଶନ ଗଠନ ଓ ମହିଳା ସଂରକ୍ଷଣ ନିମନ୍ତେ ଗୃହୀତ ହୋଇଥିବା ନାରୀ ଶକ୍ତି ବନ୍ଦନ ଆଇନ ସଂଶୋଧନ ବିଧେୟକ ଆଗତ କରାଯିବ । ସଂସଦର ଉଭୟ ସଦନରେ ଗୃହୀତ ହେବା ପରେ ମହିଳା ସଂରକ୍ଷଣ ସଂକ୍ରାନ୍ତ ନାରୀ ଶକ୍ତିବନ୍ଦନ ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି, ମାତ୍ର ଏହା ଏଯାଏ କାର୍ଯ୍ୟକାରୀ କରାଯାଇ ନାହିଁ । ତେଣୁ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ପ୍ରକାଶ କରିବେ ।

ଫଳରେ ୨୦୨୯ରେ ଦେଶରେ ଏକ ତୃତୀୟାଂଶ ଲୋକସଭା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ୫୦% ଲୋକସଭା ଆସନ ବୃଦ୍ଧି ପରେ ଉତ୍ତରପ୍ରଦେଶରୁ ସର୍ବାଧିକ ୪୦ ଜଣ ମହିଳା ସାଂସଦ ନିର୍ବାଚିତ ହେବେ । ସେହିପରି ଆନ୍ଧ୍ରପ୍ରଦେଶରୁ ୨୧, ବିହାରରୁ ୨୦, ଗୁଜରାଟରୁ ୧୩, ଓଡ଼ିଶାରୁ ୧୦, କର୍ଣ୍ଣାଟକରୁ ୧୪, କେରଳରୁ ୧୦, ମହାରାଷ୍ଟ୍ରରୁ ୨୪, ମଧ୍ୟପ୍ରଦେଶରୁ ୧୫, ପଞ୍ଜାବରୁ ୭, ରାଜସ୍ଥାନରୁ ୧୩, ତାମିଲନାଡୁରୁ ୨୦, ପଶ୍ଚିମବଙ୍ଗରୁ ୨୧ ମହିଳା ସାଂସଦ ଲୋକସଭାକୁ ନିର୍ବାଚିତ ହେବେ । ଅନୁରୂପ ଭାବରେ ବିଧାନସଭା ଓ ବିଧାନ ପରିଷଦଗୁଡ଼ିକରେ ମଧ୍ୟ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ଓଡ଼ିଶା ବିଧାନସଭାରେ ୫୦% ଆସନ ବୃଦ୍ଧି ପରେ ଆସନ ସଂଖ୍ୟା ଅନ୍ୟୂନ ୨୧୦ ଅତିକ୍ରମ କରିବ ଓ ମହିଳାଙ୍କ ପାଇଁ ୭୦ ଆସନ ସଂରକ୍ଷିତ ରହିବ ବୋଲି ଆକଳନ କରାଯାଇଛି ।

# ବିମାନବନ୍ଦରରୁ ପୁଣି ୨.୫ କୋଟିର ମାରିଜୁଆନା ଜବତ

**ବ୍ୟାଙ୍କକ ଫ୍ଲାଇଟ୍‌କୁ ନେଇ ବଢୁଛି ସନ୍ଦେହ; ୨ ଅଟକ**

ଭୁବନେଶ୍ୱର, ୨୪।୩ (ସମିସ): ଭୁବନେଶ୍ୱର ବିମାନବନ୍ଦରରୁ ପୁଣିଥରେ ବିପୁଳ ମାରିଜୁଆନା ଜବତ ହୋଇଛି । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିବା ତାମିଲନାଡୁର ଦୁଇ ଯାତ୍ରୀଙ୍କଠାରୁ ମୋଟ ୫.୫କେଜିର ଏହି ନିଶାଦ୍ରବ୍ୟ ଜବତ କରାଯାଇଛି । ଅନ୍ତର୍ଜାତୀୟ ନିଶା ବଜାରରେ ଏହାର ମୂଲ୍ୟ ୨.୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି । ଭୁବନେଶ୍ୱର ଡିଆର୍‌ଆଇ ଏବଂ ସୀମାଶୁଳ୍କ ବିଭାଗ ମିଳିତ ଚଢ଼ଉ କରି ଏହାକୁ ଜବତ କରିବା ସହ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ତାମିଲନାଡୁର ଦୁଇ ଯୁବକ ଆଜି ବ୍ୟାଙ୍କକରୁ ଏକ ବିମାନରେ ଭୁବନେଶ୍ୱର ଆସିଥିଲେ । ସକାଳୁ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା । ସେମାନଙ୍କ ପାଖରେ ଥିବା ବ୍ୟାଗ୍ ଦୁଇଟିରେ ମାରିଜୁଆନା ଥିବା ନେଇ ପୂର୍ବରୁ ଭୁବନେଶ୍ୱର ଡିଆର୍‌ଆଇ ଏବଂ ସୀମାଶୁଳ୍କ ବିଭାଗକୁ ଗୁଇନ୍ଦା ସୂଚନା ମିଳିଥିଲା । ବିମାନବନ୍ଦରରେ ମୁତୟନ ଅଧିକାରୀମାନେ ସେମାନଙ୍କ ବ୍ୟାଗ୍ ଖାନତଲାସି କରିବାରୁ ସେଥିରୁ ୫.୫ କେଜିର ହାଇଡ୍ରୋଫୋନିକ୍ ଗଞ୍ଜେଇ ବା ମାରିଜୁଆନା ଜବତ ହୋଇଥିଲା । ସେମାନେ ଏହି ନିଶାଦ୍ରବ୍ୟକୁ ତାମିଲନାଡୁ ଓ କେରଳ ଚାଲାଣ କରିଥା'ନ୍ତେ ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି । ସେମାନଙ୍କୁ ଅଟକ ରଖି ଅଧିକ ପଚରାଉଚରା କରାଯାଉଛି ।

ଅନ୍ୟପକ୍ଷରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ ଏକ ନିୟମିତ ବ୍ୟାପାରରେ ପରିଣତ ହେଲାଣି । ଅଧିକାଂଶ ବ୍ୟାଙ୍କକ ବିମାନଯାତ୍ରୀଙ୍କଠାରୁ ଗଞ୍ଜେଇ ଓ ମାରିଜୁଆନା ମିଳୁଛି । ଏଣୁ ସେଠାରୁ ଆସୁଥିବା ଯାତ୍ରୀଙ୍କ ଉପରେ ଏବେ ସନ୍ଦେହ ବଢ଼ିବାରେ ଲାଗିଛି । ନିୟମିତ ବ୍ୟବଧାନରେ ବାଙ୍କକ୍ ବିମାନରୁ ମାରିଜୁଆନା ଜବତ ହେଉଥିବାରୁ ଦୁଇ ବିଭାଗର ଅଧିକାରୀମାନେ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଅପରପକ୍ଷେ, ସେଠାରୁ ଆସୁଥିବା ମାରିଜୁଆନା ବିଶେଷକରି ଦକ୍ଷିଣ ଭାରତକୁ ରପ୍ତାନୀ କରାଯାଉଛି । ଏଠାରେ ରେଭ୍ ପାର୍ଟିରେ ଏହାକୁ ବ୍ୟବହାର କରାଯାଇଥା'ନ୍ତା ବୋଲି ଅନୁମାନ କରାଯାଉଛି । ରାଜ୍ୟରୁ ଉତ୍ପାଦନ ହେଉଥିବା ଗଞ୍ଜେଇରେ ୩ ପ୍ରତିଶତ ଟେଟ୍ରା-ହାଇଡ୍ରୋକାନାବିନୋଲ୍ ମିଳୁଥିବା ବେଳେ ମାରିଜୁଆନାରେ ୩୦ପ୍ରତିଶତ ପର୍ଯ୍ୟନ୍ତ ଟେଟ୍ରା-ହାଇଡ୍ରୋକାନାବିନୋଲ୍ ରହିଛି । ଏଣୁ, ଅଧିକ ନିଶା ପାଇଁ ଏହା ପିଲାମାନଙ୍କ ଦ୍ୱାରା ଆୟୋଜିତ ରେଭ୍‌ପାର୍ଟିରେ ଅଧିକ ଲୋକପ୍ରିୟ ।

ଉଲ୍ଲେଖଯୋଗ୍ୟ, ଗତ ୨ ମାସ ତଳେ ଭୁବନେଶ୍ୱର ବିମାନବନ୍ଦରରୁ ୮ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା ବେଳେ ଗତ ବର୍ଷ ଡିସେମ୍ବର ୨୫ରେ ୪ କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଇଥିଲା ।

# ମହାପ୍ରଭୁଙ୍କ ସେବା ପାଇଁ କସ୍ତୁରୀ ଅଭାବ

**ଶୁଣିଲାନି ଶ୍ରୀମନ୍ଦିର ପ୍ରଶାସନ; ନେପାଳ ସରକାରଙ୍କୁ ଚିଠି ଲେଖିଲେ ସେବକ**

ପୁରୀ, ୨୪।୩(ସମିସ): ମହାପ୍ରଭୁଙ୍କ ସେବା ପାଇଁ ଅଭାବ ପଡ଼ିଲାଣି କସ୍ତୁରୀ । ଏହି ଅଭାବ ପୂରଣ କରିବାକୁ ନେପାଳ ସରକାରଙ୍କୁ ଚିଠି ଲେଖିଛନ୍ତି ମହାପ୍ରଭୁଙ୍କ ବନକଲାଗି ନୀତି ବା ଶ୍ରୀମୁଖ ଶୃଙ୍ଗାର ନୀତି ସମ୍ପାଦିତ କରୁଥିବା ବରିଷ୍ଠ ଦତ୍ତମହାପାତ୍ର ସେବାୟତ ସଞ୍ଜୟ ଦତ୍ତମହାପାତ୍ର । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ମାଧ୍ୟମରେ ନେପାଳ ସରକାରଙ୍କୁ ଶ୍ରୀମନ୍ଦିର ପାଇଁ କସ୍ତୁରୀ ଯୋଗାଇବାକୁ ଚିଠି ଲେଖିଛନ୍ତି ସଞ୍ଜୟ । ଦୀର୍ଘ ବର୍ଷ ହେବ, ବନକଲାଗି ନୀତି ପାଇଁ କସ୍ତୁରୀର ଅଭାବ ପରିଲକ୍ଷିତ ହୋଇଥିବା ନେଇ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇ କିଛି ଫଳ ନ ମିଳିବାରୁ ନେପାଳ ସରକାରଙ୍କୁ ସେ ଏନେଇ ଚିଠି ଲେଖିଥିବା କହିଛନ୍ତି । ବନକଲାଗି ନୀତିରେ କସ୍ତୁରୀର ବଡ଼ ଭୂମିକା ରହିଛି ।

ମହାପ୍ରଭୁଙ୍କ ଶ୍ରୀମୁଖକୁ ସୁରକ୍ଷିତ ରଖିବାରେ କସ୍ତୁରୀର ଆବଶ୍ୟକତା ରହିଥାଏ । ଶ୍ରୀମନ୍ଦିରକୁ ନେପାଳରୁ କସ୍ତୁରୀ ଆସୁଥିବା ବେଳେ ଏବେ କିଛି ବର୍ଷ ହେବ କସ୍ତୁରୀ ଯୋଗାଣ ବନ୍ଦ ରହିଛି । ନେପାଳ ସହ ଶ୍ରୀମନ୍ଦିରର ସମ୍ପର୍କ ବେଶ୍ ନିବିଡ଼ ଓ ପୁରାତନ ହୋଇଥିବାରୁ କସ୍ତୁରୀ ଆବଶ୍ୟକତାକୁ ପୂରଣ ପାଇଁ ନେପାଳ ସରକାରଙ୍କୁ ଇ-ମେଲ୍ ଯୋଗେ ଗତ ଜାନୁଆରୀରେ ଚିଠି ଲେଖି ଅନୁରୋଧ କରିଛନ୍ତି ଦତ୍ତମହାପାତ୍ର ସେବାୟତ ସଞ୍ଜୟ ।

# ଆଜିଠୁ ରତ୍ନ ଅଳଙ୍କାର ଗଣତିମଣତି

- ୪୭ ବର୍ଷ ପରେ ହେବାକୁ ଯାଉଛି ଗଣତିମଣତି
- ୧୯୭୮ ମସିହା ତାଲିକା ସହ ହେବ ମେଳକ
- ବାହାର କାଠରୁ ଦର୍ଶନ କରିବେ ଭକ୍ତ

ପୁରୀ, ୨୪।୩ (ସମିସ): ଦୀର୍ଘ ୪୭ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତିକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ଶୁଭ ମୁହୂର୍ତ୍ତ ଚୈତ୍ର ଶୁକ୍ଳ ସପ୍ତମୀ ତିଥି ବୁଧବାର ମଧ୍ୟାହ୍ନ ୧୨ଟା ୯ରୁ ଅପରାହ୍ଣ ୧ଟା ୪୫ମଧ୍ୟରେ ରତ୍ନ ଅଳଙ୍କାର ଗଣତିମଣତିର ଶୁଭାରମ୍ଭ ହେବ । ଏଥିପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସରିଛି । ପୂର୍ବ ନିର୍ଦ୍ଧାରିତ ମାହେନ୍ଦ୍ର ବେଳାରେ ଅଧିକୃତ ବ୍ୟକ୍ତିମାନେ ୧୯୭୮ ମସିହା ତାଲିକା ସହ ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ମେଳକ କରିବେ ।

ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପି ଆଧାରରେ ହେବ ଗଣତିମଣତି । ଏଥିଲାଗି ଦୁଇଟି ଟିମ୍ ଗୋଟିଏ ତତ୍ତ୍ୱାବଧାରକ ବା ସୁପରଭାଇଜିଂ ଏବଂ ଅନ୍ୟଟି କାର୍ଯ୍ୟନିର୍ବାହୀ ବା ହ୍ୟାଣ୍ଡ୍‌ଲିଂ ଟିମ୍ ଗଠନ କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତତ୍ତ୍ୱାବଧାରକ ଟିମ୍‌ର ଅଧ୍ୟକ୍ଷ ରହିଥିବା ବେଳେ ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ, ଜଣେ ସେବାୟତ ସଦସ୍ୟ ରହିଛନ୍ତି । ସେହିପରି କାର୍ଯ୍ୟବାହୀ ଟିମ୍‌ରେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ, ପାଟଯୋଶୀ ମହାପାତ୍ର, ଭଣ୍ଡାରମେକାପ, ତଢ଼ଉକରଣ, ଦେଉଳକରଣ, ଶ୍ରୀମନ୍ଦିର ବଣିଆ ସେବକ, ଦୁଇଜଣ ସ୍ୱର୍ଣ୍ଣକାର, ଦୁଇ ଜଣ ଜେମୋଲୋଜିଷ୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ଅଧିକାରୀ ପ୍ରମୁଖ ସାମିଲ ରହିବେ । ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରିଡି ମ୍ୟାପିଙ୍ଗ୍ କରାଯିବ । ଗଣତିମଣତି ସମୟରେ ଶ୍ରୀଜୀଉଙ୍କର ନୀତି ସମ୍ପାଦନ ଅବ୍ୟାହତ ରଖାଯିବା ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ଗଣତି ପ୍ରକ୍ରିୟାର ସୁରକ୍ଷା ଦୃଷ୍ଟିରୁ ଭକ୍ତଗଣଙ୍କ ପାଇଁ କେବଳ ବାହାର କାଠ ନିକଟରେ ଦର୍ଶନ ସୁବିଧା ଉପଲବ୍ଧ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସମ୍ପାଦନରେ ସମସ୍ତ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଗଣଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ।

ସୂଚନାଥାଉ କି, ଶେଷଥର ପାଇଁ ୧୯୭୮ ମସିହାରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି ହୋଇଥିଲା । ମେ' ୧୩ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ପ୍ରାୟ ୭୦ ଦିନ ଧରି ଏହା ଚାଲିଥିଲା । ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶିତ ରତ୍ନଭଣ୍ଡାର ପୁସ୍ତକ ଅନୁଯାୟୀ, ରତ୍ନଭଣ୍ଡାରରେ ୪୫୪ ପ୍ରକାରର ୧୨୮.୩୮ କେଜିର ସ୍ୱର୍ଣ୍ଣ, ୨୯୩ ପ୍ରକାରର ୨୨୧.୫୩ କେଜିର ରୁପା ରହିଛି । ଭିତର ରତ୍ନଭଣ୍ଡାରରେ ୩୬୭ ପ୍ରକାରର ୪୩.୦୬ କେଜିର ସ୍ୱର୍ଣ୍ଣ ଓ ୨୩୧ ପ୍ରକାରର ୧୪୮.୭ କେଜିର ରୁପା ଅଳଙ୍କାର ରହିଛି । ବାହାର ରତ୍ନଭଣ୍ଡାର ଘରେ ୭୯ ପ୍ରକାରର ୮୧.୦୭ କେଜିର ସ୍ୱର୍ଣ୍ଣ, ୩୯ ପ୍ରକାରର ୪୬.୦୭ କେଜିର ରୁପା ଅଳଙ୍କାର ରହିଛି । ସେହିପରି ଚଳନ୍ତି ଭଣ୍ଡାର ଘରେ ୮ ପ୍ରକାରର ୨୯୯ ଭରିର ସ୍ୱର୍ଣ୍ଣ ଓ ୨୩ ପ୍ରକାରର ୨,୬୦୩ ଭରିର ରୁପା ରହିଛି । ରତ୍ନ ଅଳଙ୍କାର ଗଣତିମଣତି ବେଳେ ତାହାକୁ ମେଳକ କରାଯିବ ।

# ସୋର ତହସିଲଦାରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

**୨ ଗିରଫ**

ବାଲେଶ୍ୱର/ସୋର, ୨୪।୩ (ସମିସ): ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲିମାଫିଆ । କି' ପୁଲିସ, କି' ପ୍ରଶାସନ; କାହାରିକୁ ଭୟ କି ଖାତିର୍ ନାହିଁ । ଯିଏ ସେମାନଙ୍କ ବାଟ ଓଗାଳୁଛି, ତାକୁ ନାଲିଆଖି ଦେଖାଇବାକୁ, ଏପରିକି, ତା' ଉପରେ ହାତ ଉଠାଇବାକୁ ବି ପଛଘୁଞ୍ଚା ଦେଉନାହାନ୍ତି । ମୟୂରଭଞ୍ଜ ଓ ବାଲେଶ୍ୱରରୁ ନିୟମିତ ଅନ୍ତରାଳରେ ଏଭଳି ଘଟଣା ସାମ୍ନାକୁ ଆସୁଥିଲେ ହେଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ସେମାନଙ୍କ ସାହସ ବଢ଼ି ବଢ଼ି ଚାଲିଥିବା ଅଭିଯୋଗ ହୋଇଛି । ଗତରାତିରେ ବାଲେଶ୍ୱର ଜିଲ୍ଲା ସୋର ତହସିଲଦାର ଚିନ୍ମୟ ରାଉତ ଓ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ବାଲିମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ଗତକାଲି ଅପରାହ୍‌ଣରେ ଉଭୟ ଅନନ୍ତପୁରରୁ ସୋର ଅଭିମୁଖେ ଫେରୁଥିବା ବେଳେ ଅଇଁରୀ ଛକ ନିକଟରେ ଏକ ବେଆଇନ ବାଲି ବୋଝେଇ ଗାଡ଼ିର କାଗଜପତ୍ର ଯାଞ୍ଚ କରିଥିଲେ । କିନ୍ତୁ, କାଗଜପତ୍ର ଦେଖାଇବା ପରିବର୍ତ୍ତେ ଗାଡ଼ି ଚାଳକ ଓ ତାଙ୍କର ସହଯୋଗୀ ତହସିଲଦାରଙ୍କୁ ଆକ୍ରମଣ କରିବା ସହ ଜରୁରୀ କାଗଜପତ୍ର ଛଡ଼ାଇ ଫେରାର୍ ହୋଇଯାଇଥିଲେ । ଏ ସଂପର୍କରେ ତହସିଲଦାର ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ଅଇଁରୀ ଗ୍ରାମର ଦୀପକ ଦାସ(୩୫) ଓ ଗାଡ଼ି ଚାଳକ ବଗଲପୁର ଗ୍ରାମର ଦୀନବନ୍ଧୁ ହେମ୍ବ୍ରମକୁ ଗିରଫ କରିଛି । ଆଜି ଅପରାହ୍‌ଣରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯାଇଛି । ଅପରପକ୍ଷେ, ଅନନ୍ତପୁର ପୁଲିସ ଘଟଣାସ୍ଥଳରୁ ଗାଡ଼ିକୁ ଜବତ କରିବା ପରେ ମଧ୍ୟ ବାଲିମାଫିଆ ଜୋର୍‌ଜବରଦସ୍ତ ଗାଡ଼ିରୁ ଅଧା ବାଲି ଅନଲୋଡ୍ କରିଦେଇଥିଲେ ।

ଲଘୁ ଖଣିଜ ଚୋରିର ବେଲଗାମ ପରିସ୍ଥିତିରୁ ମୁକୁଳିବା ପାଇଁ ଜିଲ୍ଲା ପୁଲିସ ଓ ପ୍ରଶାସନ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ନକଲେ, ପରିସ୍ଥିତି ଅସମ୍ଭାଳ ହେବ ବୋଲି ବୁଦ୍ଧିଜୀବୀମହଲରେ ଚର୍ଚ୍ଚା ହେଉଛି ।

### ବାଲେଶ୍ୱର ସହର ପୁଣି ଅଶାନ୍ତ

## ପୂର୍ବଶତ୍ରୁତାରୁ ଫୁଟିଲା ଗୁଳି; ୨ ଗୁରୁତର

ବାଲେଶ୍ୱର, ୨୪ ।୩(ସମିସ): ବାଲେଶ୍ୱର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି । ସହରର ପରିବେଶ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି । ଏପରି ସ୍ଥିତିରେ, ଗତରାତିରେ ପୂର୍ବଶତ୍ରୁତାକୁ ନେଇ ସହର ଛାତି ଉପରେ ପୁଣି ଗୁଳି ଫୁଟିଛି । ଏଥିରେ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ସହଦେବଖୁଣ୍ଟା ଥାନା ଅରଡ଼ବଜାର ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି । ଗୁରୁତର ଯୁବକଦ୍ୱୟ ହେଲେ, ସହଦେବଖୁଣ୍ଟା ଥାନା ଅଞ୍ଚଳର ମନୋଜ କୁମାର ସାହୁ ଏବଂ କାର୍ତ୍ତିକ ପ୍ରସାଦ । ସେମାନଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନଥିଲା । ଘଟଣାର ତଦନ୍ତ ଚାଲିଥିବା ଏସ୍‌ପି ପ୍ରତ୍ୟୁଷ ଦିବାକର କହିଛନ୍ତି ।

## ଯୁବକଙ୍କ ବେକ କାଟି ନିର୍ମମ ହତ୍ୟା

ବାଲେଶ୍ୱର,୨୪ ।୩(ସମିସ): ୩ହଜାର ଟଙ୍କା ପାଇଁ ଜଣେ ଯୁବକଙ୍କ ବେକ କାଟି ନିର୍ମମ ହତ୍ୟା । ବାଲେଶ୍ୱର ରେଳ ଷ୍ଟେସନ୍ ସାଇମନ୍ଦିର ଗଳି ନିକଟ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ମୃତ ଯୁବକଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳର ଗୋପାଳ ସିଂ । ସହଦେବଖୁଣ୍ଟା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗୋପାଳଙ୍କ ଭାଉଜ ଲିଜା ସିଂ ଏ ସଂପର୍କରେ ଅଭିଯୋଗ କରିଛନ୍ତି । ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗୋପଳଙ୍କ ପତ୍ନୀଙ୍କ ଟ୍ୟୁମର୍ ହୋଇଥିଲା । ଅସ୍ତ୍ରୋପଚାର ପାଇଁ ସେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । ତାଙ୍କ ପାଖରେ ୩ ହଜାର ଟଙ୍କା ଥିଲା । କେହି ଦୁର୍ବୃତ୍ତ ତାଙ୍କଠାରୁ ଟଙ୍କା ଛଡ଼ାଇବା ପାଇଁ ତାଙ୍କୁ ଏମିତି ଅମାନୁଷିକ ଭାବେ ହତ୍ୟା କରିଛି ।

## ଏପ୍ରିଲ ୬ରୁ ନିମ୍ନ ଅଦାଲତ ସକାଳୁଆ

କଟକ,୨୪ ।୩(ସମିସ): ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ପକ୍ଷରୁ ନିମ୍ନ ଅଦାଲତଗୁଡ଼ିକର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରାଯାଇଛି । ଆସନ୍ତା ଏପ୍ରିଲ ୬ ତାରିଖ (ସୋମବାର)ଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଅଧସ୍ତନ ଅଦାଲତଗୁଡ଼ିକ ସକାଳୁଆ କାର୍ଯ୍ୟ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, କୋର୍ଟ କାର୍ଯ୍ୟ ସକାଳ ୭ଟାରୁ ଅପରାହ୍‌ଣ ୧ଟା ପର୍ଯ୍ୟନ୍ତ ଚାଲିବ । ଏଥିମଧ୍ୟରେ ସକାଳ ୧୦ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ୩୦ମିନିଟ ବିରତି ରହିବ । କୋର୍ଟ ସିଟିଂ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ସାମେ ୧୨ଟା ପର୍ଯ୍ୟନ୍ତ ଚାଲିବ । ଏହି ସକାଳୁଆ କାର୍ଯ୍ୟସୂଚୀ ଗ୍ରୀଷ୍ମ ଅବକାଶର ଶେଷ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ । ସମସ୍ତ ଜିଲ୍ଲାରେ ସକାଳୁଆ କୋର୍ଟ ହେବାକୁ ଥିବା ବେଳେ କିଛି ନିର୍ଦ୍ଦିଷ୍ଟ ସହରକୁ ଏଥିରୁ ବାଦ୍ ଦିଆଯାଇଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ (ସଦର) ଓ ପୁରୀ (ସଦର)ରେ ପୂର୍ବଭଳି ସାଧାରଣ ସମୟରେ ଅଦାଲତ ଚାଲିବ ବୋଲି ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ (ପ୍ରଶାସନ)ଙ୍କ ନିର୍ଦ୍ଦେଶକ୍ରମେ ଏହି ନୋଟିସ୍ ଜାରି କରାଯାଇଛି ।

# ଏବେ ବି ଅସ୍ପଷ୍ଟ ପୁଲିସ୍ ଏସ୍‌ଆଇ ପରୀକ୍ଷା

- କେବେ ଓ କିଏ କରିବ ପରୀକ୍ଷା
- ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର

ଭୁବନେଶ୍ୱର, ୨୪।୩ (ସମିସ): ପୁଲିସ୍ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ରାକେଟ୍ ଧରା ପଡ଼ିବା ପରେ ନିଯୁକ୍ତିକୁ ନେଇ ଅନିଶ୍ଚିତତା ଜାରି ରହିଛି । ଚାକିରି ବିକ୍ରି ଘଟଣାରେ ସିବିଆଇ ତନାଘନା କରିବା ପରେ ସରକାରଙ୍କଠାରୁ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଅସମ୍ଭବ ନିରବତା ଅବଲମ୍ବନ କରିଛନ୍ତି । କିଏ ପରୀକ୍ଷା କରିବ ଏବଂ କେବେ ପରୀକ୍ଷା ହେବ, ସେନେଇ କେହି ମୁହଁ ଖୋଲୁନାହାନ୍ତି । ଦୀର୍ଘ ଦିନରୁ ପ୍ରସ୍ତୁତି କରୁଥିବା ଆଶାୟୀମାନେ ଏକାଧିକବାର ଆନ୍ଦୋଳନ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଆଶାୟୀମାନେ ଭାଗ୍ୟଭବିଷ୍ୟତକୁ ଏକ ଅନିଶ୍ଚିତତା ଦେଇ ଗତି କରୁଥିବା ବେଳେ ସରକାର ନିଦାବିଷ୍ଣୁ ପାଲଟିଛନ୍ତି ।

ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଥିଲା । ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଭୂମିକା ସନ୍ଦେହଘେରକୁ ଆସିବା ପରେ ସମସ୍ତପ୍ରକାର ବର୍ଦ୍ଧିଧାରୀଙ୍କ ନିଯୁକ୍ତି ପାଇଁ ସରକାର ନୂତନ ଆୟୋଗ ଗଠନ କରିଛନ୍ତି । ଓଡ଼ିଶା ୟୁନିଫର୍ମ ଷ୍ଟାଫ୍ ସିଲେକ୍ସନ୍ କମିସନ୍(ଓୟୁଏସ୍‌ଏସ୍‌ସି) ଗଢ଼ିବା ସହ ପୁଲିସ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ଅଗ୍ନିକ ପରି ସମସ୍ତ ପ୍ରକାର ବର୍ଦ୍ଧିଧାରୀ ନିଯୁକ୍ତି ପରୀକ୍ଷା ପରିଚାଳନା କରିବେ ବୋଲି କୁହାଗଲା । ଏନେଇ ସରକାର ଘୋଷଣା କରିବାର ପ୍ରାୟ ୫ ମାସ ପରେ ଜାମ୍ମୁ କାଶ୍ମୀରର ପୂର୍ବତନ ପୁଲିସ ଡିଜି ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ମାତ୍ର ପୁଲିସ ଏସ୍‌ଆଇ ପରୀକ୍ଷା ଏହି ନୂତନ ଆୟୋଗ କରିବ ନା ବିଜ୍ଞପ୍ତି ପ୍ରକାଶ କରିଥିବା ଓପିଆର୍‌ବି କରିବ, ତାକୁ ନେଇ ଏବେ ବି ଆଶାୟୀମାନେ ଅନ୍ଧାରରେ ଅଛନ୍ତି ।

ବିଶେଷଜ୍ଞଙ୍କ କହିବା କଥା, ପୂର୍ବରୁ ଓପିଆର୍‌ବି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିବାରୁ ନୂତନ ଆୟୋଗଙ୍କୁ ଅନେକ ଆଇନଗତ ପ୍ରତିବନ୍ଧକ ଆସିପାରେ । ସରକାର ଚାହିଁଲେ, ଏଥିପାଇଁ ସ୍ୱତନ୍ତ୍ର ଅନୁମତି ଦେଇ ପରୀକ୍ଷା ପରିଚାଳନା କରିପାରିବେ । ମାତ୍ର ସେହି ବିଜ୍ଞପ୍ତିକୁ ରଦ୍ଦ କରି ନୂତନ ସଂସ୍ଥା ପୁନଃ ବିଜ୍ଞପ୍ତି ପ୍ରକାଶ କଲେ ଆବେଦନକାରୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବେ । ନୂତନ ପିଲା ଆବେଦନ କରିବେ ଓ ପୂର୍ବରୁ ଆବେଦନ କରିଥିବା ଅନେକ ପିଲାଙ୍କ ବୟସ ହେଉନଥିବା ଅଭିଯୋଗ ହେବ । ଫଳରେ ନିଯୁକ୍ତି ପ୍ରକ୍ରିୟା ବହୁ ବିଳମ୍ବିତ ହୋଇପାରେ । ଏଣୁ, ପୂର୍ବରୁ ଆବେଦନ କରିଥିବା ଆଶାୟୀଙ୍କ ତଥ୍ୟ ଅନୁଯାୟୀ ସରକାରଙ୍କ ସ୍ୱତନ୍ତ୍ର ଅନୁମତିରେ ନୂତନ ଆୟୋଗ ଏହି ପରୀକ୍ଷାକୁ ପରିଚାଳନା କରିପାରିବ । ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆନ୍ତରିକତା ପ୍ରକାଶ କଲେ ଶୀଘ୍ର ପରୀକ୍ଷା ସମ୍ଭବ । ଅପରପକ୍ଷେ, ବିଳମ୍ବିତ ପରୀକ୍ଷା ଆଶାୟୀଙ୍କ ଆଶାକୁ ଧୂଳିସାତ କରୁଛି । ପ୍ରାୟ ୧୫ ମାସ ହେବ ଉଭୟ ଶାରୀରିକ ପ୍ରସ୍ତୁତି ସହ ପାଠପଢ଼ା ଜାରି ରଖିଥିଲେ ମଧ୍ୟ ପରୀକ୍ଷା ନେଇ ସରକାର କୌଣସି ସ୍ପଷ୍ଟ କରୁନଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ସରକାର ଏନେଇ ସ୍ପଷ୍ଟ ନ କଲେ, ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆଶାୟୀମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

# ଗ୍ୟାସ ପାଇଁ ଗ୍ରାହକଙ୍କ ଭିଡ଼




**ବାଲେଶ୍ୱର,୨୪।୩ (ସମିସ):** ସହରରେ ଗ୍ୟାସ ଯୋଗାଣ ସେବା ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ବାଲେଶ୍ୱର ନୂଆବଜାରସ୍ଥିତ ଇଣ୍ଡେନ୍ ଗ୍ୟାସ ଡିଷ୍ଟ୍ରିବ୍ୟୁଟର କାର୍ଯ୍ୟାଳୟ ସମ୍ମୁଖରେ ଆଜି ଶତାଧିକ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଗ୍ୟାସ ମିଳୁନଥିବା ଏବଂ ବୁକିଂରେ ଅନିୟମିତତାକୁ ନେଇ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବାଧ ହୋଇ ଗ୍ରାହକମାନେ ସକାଳୁ ସକାଳୁ ଆସି ଅଫିସ ବାହାରେ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। କିନ୍ତୁ ଅଫିସରେ ମଧ୍ୟ ସୁଚାରୁ ରୂପେ କାମ ହେଉନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଡିଜିଟାଲ୍ ଯୁଗରେ ଫୋନ୍ ମାଧ୍ୟମରେ ବୁକିଂ ସୁବିଧା କାମ କରୁନାହିଁ। ଯେଉଁ ଗ୍ରାହକମାନେ ପୂର୍ବରୁ ବୁକିଂ କରିଛନ୍ତି, ସେମାନଙ୍କୁ ମଧ୍ୟ ନିର୍ଦ୍ଧାରିତ ସମୟରେ ଗ୍ୟାସ ମିଳୁନାହିଁ। ଦିନ ପରେ ଦିନ ଅପେକ୍ଷା କରିବାକୁ ପଡ଼ୁଛି। ଟାଣ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ ଗ୍ୟାସ ମିଳିବ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ସରକାରଙ୍କ ପକ୍ଷରୁ କୌଣସି ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଏହି ଅସନ୍ତୋଷ ବଢ଼ିପାରେ।

# ସରିଲା ଯାଞ୍ଚ; ଖୁବ୍‌ଶୀଘ୍ର ବେଆଇନ କ୍ରସରରେ ହେବ ଚଢ଼ଉ

**ଖଇରା, ୨୪।୩ (ସମିସ)**



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡ଼ପୋଖରୀ, ହାଣ୍ଡିଆହାଟ, ବାରାଯୋଡି, ଗଡ଼ପୋଖରୀ, କୁପାରି ଓ ବରପଦା ଅଞ୍ଚଳରେ ଥିବା କ୍ରସର ଗୁଡିକ ଉପରେ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ, ଖଇରା ଆଇଆଇସି ଜନ ପଟ୍ଟନାୟକ, କନିଷ୍ଠ ଖଣି ଅଧିକାରୀ, ଅଭିଷେକ ବେହେରା, ଆୟକର ବିଭାଗର କର୍ମଚାରୀ ରାକେଶ ମୁଦୁଲି ଓ ପ୍ରଦୁଷଣ ବିଭାଗ ର କର୍ମଚାରୀ ପ୍ରମୋଦ ରାଉତ ମିଳିତ ଭାବେ ୨୨ଟି କ୍ରସର ଉପରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହିତ କ୍ରସରରେ ଥିବା ଷ୍ଟକ ପଥର ଗୁଡିକ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଅନେକ କ୍ରସର ଗୁଡିକରେ ଆବଶ୍ୟକ କାଗଜପତ୍ର ନଥିବା ବେଳେ ସଠିକ ଭାବେ ଜିଏସଟି ଦେଉ ନଥିବା ଦେଖିବାକୁ ମିଳିଛି। ଅନେକ କ୍ରସର ରେ କୌଣସି କାଗଜ ନଥାଇ ଶହଶହ ଟ୍ରିପ ପଥର ଗଚ୍ଛିତ ଥିବା ଦେଖିବାକୁ ମିଳିଛି । କିଛି ଦିନ ତଳେ ବାଲେଶ୍ୱର ଏସପି ଙ୍କ ନିର୍ଦ୍ଦେଶ ଏକ ଟିମ ଗଡ଼ପୋଖରୀ ଅଂଚଳ ରେ ଥିବା ଜଗାବଳିଆ, ରାଧେଶ୍ୟାମ ଓ ସୁଦର୍ଶନ କ୍ରସରରେ ଯାଞ୍ଚ କରି ତରବରିଆ ଭାବେ ୩ ଗୋଟି କ୍ରସର ନାଁ ରେ ମାମଲା ରୁଜୁ କରିବା ନେଇ ଅଂଚଳରେ ବଡ଼ ପ୍ରଶ୍ନ ଉଠୁଥିବା ବେଳେ ଏବେ ଯାଞ୍ଚ ପରେ ଅନ୍ୟ କ୍ରସର ଗୁଡିକରେ କେବେ ହେବ ମାମଲା ତାହାକୁ ସମସ୍ତଙ୍କ ଅପେକ୍ଷା । ଏ ବିଷୟରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକରଙ୍କୁ ପଚାରିବାରୁ ଉକ୍ତ ଅଂଚଳରେ ବହୁ କ୍ରସର ଗୁଡିକ ଅଛି ବିଭିନ୍ନ ବିଭାଗର ଦ୍ୱାରା କାଗଜ ପତ୍ର ଯାଞ୍ଚ ହେଉଛି ସଠିକ କାଗଜପତ୍ର ନଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରକାଶ କରିଥିଲେ। ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଙ୍କୁ ପଚାରିବାରୁ ୫ ରୁ ଉର୍ଦ୍ଧ କ୍ରସର ରେ କିଛି କାଗଜପତ୍ର ଥିବା ବେଳେ କିଛି ଆବଶ୍ୟକ କାଗଜପତ୍ର ନଥିବା ସହିତ କ୍ରସରର ମାଲିକାନା ଜଣଙ୍କ ନାଁ ରେ ଥିବା ବେଳେ ଏଗ୍ରିମେଣ୍ଟ କରି ଅନ୍ୟ ଜଣେ କ୍ରସର ଚଳାଉଥିବା ଦେଖିବାକୁ ମିଳିଛି ଯାହାକି ସଂପୂର୍ଣ୍ଣ ଭାବେ ବେଆଇନ ବୋଲି ପ୍ରକାଶ କରିବା ସହିତ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ଆବଶ୍ୟକ ପଡିଲେ କ୍ରସରକୁ ସିଲ୍ କରାଯିବା ନେଇ ସୂଚନା ଦେଇଥିଲେ।

# ପଶ୍ଚିମବଙ୍ଗରେ ଓଡ଼ିଆ ଦାଦନ ଶ୍ରମିକ ନିଖୋଜ



**ଚନ୍ଦନେଶ୍ୱର,୨୪।୩ (ସମିସ):** ପରିବାରର ପ୍ରତିପୋଷଣ ପାଇଁ ଜଣେ ଓଡ଼ିଆ ଦାଦନ ଶ୍ରମିକ ଠିକାଦାରଙ୍କ ପ୍ରଲୋଭନରେ ପ୍ରଲୋଭିତ ହୋଇ ପଶ୍ଚିମବଙ୍ଗର ଏକ କୁକୁଡ଼ା ଫାର୍ମରେ ଦୀର୍ଘ ୩ ମାସ ଧରି ଦାଦନ ଭାବେ କାର୍ଯ୍ୟ କରିବା ପରେ ଦୀର୍ଘ ୧୪ଦିନ ଧରି ନିଖୋଜ ରହିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ୱାମୀଙ୍କୁ ଖୋଜି ପାଇବା ପାଇଁ ସ୍ତ୍ରୀ ଆକୁଳ ନିବେଦନ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଠଥଭଉଁରୀ ଗ୍ରାମପଞ୍ଚାୟତର କାନ୍ଠଥଭଉଁରୀ ଗ୍ରାମର ବାବୁରାମ କୁଅଁରଙ୍କ ପୁଅ ଅଜିତ କୁଅଁର (୩୧) ଓ ତାଙ୍କର ଜଣେ ସମ୍ପର୍କୀୟ ଭାଇ ବାବୁ କୁଅଁର ଜଳସୋହରିଆ ଗ୍ରାମର ଜଣେ ଠିକାଦାର ବାପି ସାହୁ ଏମାନଙ୍କୁ ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ପୁରିଲିଆ ଜିଲ୍ଲା ଅନ୍ତର୍ଗତ ଜାମକିରି ଅଂଚଳରେ ଏକ କୁକୁଡ଼ା ଫାର୍ମରେ କାର୍ଯ୍ୟ କରାଇ ଦେବା ପାଇଁ ୩ ମାସ ପୂର୍ବରୁ ନେଇ ଯାଇଥିଲେ। ମାତ୍ର ଗତ ୧୩ ତାରିଖରେ ତାଙ୍କ ପିଲାର ଅସୁସ୍ଥତା ସମ୍ପର୍କରେ ତାଙ୍କ ସ୍ତ୍ରୀ ପିକଲୁ କୁଅଁର ତାଙ୍କୁ ଫୋନ କରିବା ପରେ ତହିଁ ପରଦିନ ସକାଳେ ଅଜିତ ଘରକୁ ଆସିଥିବାର ତାଙ୍କ ସମ୍ପର୍କୀୟ ଭାଇ ଖବର ଦେଇଥିଲେ। ମାତ୍ର ଅଜିତ ଘରକୁ ଆସିବାର ଦୀର୍ଘ୧୪ ଦିନ ବିତିଯାଇଥିଲେ ମଧ୍ୟ ଅଜିତ ଘରକୁ ଫେରିନାହାନ୍ତି। ସ୍ତ୍ରୀ ପିକଲୁ କୁଅଁର ସ୍ୱାମୀର ଫେରିବା ବାଟକୁ ଅନାଇ ରହି ୩ ଜଣ ନାବାଳିକା ଝିଅକୁ ଧରି ଘରେ ଅପେକ୍ଷା କରି ଚିନ୍ତାରେ ଦିନ ଗଣୁଛନ୍ତି। ତାଙ୍କ ପାଖରେ ବର୍ତ୍ତମାନ ଖାଇବା ଓ ଚଳିବା ପାଇଁ ବହୁ କଷ୍ଟ ହେଉଛି। ପରିବାର ଲୋକ ଜାମିକିରି ଓ ବାଙ୍କୁଡ଼ା ଅଞ୍ଚଳରେ ୬ ଦିନ ଧରି ଖୋଜାଖୋଜି କରିବାରେ ବହୁ ଟଙ୍କା ଖର୍ଚ୍ଚ କରି କୌଣସି ସନ୍ଧାନ ନ ପାଇ ନିରାଶ ହୋଇପଡିଛନ୍ତି। କୁକୁଡ଼ା ଫାର୍ମରେ ଥିବା ସିକ୍ୟୁରୀଟିଙ୍କୁ ପଚାରିବାରୁ ସେ ତାଙ୍କ ପରିବାର ଲୋକ ଦୁର୍ବ୍ୟବହାର କରିଛନ୍ତି। ଅନ୍ୟ ପକ୍ଷରେ ଠିକାଦାର ବାପି ସାହୁଙ୍କୁ ପଚାରିବାରୁ ସେ ମଧ୍ୟ କିଛି ଶୁଣୁନାହାନ୍ତି। ସବୁଆଡୁ ନିରାଶ ହେବା ପରେ ସ୍ୱାମୀକୁ ନ ପାଇ ସ୍ତ୍ରୀ ପିକଲୁ ଚନ୍ଦନେଶ୍ୱର ଫାଣ୍ଡିରେ ଠିକାଦାର ବାପି ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହିତ ସ୍ୱାମୀକୁ ଖୋଜି ବାହାର କରିବା ପାଇଁ ଆକୁଳ ନିବେଦନ କରିଛନ୍ତି । ସେହିଭଳି ନିଖୋଜ ଥିବା ଅଜିତର ବୃଦ୍ଧା ମା ତୁଳସୀ କୁଅଁର ଜାମକିରି ଥାନା ଓ ଚନ୍ଦନେଶ୍ୱର ଫାଣ୍ଡିରେ ନିଖୋଜ ପୁଅକୁ ଉଦ୍ଧାର କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। କାନ୍ଥଭଉଁରୀ ଗ୍ରାମପଞ୍ଚାୟତର ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନାଙ୍କ ଅନୁରୋଧ କ୍ରମେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବାଲେଶ୍ୱର ଏସପିଙ୍କୁ ଉକ୍ତ ଘଟଣା ସମ୍ପର୍କରେ ଅବଗତ କରାଇଥିବା ଜଣାପଡିଛି।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

**ନୀଳଗିରି, ୨୪।୩ (ସମିସ):** ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯୧ ତମ ଉପଖଣ୍ଡ ସ୍ତରୀୟ ସ୍ୱତନ୍ତ୍ର ଓଡ଼ିଶା ଦିବସ ପାଳନକୁ ସରସ, ସୁନ୍ଦର, ଉତ୍ସାହ ଓ ଉଦ୍ଦୀପନା ସହ ମହାଡମ୍ବରରେ ପାଳନ କରାଯିବା ପାଇଁ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟାଙ୍କ ସହୋଯୋଗ କାମନା କରିଥିଲେ। ଏହି ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବିଗତ ବର୍ଷର ବିବରଣୀ ପାଠ ଅନୁଯାୟୀ ପାଳନ କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଶ୍ରୀମତୀ ରଥ ଚଳିତ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମକୁ ଆଲେଚନା କରି ସମସ୍ତଙ୍କ ମତାମତ ନେଇ ସ୍ଥିର କରାଯାଇଛି।

# ଉପଖଣ୍ଡ ବାର୍ ଆସୋସିଏସନ୍ ନିର୍ବାଚନ




**ନୀଳଗିରି, ୨୪।୩ (ସମିସ):** ଆଗାମୀ ଓକିଲସଂଘ ନିର୍ବାଚନ ପୂର୍ବରୁ ନୀଳଗିରି ଉପଖଣ୍ଡ ଓକିଲସଂଘର ସମସ୍ତ ପଦାଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ଆଜି ଅପରାହ୍ନ ୪ଟା ସମୟରେ ବାର ଆସୋସିଏସନ୍ କାର୍ଯ୍ୟାଳୟ ପରିସରରେ ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଂଘ ଗଠନଠାରୁ କ୍ରମାଗତ ୨୬ବର୍ଷଧରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପରିଲକ୍ଷିତ ହୋଇଛି। ଏତଦଭିନ୍ନ ଚଳିତବର୍ଷର ନିର୍ବାଚନରେ ମଧ୍ୟ ପ୍ରତି ପଦବୀପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଥିବାରୁ ଏବଂ କୌଣସି ପ୍ରତିଦ୍ୱନ୍ଦୀ ନ ଥିବାରୁ ସମସ୍ତପଦବୀର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କାର୍ତ୍ତିକ କୁମାର ରାଉତ ସୂଚନା ଦେଇଛନ୍ତି। ସଭାପତି ଭାବେ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଯତୀନ୍ଦ୍ର ନାୟକ ଓ ଗୌରହରି ବେହେରା ଉପସଭାପତି, କିଶୋର କୁମାର ଦାସ ସମ୍ପାଦକ, ସହ ସଂପାଦକ ଭାବେ ସୁରେଶ ଚନ୍ଦ୍ର ବାରିକ ଏବଂ ବିଘ୍ନେଶ୍ୱର ବାରିକ, ଦେବାନନ୍ଦ ଦାସ କୋଷାଧ୍ୟକ୍ଷ ଏବଂ ଜୟନ୍ତ କୁମାର ସ, ତନୟ କୁମାର ପାତ୍ର, ଶାନ୍ତିଲତା ମିଶ୍ର, ତନୁସ୍ମିତା ମହାଳିକ, ଶୁଭଶ୍ରୀ ନାୟକ, ପ୍ରଶାନ୍ତ କୁମାର ମଲ୍ଲିକ କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ମାର୍ଚ୍ଚ ୨୮ ତାରିଖ ୨୦୨୬/୨୭ ବର୍ଷପାଇଁ ସଂଘର ସମସ୍ତ ନିର୍ବାଚିତ ପଦାଧିକାରୀଙ୍କ ନାମ ନୀତିଗତ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ କୁମାର ରାଉତ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ନୀଳଗିରି, ୨୪।୩ (ସମିସ):** ନୀଳଗିରି ନିର୍ବାଚନ ମଣ୍ଡଳୀ ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଗୁହାଳିଆ ଗ୍ରାମର ଗଙ୍ଗାଧର ନାୟକଙ୍କ ପୁତ୍ର ରତ୍ନାକର ନାୟକ (୪୦) ପ୍ରବାସୀ ଶ୍ରମିକ ଭାବରେ କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ ଲୁଗା କଳରେ କାର୍ଯ୍ୟ କରୁଥିଲେ। ଗତ ସୋମବାର ନିଜ ବସା ଘରୁ ଚାଲି କରି କାରଖାନାକୁ ଯିବା ବାଟରେ ମୁଣ୍ଡ ବୁଲାଇବା ଯୋଗୁଁ ଥରି ଥରି ପକ୍କା ରାସ୍ତା ଉପରେ ପଡିଯାଇ ଚେତା ଶୂନ୍ୟ ହୋଇ ଯାଇଥିଲେ। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବାରୁ କାମାଶପାଲିଆ ଥାନା ପୁଲିସ ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚାଇ ଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୮ ବର୍ଷର ପୁଅ ଓ ୧୫ ବର୍ଷର ଝିଅଟିଏ, ପିତା ମାତା ବୃଦ୍ଧ, ଜମି ବାଡି ନାହିଁ। ପୂର୍ବରୁ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଓ ତାଙ୍କର ନିର୍ମାଣ ଶ୍ରମିକ ପଞ୍ଜିକୃତ କାର୍ଡ ଅଛି। ତେଣୁ ନିର୍ମାଣ ଶ୍ରମିକ ଭାବେ ସମସ୍ତ ସରକାରୀ ସାହାଯ୍ୟ ସରକାରଙ୍କର ଶ୍ରମ ବିଭାଗ ଯୋଗାଇ ଦେବାକୁ ସ୍ଥାନୀୟ ବାଉଁଶବଣିଆ ସରପଞ୍ଚ ଦାବି କରିଛନ୍ତି। ତାଙ୍କର ମର ଶରୀର ସ୍ଥାନୀୟ ପ୍ରବାସୀ ଶ୍ରମିକମାନେ ଉଦ୍ୟମ କରି ଉଡାଜାହାଜ ଯୋଗେ ଭୁବନେଶ୍ୱର ଓ ଆମ୍ବୁଲ୍ୟାନସ ଯୋଗେ ଗୁହାଳିଆ ଗ୍ରାମରେ ପହଞ୍ଚାଇ ଥିଲେ। ମର ଶରୀର ପହଞ୍ଚିଲା ବେଳକୁ ହଜାର ହଜାର ସ୍ଥାନୀୟ ଲୋକ ଠୁଳ ହୋଇ ଥିଲେ। ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ, ନାଏବ ସରପଞ୍ଚ ସୁପ୍ରଭା ପ୍ରଧାନ, ୱାର୍ଡ ସଭ୍ୟା ଶାନ୍ତିଲତା ନାୟକ, ସେବା ସମବାୟ ପରିଚାଳନା ସଦସ୍ୟ ଦୀପକ କୁମାର ନାୟକ, ନିରଞ୍ଜନ ଜେନା, ସମାଜ ସେବୀ ମଧୁସୂଦନ ନାୟକ, ପୋଲିସ ଅଧିକାରୀ ମୃତ୍ୟୁଞ୍ଜୟ ବେହେରା, ପାଟପୁର ବଜାର କମିଟି ସଭାପତି ସର୍ବେଶ୍ୱର ସାହୁ, ରତ୍ନାକର ସାହୁ, ମଳୟ ସାହୁ ଉପସ୍ଥିତ ଥିଲେ।

# ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ପଦଯାତ୍ରା




**ବାଲେଶ୍ୱର,୨୪।୩ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମୂଲ୍ୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ପଦଯାତ୍ରାରେ ଏ.ଏନ.ଏମ. ଟ୍ରେନିଂ ସେଣ୍ଟରର ଛାତ୍ରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବ୍ଲକରୁ ଆସିଥିବା ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାରେ ୨୦୨୪ ମସିହାରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିବା ବେଳେ ୨୫୦୮ ଜଣ ଆରୋଗ୍ୟ ଲାଭ କରିଥିଲେ ଏବଂ ୨୦୨୫ ମସିହାରେ ୨୮୪୩ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୬୪୩ ଜଣ ଆରୋଗ୍ୟ ଲାଭ କରିଥିଲେ ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼ା. ମନୋଜ କୁମାର ସାହୁ ସୂଚନା ଦେଇଥିଲେ। ବର୍ତ୍ତମାନ ଚିକିତ୍ସିତ ହେଉଥିବା ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଉଅଛି। ଏଥିପାଇଁ ରାଜ୍ୟପାଳ ୨୦ ଜଣ, ଭାରତର ରେଡକ୍ରସ ସୋସାଇଟି ୧୫୮୩ ଜଣ, ଅଙ୍କୁର ପ୍ଲାଷ୍ଟିକ ୫୦ ଜଣ ଓ ଦେବାଶିଷ ଦାସଙ୍କ ତରଫରୁ ୬୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଉଛି ବୋଲି ଜିଲ୍ଲା ସଂଯୋଜକ ବିଶ୍ୱରଂଜନ ନାୟକ ପ୍ରକାଶ କରିଥିଲେ। ଏଥିସହିତ ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଚକ୍ରଧର ଜେନା ପରିଚାଳନା କରିଥିବା ବେଳେ ଡ଼ା. ସଂଜୀବ ପ୍ରଧାନ, ଶରତ କୁମାର ଦାସ ମହାପାତ୍ର, ସୁଶାନ୍ତ ବେହେରା ଓ ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହିତ ଆଭାସି ଜରିଆରେ ଯୋଡି ହୋଇଥିଲେ। ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଧିକାରୀ ମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।


# ରାମନବମୀ ଲାଗି ଶାନ୍ତି କମିଟି ବୈଠକ

**ଜଳେଶ୍ୱର,୨୪।୩ (ସମିସ):** ଆସନ୍ତା ରାମ ନବମୀ ଉପଲକ୍ଷେ ପୁଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ଶାନ୍ତି କମିଟି ବୈଠକ ଜଳେଶ୍ୱର ଏସଡିପିଓ କାର୍ଯ୍ୟାଳୟ ପରିସରରେ ଏସଡିପିଓ ସୁବ୍ରତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଳେଶ୍ୱର ଆଇଆଇସି ଅଶୋକ ବାରିକ ବୈଠକ ପରିଚାଳନା କରିଥିବା ବେଳେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଅଗ୍ନିଶମ ବିଭାଗ ଅଧିକାରୀ ସର୍ବର୍ଣ୍ଣ ସିଂ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ଏହି ବୈଠକରେ ଜଳେଶ୍ୱର ଶାନ୍ତି କମିଟି ସଦସ୍ୟ କମଳ ଚକ୍ରବର୍ତ୍ତୀ, ବଣିକ ସଂଘ ସଭାପତି ସୁଧୀର ମହାନ୍ତି, ବିଜେପି ଯୁବନେତା ଫାଲ୍ଗୁନୀ ପାଣିଗ୍ରାହୀ, ବିଜେଡି ନେତା ମଧୁସୂଦନ ସେନାପତି, କାଉନସିଲର ଗୋବିନ୍ଦ ସାହୁ, ସୁରଜ ଚୌରାସିୟା, ମୀର ଆବାସ ଅଲ୍ଲୀ, ବାର୍ ଆସୋସିଏସନ ସଭାପତି କୁଞ୍ଜ ବିହାରୀ ଦାସ, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଚନ୍ଦନ କର, ସଂଖ୍ୟାଲଘୁ ସମ୍ପ୍ରଦାୟ ତରଫରୁ ଅବଦୁଲ ରହିମ, ଅବଦୁଲ ଫରିଦ ଅହମ୍ମଦ, ସେକ ସିରାଜ ମହମ୍ମଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖରେ ରାମନବମୀ ଉପଲକ୍ଷେ ଏକ ଶୋଭାଯାତ୍ରା ହିର ହୋଣ୍ଡା ଶୋ ରୁମ ନିକଟରୁ ବାହାରି ବାସନ୍ତୀ ପଡିଆଠାରେ ରାତ୍ରୀ ୧୦ ଟାରେ ଶେଷ ହେବ ବୋଲି ନିଷ୍ପତି ହୋଇଥିଲା। ଏଥିପାଇଁ ଜଳେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଶାନ୍ତି ଶୃଙ୍ଖଳା ପାଇଁ ଉପସ୍ଥିତ ରହିବେ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦେଇଥିବା ବେଳେ ମ୍ୟୁନିସିପାଲିଟି ତରଫରୁ ପାଣି ଯୋଗାଇବା ସହିତ ରାସ୍ତା ଘାଟ ଠିକ ରଖିବା ପାଇଁ ଦାୟିତ୍ୱ ନେଇଥିଲେ।

# ଯୁବ ଇଂଜିନିୟରଙ୍କ ଅକାଳ ବିୟୋଗ

**ସୋର, ୨୪।୩ (ସମିସ):** ଅନନ୍ତପୁର ଥାନା କୁରୁଡା ଗ୍ରାମର ଯୁବ ଇଂଜିନିୟର ସୌମ୍ୟ ରଞ୍ଜନ ନାୟକଙ୍କର ଅକାଳ ବିୟୋଗ ରେ ଗ୍ରାମର ଶୋକର ଛାୟା ଖେଳି ଯାଇଛି। ତାଙ୍କୁ ୪୭ ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ ମାରାତ୍ମକ ଗଳା କ୍ୟାନସରରେ ଆକ୍ରାନ୍ତ ହୋଇଥିଲେ। ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସପିଟାଲରେ ଚିକିତ୍ସିତ ହୋଇ ଫେରିବାର କିଛିଦିନ ସୁସ୍ଥତା ପରେ ମୃତ୍ୟୁବରଣ କରିଥିଲେ। ସେ କୁରୁଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଗଜେନ୍ଦ୍ର ନାୟକ ଓ ଚନ୍ଦ୍ରକାନ୍ତି ନାୟକଙ୍କର ଏକ ମାତ୍ର ପୁତ୍ର ଥିଲେ। ମୃତ ସୌମ୍ୟରଂଜନ ଜଣେ ଶାନ୍ତ,ସରଳ ସ୍ୱଭାବ ତଥା ପରୋପକାରୀ ଯୁବକ ଥିବାରୁ ତାଙ୍କର ଶବକୁ ଗ୍ରାମ ପରିକ୍ରମା କରାଯାଉଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲା।

# ଦୁଇ ଦନ୍ତାହାତୀର ଉତ୍ପାତ, ଲୋକେ ଆତଙ୍କିତ



**ନୀଳଗିରି, ୨୪।୩ (ସମିସ):** ଦୁଇ ଗୋଠଛଡ଼ା ଦନ୍ତାହାତୀର ଆତଙ୍କ। ବସ୍ତିରେ ପଶିଲା ହସ୍ତି, ଲୋକଙ୍କୁ ଗୋଡାଇଲା, ଧାନବସ୍ତା ଘୋଶାଡି ଖାଇଲା। ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ହାତୀ ଆସିଥାଆନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ଏହି ଦୁଇ ଦନ୍ତିହାତୀ ଆସି ଓଡିଶା ସୀମା ପାରି ହୋଇ କିଛି ଦିନ ମୟୂରଭଞ୍ଜରେ ରହିଥିବାବେଳେ ଗତ ସୋମବାର ଭୋର ସମୟରେ ଦୁଇ ଗୋଠଛଡ଼ା ଦନ୍ତାହାତୀ ନୀଳଗିରି ରେଞ୍ଜ ଦୁର୍ଗାଦେବୀ, ପୁଦାଳ, କାଠପାଳ, ପାଟଣା ହୋଇ ନୀଳଗିରି ଧୋବଶିଳା ଗାଁ ପାର ହୋଇ ସୂର୍ଯ୍ୟଚୁଡ ପାହାଡ ପାଦଦେଶ ନୀଳଗିରି ସହର ପାଖାପାଖିରେ ରହିଥିଲେ। ଖାଦ୍ୟ ଅନ୍ୱେଷଣରେ ସୋମବାର ରାତ୍ରିରେ ଏହି ଦୁଇ ଗୋଠଛଡ଼ା ଦନ୍ତାହାତୀ ନୀଳଗିରି ସହର ମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା। ହାତୀ ଗ୍ରାମ ମୁହାଁ ହେଉଥିବାରୁ ଘର ଭାଙ୍ଗିବା ଆଶଙ୍କା ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଥିଲେ। ହାତୀଙ୍କ ଦାଉରୁ ମଣିଷଙ୍କୁ ରକ୍ଷା ଏବଂ ମଣିଷ ଦାଉରୁ ହାତୀଙ୍କୁ ସୁରକ୍ଷା ଦେବା ପାଇଁ ନୀଳଗିରି ବନବିଭାଗର ନିଦ ହଜିଯାଇଛି। ମଙ୍ଗଳବାର ଏହି ଗୋଠଛଡ଼ା ଦନ୍ତାହାତୀ ବନବିଭାଗକୁ ଚକ୍‌ମା ଦେଇ ନୀଳଗିରି ବରିସାହି, ଓପଦା ଦକ୍ଷିଣ ନରସିଂହପୁର, ପ୍ରତାପପଡା ହୋଇ ଯିବା ରାସ୍ତାରେ ଜନବସତି ମୁହାଁ ହୋଇ ବସ୍ତିରେ ପଶି ବିଭିନ୍ନ ଲୋକଙ୍କ ଘର ବାଡିରେ କଦଳୀ ଗଛ, ଧାନବସ୍ତା ଆଦି ଘୋଶାଡି ଖାଇଥିଲା। ମଧ୍ୟାହ୍ନ ସମୟରେ କୁଲଡିହା ଅଭୟାରଣ୍ୟ ଅଞ୍ଚଳକୁ ପଳାଇଯାଇଥିଲା। ହାତୀଙ୍କ ଗତିପଥକୁ ଲକ୍ଷକରି ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରିବା, ସାଧାରଣ ଜନତା ହାତୀଙ୍କୁ ବିଶୃଙ୍ଖଳିତ ନକରିବା ପାଇଁ ତାଗିଦ୍ କରାଯାଉଥିବା ଦେଖିବାକୁ ମିଳିଥିଲା।

## ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

# ବିଦ୍ୟାଳୟ ଫାଟକ ଆଗରେ ମହିଳାଙ୍କ ଧାରଣା

**ଚନ୍ଦନେଶ୍ୱର,୨୪।୩ (ସମିସ)**



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଠଥଭଉଁରୀ ଗ୍ରାମପଞ୍ଚାୟତର ରଣସିଂପୁର ଆଶ୍ରମ ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ପ୍ରାର୍ଥୀନୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଆବେଦନକାରୀ ମହିଳାମାନେ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ଆଜି ମଙ୍ଗଳବାର ସକାଳେ ଧାରଣାରେ ବସି ପ୍ରକୃତ ହିତାଧିକାରୀଙ୍କୁ ଚୟନ ପାଇଁ ଦାବି କରିଥିଲେ। ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, କାନ୍ଥଭଉଁରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରଣସିଂପୁର ୧୩ ନଂ ୱାର୍ଡରେ ଥିବା ରଣସିଂପୁର ଆଶ୍ରମ ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ଭାବେ କାର୍ଯ୍ୟ କରିବା ପାଇଁ ୧୯ ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ଗତକାଲି ଆଶ୍ରମ ବିଦ୍ୟାଳୟ ପରିସରରେ ଚୟନ ପ୍ରକ୍ରିୟାରେ ୧୬ ଜଣ ପ୍ରାର୍ଥୀନୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପଞ୍ଚମୀ ମଣ୍ଡଳଙ୍କୁ ଅନୁସୂଚିତ ଜାତିର ବିଧବା ମହିଳା ପ୍ରାର୍ଥୀନୀ ଭାବେ ଚୟନ କରାଯାଇଥିଲା। ଉକ୍ତ ଶିଶୁ ସେବିକା ଚୟନ ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୨ ଜଣ ପର୍ଯ୍ୟବେକ୍ଷକ ଓ ସିଆରସିସି ଉପସ୍ଥିତ ଥିଲେ। ମାତ୍ର ଚୟନ କମିଟି ସଠିକ ପ୍ରାର୍ଥୀନୀଙ୍କୁ ମନୋନୀତ ନ କରିବା ସେମାନଙ୍କର ସଠିକ କାଗଜପତ୍ର ଯାଞ୍ଚ ନ କରିବା, ହାତ ଲେଖା କାଗଜ ପତ୍ର ଦେଖିବା ଏବଂ ସେମାନଙ୍କର ଯୋଗ୍ୟତାକୁ ସଠିକ ମୂଲ୍ୟାଙ୍କନ ନ କରି ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ କରି ଆଜି ସକାଳେ ପ୍ରାର୍ଥୀନୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସଠିକ ପ୍ରକ୍ରିୟାରେ ପ୍ରାର୍ଥୀନୀ ଚୟନ କରିବା ପାଇଁ ଦାବୀ କରିବା କରିଛନ୍ତି। ଏ ବିଷୟରେ ଭୋଗରାଇ ଗୋଷ୍ଠୀଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ବିଷୟରେ ଧାରଣାରତ ପ୍ରାର୍ଥୀନୀ ସୁଷମା ସେଠି, ବୀଣାପାଣି ଦାସ, ସୁମିତା ଦାସ, ଦେବସ୍ମିତା ଦାସ, ଲିପି ଦାସ, ରାଧାମଣୀ ସେଠି, ମାନସୀ ଦାସ, ସୁଭଦ୍ରା ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏ ବିଷୟରେ ଭୋଗରାଇ ଅତିରିକ୍ତ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରୁ ବିଦ୍ୟାଳୟରୁ ଯାଞ୍ଚ କମିଟିର ଉପଯୁକ୍ତ କାଗଜପତ୍ର ଆମ ପାଖରେ ପହଁଚିଲେ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବାଇକ ଧକ୍କାରେ ଦୁଇ ଗୁରୁତର

**ବାଲେଶ୍ୱର,୨୪।୩ (ସମିସ):** ପଥଚାରୀଙ୍କୁ ଧକ୍କା ଦେଲା ବାଇକ। ଗୁରୁତର ଅବସ୍ଥାରେ ପଥଚାରୀ ଓ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ଅଟୋ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କଲେ ସ୍ଥାନୀୟ ଲୋକ। ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ଥାନା ଫୁଲାଡି ଅଞ୍ଚଳର ପେଟ୍ରୋଲ ପମ୍ପ ନିକଟରେ ଘଟିଛି ଦୁର୍ଘଟଣା। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ବାଇକ୍ ଚାଳକ ଫୁଲାଡି ଛକ ଅଞ୍ଚଳରୁ ବାଲେଶ୍ୱର ସହରକୁ ଯାଉଥିବା ସମୟରେ ରାସ୍ତା ପାର ହେଉଥିବା ପଥଚାରୀଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟ ବାଇକ୍ ଆରୋହୀ ଓ ପଥଚାରୀ ତଳେ ପଡ଼ି ଆହତ ହୋଇଥିଲେ।

## 'ଯଯାତି'ର ଶେଷ ସନ୍ଧ୍ୟା } ଡାନିସ୍‌ଙ୍କ ଗୀତରେ ଦୁଲୁକିଲା ଯଯାତି ମଞ୍ଚ

ଯାଜପୁର, ୨୪।୩(ସମିସ)




ଜିଲ୍ଲା ମହୋତ୍ସବ 'ଯଯାତି'ର ଶେଷ ସନ୍ଧ୍ୟାରେ ପ୍ରଖ୍ୟାତ ବଲିଉଡ୍ ଗାୟକ ମହମ୍ମଦ ଡାନିସଙ୍କ ମନଛୁଆଁ କଣ୍ଠସ୍ୱରରେ ଦର୍ଶକ ମତୁଆଲା ହୋଇଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ଜିଲ୍ଲାର ବିକାଶ ପାଇଁ ପ୍ରଶାସନର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟରେ ଆଲୋକପାତ କରିଥିଲେ। ମହୋତ୍ସବରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ମେଳା ଯୋଗୁଁ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବା ସହ ହସ୍ତଶିଳ୍ପର ପ୍ରସାର ହୋଇପାରିବ। ଗଡ଼ମଧୁପୁରର କାଇଁଚ, ରୁଦ୍ରପୁରର ପଥର ଖୋଦେଇ କାରୁକାର୍ଯ୍ୟ, ହରିପୁରର ଚାନ୍ଦୁଆ, କଣ୍ଟାବଣିଆର ବେତ କାରୁକାର୍ଯ୍ୟ, ବୈଦ୍ୟରାଜପୁରର କଂସା ପିତ୍ତଳ କାମ, ଗୋପାଳପୁରର ହସ୍ତତନ୍ତ ଇତ୍ୟାଦି ଏହି ମେଳାରେ ପ୍ରଦର୍ଶିତ ହୋଇଛି।

ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟରଞ୍ଜନ ରାଉତରାୟ, କଳାକାର ଡ. କୈଳାଶ ବେହେରା, ନାଟ୍ୟକାର ଡ. ଦୀପକ ଜେନା, କୁସ୍ତିଯୋଦ୍ଧା ପ୍ରଶାନ୍ତ ସାମଲଙ୍କୁ 'ଯଯାତି' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆମେ ଯାଜପୁରିଆ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଏବଂ କଳାକାରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଉପସ୍ଥିତ ଥିଲେ। ସଭା ଶେଷରେ ଉପଜିଲ୍ଲାପାଳ ।ପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ରଜନୀରେ ଭଜନ ସଙ୍ଗୀତ, ତାଣ୍ଡବ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଫ୍ୟାସନ୍ ସୋ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହା ପରେ ପ୍ରସିଦ୍ଧ ନୃତ୍ୟ ଦଳ ପ୍ରିନ୍ସ ଡାନ୍ସ ଗ୍ରୁପ ଖୁବ୍ ସୁନ୍ଦର ରୋମାଞ୍ଚକର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମଞ୍ଚକୁ ଆସିଥିଲେ ବଲିଉଡ ଗାୟକ ଡାନିସ ଏବଂ ତାଙ୍କ ଦମଦାର ଗୀତରେ ସମବେତ ଦର୍ଶକ ନାଚିଥିଲେ। ଟ୍ରାଫିକ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିଆଡ଼େ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ଏବଂ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା।

### ୨୦ ଘଣ୍ଟା ଅଟକ ପରେ

## ଜାମିନରେ ଗଲେ ଆନ୍ଦୋଳନକାରୀ ଚାଷୀ

**ଯାଜପୁର, ୨୪।୩(ସମିସ):** ଗତକାଲି ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ଚଢ଼ି ଅଭିନବ ଉପାୟରେ ପ୍ରତିବାଦ କରି ପୁଲିସ ଦ୍ୱାରା ଗିରଫ ହୋଇଥିବା ନବନିର୍ମାଣ କୃଷକ ସଂଗଠନର ୧୫ ଜଣ ଚାଷୀଙ୍କୁ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଛି। ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ପୁଲିସ କର୍ମଚାରୀ ମୁତୟନ ହୋଇଥିବା ତିନିଥାକିଆ ସୁରକ୍ଷା ବ୍ୟବସ୍ଥାକୁ ଅତିକ୍ରମ କରି ଧାନ ବସ୍ତା ମୁଣ୍ଡେଇ ଓ ଭାର ବାହୁଙ୍ଗିରେ ନେଇ ମଞ୍ଚରେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ମୁଖ୍ୟଅତିଥି ଥିବା ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ମହୋତ୍ସବକୁ ଆସୁଥିବାରୁ ପ୍ରଶାସନ ବଡ଼ଅଡୁଆରେ ପଡ଼ିଯାଇଥିଲା। ପୁଲିସ ମଧ୍ୟ ଆନ୍ଦୋଳନକାରୀ ଚାଷୀମାନଙ୍କ ଯୋଜନାର ଟେର୍ ପାଇନଥିଲା। ପୁଲିସର ଗୁଇନ୍ଦା ବିଭାଗ ମଧ୍ୟ ବିଫଳ ହୋଇଥିଲା। ଫଳରେ ସୋମବାର ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସର୍ବୋପରି ରାଜ୍ୟ ସରକାରଙ୍କୁ ଏହି ଘଟଣା ବଦନାମ କରିବାକୁ ସୁଯୋଗ ସୃଷ୍ଟି ହୋଇଥିଲା। ଧାନକିଣାକୁ ନେଇ ଚାଷୀମାନଙ୍କ ଅସନ୍ତୋଷକୁ ପୂର୍ବରୁ ଯେ ପ୍ରଶାସନ ଗୁରୁତ୍ୱ ଦେଇ ନାହିଁ ତାହା ଏଥିରୁ ପ୍ରତିଫଳିତ ହୋଇଥିଲା।

**ଇନ୍ଦା ବିଫଳତା ପାଇଁ ଅଡୁଆରେ ପ୍ରଶାସନ**

ଉଲ୍ଲେଖଯୋଗ୍ୟ ଯେ ଯାଜପୁର ଜିଲ୍ଲାରେ ଧାନ କିଣା ନେଇ ଚାଷୀମାନଙ୍କୁ ନାହିଁନଥିବା ଶୋଷଣ କରାଯାଉଛି। ଏହା ଏବେ ନୁହେଁ, ପ୍ରତି ବର୍ଷ ଚାଷୀମାନଙ୍କୁ ଧାନ କିଣା ବିକା ବେଳେ ଶୋଷଣ କରାଯାଉଛି ଓ ନାନା ପ୍ରକାର ଅବ୍ୟବସ୍ଥା ସୃଷ୍ଟି କରାଯାଉଛି। ମଣ୍ଡି ଗୁଡିକରେ ଖରା ବର୍ଷାରୁ ରକ୍ଷା ପାଇଁ କିଛି ବ୍ୟବସ୍ଥା କରାଯାଉନାହିଁ। ଅସଲ ଚାଷୀ ଧାନ ବିକ୍ରି କରିବାକୁ ବାଦ୍ ପଡୁଛନ୍ତି। ଜିଲ୍ଲା ପ୍ରଶାସନ ଧାନ କିଣା ବୈଠକରେ ମିଲର ମାନଙ୍କୁ କଟନୀ ଛଟନୀ ନ କରିବାକୁ ଆଲୋଚନା କରୁଥିଲେ ମଧ୍ୟ ସେସବୁକୁ ମିଲର ମାନେ ସାମାନ୍ୟ ଭାବେ ଖାତିର କରୁନଥିବା ଦେଖାଯାଏ। ମଣ୍ଡି ପରିବର୍ତ୍ତେ ରାଇସ ମିଲକୁ ଧାନ ନେବାକୁ ଚାଷୀଙ୍କୁ ବାଧ କରାଯାଉଛି। ଟୋକନ ପ୍ରଦାନରେ ପାତରଅନ୍ତର ସାଧାରଣ କଥା ହୋଇଛି। ଏହି ସବୁ ସମସ୍ୟାକୁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଯୋଗୁଁ ଏହି ଅଭିନବ ପ୍ରତିବାଦ କରିବାକୁ ଚାଷୀ ମାନେ ଆସି ମହୋତ୍ସବ ମଞ୍ଚରେ ପହଞ୍ଚିଥିଲେ। ତେବେ ଆନ୍ଦୋଳନକାରୀ ୩୫ ଜଣ ଚାଷୀଙ୍କ ମଧ୍ୟରୁ ପୁଲିସ ୧୫ ଜଣଙ୍କୁ ଥାନାକୁ ନେଇ ଦୀର୍ଘ ୨୦ ଘଣ୍ଟା ଅଟକ ରଖି ଦଫା ୪୧ରେ ଏକ ମାମଲା ରୁଜୁ କରି ଆଜି ଜାମିନରେ ଛାଡିଦେଇଛନ୍ତି। ଗିରଫ ହୋଇଥିବା ଚାଷୀ ନେତା ଓ ସତ୍ୟାଗ୍ରହୀମାନେ ହେଲେ ନିମାଇଁ ରାୟ, ଦୁର୍ଗା ପ୍ରସାଦ ଦାଶ, ମାଧବ ଶାନ୍ତି, ପ୍ରଫୁଲ୍ଲ ନାୟକ, ସୁବ୍ରତ ସାହୁ, ବଲ୍ଲବ ଜେନା, ମହେଶ୍ୱର ସ୍ୱାଇଁ, ହରିଶ୍ଚନ୍ଦ୍ର ଦଳାଇ, ଚଗଲି ଦାସ, ହେମନ୍ତ ଦାସ, ପ୍ରଭାତ ପ୍ରଧାନ, ଶ୍ରୀଧର ମହଲ, ଅରୁଣ ସ୍ୱାଇଁ, ସୁଦର୍ଶନ ଜେନା ଓ ସୁଶାନ୍ତ ଦଳାଇ। ଗତକାଲିର ଏହି ଅଘଟଣ ପରେ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ବ୍ୟାପକ ପୁଲିସ ମୁତୟନ ସହିତ ନାନା କଟକଣା କରାଯାଇଛି।

## ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ

**ବଡ଼ଚଣା, ୨୪।୩(ସମିସ):** ଗତକାଲି ରାତିରେ ଜଣେ ବ୍ୟବସାୟୀଙ୍କ ବେକରୁ ସୁନା ଚେନ ଦୁର୍ବୃତ୍ତ ମାନେ ଝାମ୍ପି ନେଇଥିବା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ବଡ଼ଚଣା ଥାନା ସୁଙ୍ଗୁଡା ଗ୍ରାମର ପ୍ରମୋଦ କୁମାର ରାଉତ (୫୨) ଗତକାଲି ରାତିରେ ନିଜ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ନିଜ ଘରକୁ ଫେରୁଥିଲେ। ଗ୍ରାମ ଶ୍ମଶାନ ନିକଟରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପ୍ରମୋଦଙ୍କୁ ଅଟକାଇ ତାଙ୍କ ଆଖିରେ ବିଷାକ୍ତ ବାଷ୍ପ ପକାଇ ପିନ୍ଧିଥିବା ସୁନାଚେନଟିକୁ ଛିଡ଼ାଇ ଦ୍ରୁତ ଗତିରେ ଚଣ୍ଡିଖୋଲ ଜାତୀୟ ରାଜପଥ ଆଡ଼କୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପ୍ରମୋଦ ଆଜି ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଚଣ୍ଡିଖୋଲ ପୁଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରକାଶ ଥାଉ କି ଚଣ୍ଡିଖୋଲ ଛକ ଦେଇ ଯାଇଥିବା ୫୩ନମ୍ବର ଓ ୧୬ନମ୍ବର୍ ଜାତୀୟ ରାଜପଥରେ ବାରମ୍ବାର ରାହାଜାନୀ, ଛିନତାଇ, ଲୁଟ୍ ମାମଲା ବୃଦ୍ଧି ପାଉଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଉଛି।

### ଗଛ କାଟିବାକୁ ନୟାନ୍ତ ଘର ମାଲିକ

## ବିପଦପୂର୍ଣ୍ଣ ଘରେ ରହୁଛନ୍ତି ମଣିଭଦ୍ର

**ପ୍ରୀତିପୁର, ୨୩।୩(ସମିସ):** ଜନୈକ ବ୍ୟକ୍ତି ନିଜ ଘରକୁ ଲାଗିଥିବା ନଡିଆ ଗଛକୁ କାଟିବା ପାଇଁ ତହସିଲ ଅଫିସ୍ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ ସୁଫଳ କିଛି ମିଳିପାରୁନାହିଁ। ଘଟଣା ରୁ ପ୍ରକାଶ ଯେ, ବିଂଝାରପୁର ତହସିଲ ସ୍ଥିତ ଅଳକୁଣ୍ଡ ଥାନା ଅନ୍ତର୍ଗତ ପ୍ରୀତିପୁର ଗ୍ରାମର ମଣିଭଦ୍ର ପାତ୍ର ପୁରୁଷାନୁକ୍ରମେ ରହି ଆସୁଛନ୍ତି। ତାଙ୍କ କୋଠା ଘରକୁ ଲାଗି ଦୁଇଟି ନଡ଼ିଆ ଗଛ ଓ ଏକ ଚାକୁଣ୍ଡା ଗଛ ରହିଛି। ଗଛ ଗୁଡ଼ିକ ମୂଳରେ ପୋକ ଲାଗି ଖୋଲ ହୋଇଯାଇଛି। କିନ୍ତୁ ସେ ଗଛଗୁଡ଼ିକୁ କାଟିବାକୁ ଯିବାରୁ ପଡୋଶୀ ପର୍ଶୁ ପାତ୍ର ବିରୋଧ କରୁଛନ୍ତି। ବାରମ୍ବାର ଗଛ କାଟିବା ଲୋକଙ୍କୁ ଫେରାଇ ଦେଉଛନ୍ତି। ଏ ସମ୍ପର୍କରେ ଅଳକୁଣ୍ଡ ଥାନାରେ ମନିଭଦ୍ର ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସମାଧାନ କରିବାକୁ ଚାହିଁଥିଲେ। ପାର୍ଟିସନ୍ ଆଳ କରି ପର୍ଶୁ ଖସି ଆସିଥିଲେ। ମଣିଭଦ୍ର ଅନୁମତି ପାଇଁ ବନବିଭାଗ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। କିନ୍ତୁ ଚାରିମାସ ହୋଇଗଲାଣି ଉପଜିଲ୍ଲାପାଳ ଅନୁପସ୍ଥିତ କାରଣରୁ ଏହା ଗଡ଼ିଗଡ଼ି ଚାଲିଛି। ଏଣେ ଡରିଡରି ବିପଦ ପୂର୍ଣ୍ଣ ଘରେ ମଣିଭଦ୍ର ରହୁଛନ୍ତି। ଯଦି ପବନରେ ଗଛ ଗୁଡ଼ିକ ଭାଙ୍ଗି ଯାଏ ଜୀବନ ହାନି ହୁଏ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ମଣିଭଦ୍ର କହିଛନ୍ତି।

## ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର



**ବ୍ୟାସନଗର, ୨୪।୩(ସମିସ):** ସହିଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କ ୯୫ତମ ଫାଶୀ ଦିବସ ପାଳନ ଅବସରରେ ସ୍ଥାନୀୟ ଗୁଗୁଲ୍ ମଣ୍ଡପ ଠାରେ ବ୍ୟାସନଗର ଅଞ୍ଚଳର ଅଗ୍ରଣୀ ସମାଜସେବା ଅନୁଷ୍ଠାନ ସହିଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସଂଘର ସ୍ଥାୟୀ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ଧଳ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ, ସୌମ୍ୟରଞ୍ଜନ ଧଳ, ବ୍ୟଙ୍ଗକବି ବାଇଧର ମାଝୀ, ରମ୍ୟରଞ୍ଜନ ପୁହାଣ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ସମାଜସେବୀ ନରେଶ ମସ୍କରା, ବିଜେପି ନେତା ପ୍ରସନ୍ନ ସାମଲ, ବରିଷ୍ଠ ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀ, ସମାଜସେବୀ ଚନ୍ଦ୍ରମଣି ସାମଲ, ନାରାୟଣ ଚନ୍ଦ୍ର ନାୟକ, ଅଶୋକ ଦାସ ଆଦି ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୨୬ ଜଣ ରକ୍ତ ଦାତା ରକ୍ତଦାନ କରିଥିଲେ। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ ବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଦ୍ୱିତୀୟ ଅଧିବେସନରେ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ପରିବହନ ଆୟୁକ୍ତ ପିୟୁଷକାନ୍ତ ପାଣି, ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, କାହ୍ନୁଚରଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମୋହନଚରଣ ଖୁଣ୍ଟିଆ, ସମାଜସେବୀ ନରେଶ ମସ୍କରା, ସମାଜସେବୀ ସୌମ୍ୟରଞ୍ଜନ ଧଳ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ଶ୍ରମିକ ନେତା ଚନ୍ଦ୍ରମଣି ସାମଲ ଯୋଗଦେଇଥିଲେ। ସଂଘର ସଭ୍ୟ ଦୀପକ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମରଣୋତ୍ତର ସମ୍ମାନ ଢେଙ୍କାନାଳର ବିପ୍ଳବୀ ସହିଦ ବାଜି ରାଉତ ପରିବାରଙ୍କୁ ଦିଆଯାଇଥିବା ବେଳେ ଶ୍ରେଷ୍ଠ ଶ୍ରେଷ୍ଠ ସମାଜସେବୀ ଭୁବନେଶ୍ୱରର ଗଗନ ପଇଟାଳ, ରଞ୍ଜିତ ବେହେରା, ଶ୍ରେଷ୍ଠ ଶବ ଦାହିକା ଭାବେ ମଧୁସ୍ମିତା ପୃଷ୍ଟି, ଶ୍ରେଷ୍ଠ ସାମ୍ବାଦିକ ଭାବେ ବ୍ୟାସନଗରର ବରିଷ୍ଠ ସାମ୍ବାଦିକ ଉମାକାନ୍ତ ରାଉତ, ବୈଦ୍ୟୁତିକ ଗଣମାଧ୍ୟମ ନନ୍ଦିଘୋଷ ଟିଭିର ବ୍ୟାସନଗର ପ୍ରତିନିଧି ବିକ୍ରମ କେଶରୀ ସାହୁ, ଆମ୍ବୁଲାନ୍ସ ସେବକ ପଦ୍ମଲୋଚନ ମହାରଣା, ସମାଜସେବା ଅନୁଷ୍ଠାନ ବିଶ୍ୱାସ ପରିବାର କୋରେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା ସଙ୍ଗୀତ, ବକ୍ତୃତା ଓ ନୃତ୍ୟରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ସଂଘର କାର୍ଯ୍ୟକାରୀ ସଭାପତି ରମେଶ ବିଶ୍ୱାଳ ମଞ୍ଚପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ହେମନ୍ତ କୁମାର ନାୟକ, ଅସିତ୍ ଦାସ, ସାହିଲ୍ ବୋଇତାଇ, ଆଶିଷ ମଲ୍ଲିକ, ମାନସ ରାଉତ, ଶଶାଙ୍କ ବ୍ରହ୍ମ, ଭାଗିରଥୀ ବାରିକ, ତପନ ବାରିକ, ତପନ ସିଂ, ବିଜୟ ନନ୍ଦୀ, , ଜନ୍ମେଜୟ ରାଉତ, ସୁଦର୍ଶନ ମଲ୍ଲିକ, ଶିବାନନ୍ଦ ଦାସ, ମନୋଜ ଦାସ, ପରେଶ ଦାସ, ମାଣିକ ଗାଗରାଇ, ପ୍ରମୋଦ ମଲ୍ଲିକ, ସୋମ୍ୟ ଓଝା ସାହାଯ୍ୟ କରିଥିଲେ। ସଭ୍ୟ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ମଙ୍ଗଳପୁର, ୨୪।୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ (୬୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ସତ୍ୟଜିତ ନାୟକ ମୁଖାଗ୍ନି ଦେଇଥିଲେ। ସେ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ସେହି ବିଦ୍ୟାଳୟରେ ଶିକ୍ଷକତା ଚାକିରି ଆରମ୍ଭ କରି ମଧ୍ୟ ସେଠାରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ବାରିକ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ଦାସ, ବରିଷ୍ଠ ଶିକ୍ଷକ ପ୍ରଜାପତି ରାଉତ, ଅବସରପ୍ରାପ୍ତ କିରାଣି ସଚ୍ଚିଦାନନ୍ଦ ନାୟକ, କର୍ମଚାରୀ ଅଶୋକ ବେହେରା, ଅବସରପ୍ରାପ୍ତ କର୍ମଚାରୀ ଗୋଲକ ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୀତବାସ ବେହୁରିଆ, ଶରତ ଚନ୍ଦ୍ର ନାୟକ, ଶଶଧର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡି, ବର୍ତ୍ତମାନର ପ୍ରଧାନ ଶିକ୍ଷୟତ୍ରୀ ଝୁନୁପ୍ରିୟା ସାମଲ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରୋଦ କୁମାର ରାୟ, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ପୂର୍ବତନ ଛାତ୍ର ଡ. ବିଜୟୀପାର୍ଥ ରାୟ, ଜୟପ୍ରକାଶ ନାୟକ, ଦୁଷ୍ମନ୍ତ କୁମାର ନାୟକ, ପ୍ରିୟବ୍ରତ ବିଶ୍ୱାଳ, ଗଙ୍ଗାଧର ଯେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ଦିବସ

**ପ୍ରୀତିପୁର, ୨୪।୩ (ସମିସ):** ଯକ୍ଷ୍ମା ରୋଗର ନିରାକରଣ ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମୌଳିକ ଲକ୍ଷ୍ୟକୁ ଜନକୈନ୍ଦ୍ରିକ କରିବା ପାଇଁ ଏହାର ପ୍ରଚାର, ପ୍ରସାର କାର୍ଯ୍ୟକୁ ଯକ୍ଷ୍ମା ଦିବସ ପାଳନର ଏକମାସ ପୂର୍ବରୁ ବିଞ୍ଝାରପୁର ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳରେ ଡାକବାଜି ଦ୍ୱାରା ବ୍ୟାପକ ପ୍ରଚାର କାର୍ଯ୍ୟ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଆଜି ଯକ୍ଷ୍ମା ଦିବସ ପାଳନ ଅବସରରେ ରଘୁନାଥପୁର (ସୟଦପୁର) ସ୍ଥିତ ଭଗବତୀ ସ୍କୁଲ ଅଫ ନର୍ସିଂର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.କ୍ଷିତିଶ କୁମାର ନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭଗବତୀ ସ୍କୁଲ ଅଫ ନର୍ସିଂର ଅଧ୍ୟକ୍ଷ ଭାଗ୍ୟଶ୍ରୀ ପଣ୍ଡା, ସିଏଚଓ ସ୍ନିଗ୍ଧା ସୋନାଲୀ ଦାସ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଆର୍‌ଏନ୍ ପଣ୍ଡା ଓ ତାଜଉଦ୍ଦିନ ଖାଁ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ତୃଣମୂଳ ସ୍ତରରେ ଲୋକାଭିମୁଖୀ କରିବା ସରକାରଙ୍କର ଲକ୍ଷ୍ୟ ବୋଲି ଏସ୍‌ଟିଏସ୍ ଶୀତିକଣ୍ଠ ମିଶ୍ର ଆୟୋଜିତ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ।

### ପରୀକ୍ଷା ତାରିଖ ଘୁଞ୍ଚାଇବା ଦାବି

## ମହିଳା ମହାବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରୀ

ବ୍ୟାସନଗର, ୨୪।୩(ସମିସ)



ବ୍ୟାସନଗର ସହରର ଏକମାତ୍ର ମହିଳା ମହାବିଦ୍ୟାଳୟ ଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ମଙ୍ଗଳବାର ପାଠ୍ୟକ୍ରମ ବିଷୟ ନ ମାରି ଶୀଘ୍ର ପରୀକ୍ଷା କରାଯିବା ନେଇ ଶତାଧିକ ଯୁକ୍ତ ୩ ଛାତ୍ରୀ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ହେବ ଏହି ମହାବିଦ୍ୟାଳୟରେ ଆବଶ୍ୟକୀୟ ପାଠ୍ୟକ୍ରମ ଶେଷ ହୋଇନଥିବା ବେଳେ ପରୀକ୍ଷା କରାଯାଉଥିବାରୁ ଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଯୁକ୍ତ ୩ ଅଧ୍ୟକ୍ଷ ରତ୍ନାକର ଜେନାଙ୍କୁ ଅବଗତ କରିଥିଲେ। ମାତ୍ର ଏହାକୁ ନେଇ ଏକ ସପ୍ତାହ ବିତି ଯାଇଥିଲେ ମଧ୍ୟ କିଛି ନିଷ୍କର୍ଷ ବାହାରି ନ ପାରିବାରୁ ବାଧ ହୋଇ କଲେଜ ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀମାନେ ଧାରଣାରେ ବସିବା ସହିତ ଗେଟ୍‌ରେ ତାଲା ପକାଇ ଦେଇଥିଲେ।

ସୂଚନା ଅନୁଯାୟୀ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ପାଠପଢ଼ା ସଠିକ୍ ସମୟରେ ଶେଷ ହୋଇନାହିଁ। ଏପରିକି ଗତ କିଛି ଦିନ ତଳେ ଉକ୍ତ ପାଠ୍ୟକ୍ରମର ବହି ମିଳିଥିବା ବେଳେ କିପରି ଅପ୍ରେଲ ୭ ତାରିଖରେ ପରୀକ୍ଷା ଦେବୁ ବୋଲି ଅଭିଯୋଗ କରିଛନ୍ତି ଛାତ୍ରୀମାନେ। ସେହିପରି ଏହି କଲେଜର କିଛି ଅଧ୍ୟାପିକା/ଅଧ୍ୟାପକ ଯେଉଁ ଛାତ୍ରୀଙ୍କ ଉପରେ ପ୍ରସନ୍ନ ହେଉଛନ୍ତି ତାଙ୍କ ବ୍ୟାକ୍‌ପେପର କ୍ଲିୟର କରିଦେଉଛନ୍ତି। ବାକି ଛାତ୍ରୀଙ୍କୁ ହଇରାଣ କରୁଥିବା ମଧ୍ୟ ଆନ୍ଦୋଳନରତ ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ୪୦ ଶତକଡ଼ାରୁ ଅଧିକ ନମ୍ବର ରଖିଲେ ବ୍ୟାକ କ୍ଲିୟର ହେବାର ନିୟମ ରହିଥିବା ୭୫ ଶତକଡା ନମ୍ବର ରଖିବା ପରେ କିଛି ଛାତ୍ରୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ୬ ମାସରେ ଥରେ ସେମିଷ୍ଟର ପରୀକ୍ଷା ହେବାକୁ ରହିଥିବା ବେଳେ ୨ ମାସରେ କଲେ ଆମେ କ'ଣ ପାଠ ପଢ଼ି ପରୀକ୍ଷା ଦେବୁ ବୋଲି ଅନେକ ଛାତ୍ରୀ ଯୁକ୍ତି ବାଢ଼ିଛନ୍ତି। ଏପରିକି ୧ମ ସେମିଷ୍ଟର ପରୀକ୍ଷାର ଫଳାଫଳ ଆସିନଥିବା ବେଳେ ୨ୟ ସେମିଷ୍ଟର ପରୀକ୍ଷା କିପରି କରାଯାଉଛି ବୋଲି ଅନେକ ଛାତ୍ରୀ ଅଭିଯୋଗ କରିଛନ୍ତି। ସାଧାରଣତଃ କଲେଜ ଟାଇମ ଅନୁସାରେ ଲାଇବ୍ରେରୀ ଖୋଲିବା ନିୟମ ରହିଥିବା ବେଳେ ମନଇଚ୍ଛା ୨ଟା ବେଳେ ଖୋଲି ଭୋକ ହେଲାଣି ବାହାନା କରି ବନ୍ଦ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି କଲେଜ ଲାଇବ୍ରେରୀରେ ଅନେକ ବହି ନଥିବା ବେଳେ କିପରି ପାଠ ପଢ଼ିବୁ ବୋଲି ଛାତ୍ରୀମାନେ ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରୁଥିଲେ ମଧ୍ୟ ଅଧ୍ୟକ୍ଷ ନିରବ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଛାତ୍ରୀମାନେ ଧାରଣାରେ ବସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧି ଫଟୋ ଉଠାଇବା ସମୟରେ କଲେଜରେ ପରୀକ୍ଷା ନିୟନ୍ତ୍ରିକା ଭାବେ କାର୍ଯ୍ୟରତ ସସ୍ମିତା ଆଚାର୍ଯ୍ୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଫଟୋ ନ ଉଠାଇବାକୁ ଧମକ ଦେଇଥିଲେ। ଏପରିକ ଛାତ୍ରୀମାନଙ୍କ ଉପରେ ରୋଷ କରିବା ସହିତ 'ତୁମ କଥା ପରେ ବୁଝାଯିବ' ବୋଲି ଧମକ ଦେଇଥିଲେ। କଲେଜରେ ପାଠପଢ଼ା ଏବଂ ପରୀକ୍ଷା ଆଳରେ ଅନେକ ଦୁର୍ନୀତି ହେଉଥିବା ଛାତ୍ରୀମାନେ ପରୋକ୍ଷରେ ସୂଚନା ଦେଇଛନ୍ତି। ଏହି ମହାବିଦ୍ୟାଳୟରେ ବ୍ୟାକ୍‌ପେପର ଫି' ୫୦ ଟଙ୍କା ବଦଳରେ ୪୫୦ ଟଙ୍କା, ଫର୍ମପୂରଣ ଏବଂ ରିଆଡମିଶନ୍‌ରେ ଅତ୍ୟଧିକ ଅର୍ଥ ଦାବି କରାଯାଉଛି। ଏହାବାଦ୍ ଅନ୍ୟ ଏକ ୯୦୦ ଟଙ୍କା ପିଲାମାନଙ୍କ ନିକଟରୁ ଆଦାୟ କରାଯାଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପାଠ୍ୟକ୍ରମ ସିଲାବସ ବଦଳିବା ପରେ ସିଲାବସ ଆସିବା ନେଇ ବିଳମ୍ବ କରାଯିବା ଏବଂ ସିଲାବସ ଆସିବା ପରେ ୧୦ ଦିନ ପରେ ପରୀକ୍ଷା କରାଯାଉଛି। ଏପରିକି ଅପ୍ରେଲ ମାସ ୭ ତାରିଖରେ ପରୀକ୍ଷା ହେବାକୁ ଥିବା ବେଳେ ଇର୍ଣ୍ଟର୍ଣ୍ଣସିପ୍ ପେପର ବିଷୟରେ ଏଯାଏଁ ଛାତ୍ରୀମାନେ ଅଜ୍ଞ ରହିଛନ୍ତି। ଏପରିକି ସେମିଷ୍ଟର ପୂର୍ବରୁ ଇଣ୍ଟରନାଲ ପରୀକ୍ଷା କରାଯାଉଥିବା ବେଳେ ଦିନକୁ ଗୋଟିଏ ବଦଳରେ ୨ଟି ପରୀକ୍ଷା ରଖି ପରୋକ୍ଷରେ ଛାତ୍ରୀମାନଙ୍କୁ ମାନସିକ ଚାପ ଦିଆଯାଉଛି। ସରକାର ବହି ଦେଉନଥିବା ଆଳ କରି ଛାତ୍ରୀମାନଙ୍କୁ ଲାଇବ୍ରେରୀରେ ବହି ଦିଆଯାଉନାହିଁ। ଏନେଇ ଯୁକ୍ତ ୩ କଲେଜ ଅଧ୍ୟକ୍ଷ ରତ୍ନାକର ଜେନାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଏହା ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଅଧୀନରେ ରହିଛି। ତେବେ ପିଲାମାନେ ଏନେଇ ଅଭିଯୋଗ କରିବା ପରେ ମୁଁ ଗତ ୧୯ ମାର୍ଚ୍ଚରେ ଏନେଇ ଚିଠି କରିଥିବା ବେଳେ ଏନେଇ କିଛି ଉତ୍ତର ମିଳିନଥିବା କହି ପରୀକ୍ଷା ନିୟନ୍ତ୍ରକଙ୍କ ମୁଣ୍ଡରେ ସମସ୍ତ ଦୋଷ ଲଦି ଏକପ୍ରକାର ଦୋଷଛଡା ହେବାକୁ ଚେଷ୍ଟା କରିଛନ୍ତି। ତେବେ ପ୍ରାୟ ୨ ଘଣ୍ଟା ଆନ୍ଦୋଳନ ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଏହି ଆନ୍ଦୋଳନରେ ଉଭୟ ବ୍ୟାଚ୍‌ର ଶତାଧିକ ଛାତ୍ରୀ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

- ୬ ମାସ ବଦଳରେ ୨ ମାସରେ ହେଉଛି ସେମିଷ୍ଟର ପରୀକ୍ଷା
- ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲିଆଖି ଦେଖାଇଲେ ପରୀକ୍ଷା ନିୟନ୍ତ୍ରିକା
- ଇର୍ଣ୍ଟର୍ଣ୍ଣସିପ୍ ପେପର ବିଷୟରେ ଏବେବି ଛାତ୍ରୀମାନେ ଅଜ୍ଞ

TPNODL
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP NORTHERN ODISHA DISTRIBUTION LIMITED**
Regd. /Corporate Office: Januganj, Remuna Golei, Balasore – 756 019, Odisha, India
Website: www.tpnodl.com I Email: ceooffice@tpnodl.com
Corporate Identification Number (CIN): U40109OR2021PLC035951 I Telephone No. 06782 244336

**OPEN ACCESS CHARGES NOTIFICATION**

**Surcharge, Wheeling Charge & Transmission Charge for HT & EHT Open Access Consumers 1MW & above and for LT Green Energy Open Access Consumers of 100 kW and above.**

**EFFECTIVE FROM 1st April, 2026**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of OERC (Terms and Conditions of Intra State Open Access) Regulations, 2020, the Odisha Electricity Regulatory Commission has passed Common Order on 24.03.2026 in Case Nos. 137, 126, 130, 134, 138, 127, 131,135 of 2025 with regard to approval of Open Access Charges (Transmission/wheeling Charges, Surcharge and Additional Surcharge) applicable to Open Access customers at HT EHT level and Green Energy Open Access customers at LT level for use of Intra-state transmission/ distribution system which shall be effective from **1st April, 2026.**

1. The wheeling charge and surcharge as indicated in Table below shall be applicable **w.e.f. 01.04.2026.**

**Surcharge, Wheeling Charge & Transmission Charge for HT & EHT Open Access Consumers of 1MW & above and for LT Green Energy Open Access Consumers of 100 kW and above**

| Name of the licensee | Cross Subsidy Surcharge (P/U) | | | Wheeling Charge P/U applicable to HT & LT Consumers | Transmission Charges for Open Access Customer (applicable for HT & EHT Consumers) |
|---|---|---|---|---|---|
| | EHT | HT | LT | | |
| TPCODL | 151.83 | 56.42 | 112.90 | 116.56 | The Open Access customer availing Open Access shall pay Rs.5760/MW-day (Rs.240/MWh) as transmission charges. |
| TPNODL | 142.73 | 1.63 | 34.39 | 180.86 | |
| TPWODL | 118.23 | 17.26 | 24.49 | 120.90 | |
| TPSODL | 250.53 | 106.02 | 140.34 | 197.32 | |

2. The normative transmission loss at EHT (3.0%) and normative wheeling loss for HT level (7.0%) are applicable for the year 2026-27.
3. Additional Surcharge: No additional surcharge over and above the Cross-Subsidy Surcharge needs to be paid to the embedded licensee.
4. The Consumers availing renewable power through Open Access shall have to pay the transmission charge, wheeling charge and cross subsidy surcharge as applicable to Consumers availing conventional power.

**Exemption under Odisha renewable Energy Policy 2022:**


(1) Fifty percent (50%) of Cross-subsidy surcharge are payable by the Open Access Consumers, on consumption of energy from RE projects commissioned in the State during the policy period for fifteen (15) years.
(2) No Cross-subsidy surcharge are payable by the Industries in the State availing Renewable power from GRIDCO (with GRIDCO acting as a demand aggregator).
(3) 25% exemption on Wheeling Charges shall be provided to Captive / Open Access Consumers on consumption of energy from RE projects commissioned in the state during the during the RE Policy period for Fifteen (15) years.
(4) OPTCL shall provide exemption of twenty (20) paise per unit on STU (Transmission) charges to captive/open access Consumers on consumption of energy from RE projects commissioned in the State during the policy period for fifteen (15) years. This exemption shall be extended for five (5) more years in case of projects commissioned before 31.03.2026.
(5) No Cross Subsidy surcharge and wheeling charge shall be levied on purchase of power by EV charging stations through Open Access from renewable energy plants located in Odisha for 10 years.

These charges as notified for the FY 2026-27 will remain in force until further order.
For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order shall be available in the Commissions website www.orierc.org as well as in the website of the Distribution Licensee www.tpnodl.com.

Place: Balasore
Dated: 24.03.2026

**Chief Executive Officer**

# ସମ୍ପାଦକୀୟ



ଦୁଃସ୍ଥିତିରୁ ସମଗ୍ର ମାନବ ସମାଜକୁ ଉଦ୍ଧାର କରିବା ପାଇଁ ପ୍ରେମ ହିଁ ଏକମାତ୍ର ବାଟ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ଧର୍ମାନ୍ତରିତଙ୍କୁ ଏସ୍‌ସି ମାନ୍ୟତା ମନା

ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମରେ ଜାତିପ୍ରଥା ଥିବାରୁ ସବର୍ଣ୍ଣ-ଅସବର୍ଣ୍ଣ ଭଳି ବିବାଦୀୟ ପ୍ରସଙ୍ଗଟି ସାମାଜିକ ପ୍ରଥା ହୋଇସାରିଛି। ସମାଜର ଉପେକ୍ଷିତ ଓ ଅବହେଳିତ ହୋଇ ରହିଆସିଥିବା ଏହି ଅସବର୍ଣ୍ଣ ବା ଦଳିତ ବର୍ଗଙ୍କ ସାମାଜିକ-ଆର୍ଥିକ ସ୍ତରରେ ଉନ୍ନତି ଆଣି ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ୍ କରିବା ପାଇଁ ଆମ ସମ୍ବିଧାନରେ ଶିକ୍ଷା, ଚାକିରି ଓ ପଦୋନ୍ନତି ଆଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାଟି ଲାଗୁ କରାଯାଇଛି। ସଂରକ୍ଷଣର ହିତାଧିକାରୀ ଭାବେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଆଧାରରେ ବିଭିନ୍ନ ସମ୍ପ୍ରଦାୟଙ୍କୁ ଚିହ୍ନିତ କରାଯାଇଛି। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ ଏହି ବର୍ଗରୁ ଅନେକେ ଧର୍ମ ପରିବର୍ତ୍ତନ କରୁଥିଲେ ମଧ୍ୟ ଏସ୍‌ସି ମାନ୍ୟତାକୁ ଛାଡୁନାହାନ୍ତି। ଆମ ନ୍ୟାୟିକ ବ୍ୟବସ୍ଥାର ଜଟିଳତାର ସୁଯୋଗ ନେଇ ସେମାନେ ସମ୍ବିଧାନ ପ୍ରଦତ୍ତ ସଂରକ୍ଷଣ ଜନିତ ସମସ୍ତ ସୁବିଧା ସୁଯୋଗ ସହିତ ସଂଖ୍ୟାଲଘୁଙ୍କ ପାଇଁ ଥିବା ସୁବିଧା ମଧ୍ୟ ହାତେଇ ନେଉଛନ୍ତି। ଏହି ପ୍ରସଙ୍ଗରେ ଲାଗି ରହିଥିବା ଦୀର୍ଘଦିନର ଜଟିଳତା, ବିବାଦ ଓ ବିତର୍କରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏକ ଐତିହାସିକ ରାୟରେ କହିଛନ୍ତି ଯେ ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତି ବା ପରିବାର ଆଉ ଏସ୍‌ସି ମାନ୍ୟତା ବଜାୟ ରଖିପାରିବେ ନାହିଁ। ଏ ସମ୍ପର୍କିତ ଏକ ମାମଲାରେ ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟକୁ କାଏମ୍ ରଖି ଖଣ୍ଡପୀଠ କହିଛନ୍ତି ଯେ ସମ୍ବିଧାନର ଏସ୍‌ସି ନିର୍ଦ୍ଦେଶନାମା ୧୯୫୦ର ସର୍ତ୍ତ ୩ ଅନୁଯାୟୀ ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତି ଏସ୍‌ସି ମାନ୍ୟତା ପାଇବାକୁ ହକ୍‌ଦାର ନୁହନ୍ତି।

ଆମ ଦେଶରେ କୌଣସି ନୀତିଗତ ସଂସ୍କାରର ରୂପାୟନ ପ୍ରକ୍ରିୟା ଅଧିକ ସମୟସାପେକ୍ଷ। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ କେତେଶୀଘ୍ର ଓ ସଫଳ ଭାବେ କାର୍ଯ୍ୟକାରୀ ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କିନ୍ତୁ ଏହି ଐତିହାସିକ ରାୟ ଆଗାମୀ ଜନଗଣନାର ପରିସଂଖ୍ୟାନକୁ ଯେ ବିଭ୍ରାନ୍ତ ଓ ଜଟିଳ କରିବ ତାହା ନିଶ୍ଚିତ। ଆଗାମୀ ଜନଗଣନା ଜାତିଭିତ୍ତିକ ହେଉଥିବାରୁ ଜନସାଧାରଣ ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଜାତିଗତ ପରିଚୟ ଉଲ୍ଲେଖ କରିବାକୁ ଅଗ୍ରାଧିକାର ଦେବେ। ଏହି ପୃଷ୍ଠଭୂମିରେ ଧର୍ମାନ୍ତରିତ ହୋଇଥିବା ଏସ୍‌ସି ବର୍ଗର ଲୋକେ ସଂରକ୍ଷଣ ସୁବିଧା ହରାଇବା ଭୟରେ ନିଜ ସମ୍ପ୍ରଦାୟ ବା ଧର୍ମଗତ ପରିଚୟ ଗୋପନ ରଖିବାକୁ ବା ଭୁଲ୍ ତଥ୍ୟ ଦେବାକୁ ଉଚିତ ମଣିବେ। ଏହାଦ୍ୱାରା ଜାତିଭିତ୍ତିକ ଜନଗଣନାର ମୂଳ ଲକ୍ଷ୍ୟ ସାଧିତ ହୋଇ ନ ପାରେ। ଏହାଛଡ଼ା ଅନ୍ୟ ଧର୍ମରେ ଜାତିପ୍ରଥା ନଥିବାରୁ ସରକାରୀ କାଗଜପତ୍ରରେ ବା ଆତ୍ମବିବରଣୀରେ ସେମାନେ ସମ୍ପ୍ରଦାୟ ବିଷୟରେ ଭୁଲ୍ ତଥ୍ୟ ଦେଲେ ମଧ୍ୟ ତତ୍କାଳ ତନଖି କରିବା ସରକାରୀ ଅଧିକାରୀଙ୍କ ପକ୍ଷରେ ସମ୍ଭବ ହେବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ଜଟିଳ କରିବାର ଆଶଙ୍କା ରହିଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଯେପରି ସୁବିଧା ଓ ସତ୍ୱରେ ରୂପାୟନ ହୋଇପାରିବ ସେ ଦିଗରେ ସରକାରୀ କଳ ଏବେ ତତ୍ପର ହେବାର ଆବଶ୍ୟକତା ଅଧିକ। ●

## ଏବେ ଠୁ ବନାଗ୍ନି

ଗ୍ରୀଷ୍ମ ଋତୁ ସମ୍ପୂର୍ଣ୍ଣ ଆସିନାହିଁ। ଅଥଚ ଆମ ରାଜ୍ୟ ବନାଗ୍ନିର ପ୍ରକୋପ ଦେଖୁଛି। ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବନାଗ୍ନିରେ ଓଡ଼ିଶା ଦେଶର ପ୍ରଥମ ସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଗତ ୨୧ ତାରିଖ ସୁଦ୍ଧା ରାଜ୍ୟର ବିଭିନ୍ନ ଜଙ୍ଗଲରେ ୭, ୪୦୦ ସ୍ଥାନରେ ନିଆଁ ଲାଗିଛି। ଏହା ମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ। ଏବେ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ସଙ୍କଟ ଯୋଗୁଁ ଗ୍ରାମୀଣ ଲୋକମାନେ ପୁଣି ଥରେ କାଠ ଓ କୋଇଲାକୁ ଜାଳେଣିର ବିକଳ୍ପ ରୂପେ ବ୍ୟବହାର କରୁଥିବାରୁ ବନାଗ୍ନିର ପରିସର ବଢ଼ିବାରେ ଲାଗିଛି। ୨୦୨୩ରେ ମଧ୍ୟ ବନାଗ୍ନିରେ ଦେଶରେ ଏକନମ୍ବର ରାଜ୍ୟ ଭାବେ ଓଡ଼ିଶା କୁଖ୍ୟାତି ଅର୍ଜନ କରିଥିଲା।

ଡିସେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯେପରି ଭୟାନକ ଓ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଛି, ଓଡ଼ିଶାରେ ମାର୍ଚ୍ଚଠାରୁ ମେ' ମାସ ବନାଗ୍ନି ସେହିପରି ରାଜ୍ୟର ପ୍ରାକୃତିକ ସମ୍ପଦ, ଜୈବବିବିଧତା ଓ ପଶୁପକ୍ଷୀଙ୍କ ପାଇଁ ଶୋଚନୀୟ କ୍ଷୟକ୍ଷତି ଆଣୁଛି। ବର୍ଷ ପରେ ବର୍ଷ ବନାଗ୍ନି ଅଘଟଣ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ଦିଗରେ ଯେ ସରକାରୀ କଳ ଉଦାସୀନ ତା' ନୁହେଁ; କିନ୍ତୁ ସରକାରୀ ଉଦ୍ୟମ ଓ ଯୋଜନା ତୃଣମୂଳସ୍ତରରେ ପ୍ରତିଫଳିତ ହୋଇ ନ ପାରିବା କାରଣରୁ ସୁଫଳ ମିଳିପାରୁନାହିଁ।

ଖରାଦିନେ ବନାଗ୍ନି ବା ଜଙ୍ଗଲ ନିଆଁ ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଓଡ଼ିଶାରେ ବନାଗ୍ନି ଅସମୟରେ ଆତ୍ମପ୍ରକାଶ କରୁଥିବାରୁ ଚିନ୍ତା ବଢୁଛି। ଖରାଦିନ ଆସିବା ପୂର୍ବରୁ ଝଡ଼ା ପତ୍ରରେ ନିଆଁ ଲାଗେ। ଏହାଛଡ଼ା ପୋଡୁଚାଷ, କୋଇଲା ମାଫିଆ, ବଜ୍ରପାତ, ପ୍ରବଳ ଝାଞ୍ଜି ପବନ ଯୋଗୁଁ ଗଛର ଶୁଖିଲା ଡାଳ ଘଷି ହେବା ଓ ବଣଭୋଜି କରୁଥିବା ଲୋକଙ୍କ ଉଦାସୀନତା ଯୋଗୁଁ ମଧ୍ୟ ଅନେକ ସମୟରେ ସାମାନ୍ୟ ନିଆଁ ଝୁଲ ପରବର୍ତ୍ତୀ ସମୟରେ ବିଶାଳ ବନାଗ୍ନି ସୃଷ୍ଟି କରୁଛି। ଏଥିମଧ୍ୟରୁ ପୋଡୁଚାଷର ଯୋଗଦାନ ସର୍ବାଧିକ।

ମୂଳ କଥା ହେଲା ବନାଗ୍ନି ଆରମ୍ଭ ହେବା ପରେ ପରିବେଶବିତ୍ ଓ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ସର୍ବୋଚ୍ଚ ପଦାଧିକାରୀମାନେ ଜଳବାୟୁ ପରିବର୍ତ୍ତନ ଓ ଲୋକଙ୍କ ଉଦାସୀନତାକୁ ଦୋଷ ଦେଇ ବସିଯାଆନ୍ତି। କିନ୍ତୁ ପରିବର୍ତ୍ତୀ ସମୟରେ ଏହାର ପୁନରାବୃତ୍ତି କିପରି ନ ହେବ ସେଥିପ୍ରତି ଦୀର୍ଘମିଆଦୀ ଯୋଜନା ହୁଏ ନାହିଁ କି ଅଭିଜ୍ଞତାରୁ କିଛି ଶିଖି ପ୍ରୟୋଗ କରିବାରେ ନିଷ୍ଠା ରହେ ନାହିଁ। ଏହି କାରଣରୁ ଓଡ଼ିଶାରେ ବନାଗ୍ନି ପ୍ରତିବର୍ଷ ନୂଆ ନୂଆ ଅଲୋଡ଼ା ରେକର୍ଡମାନ ପ୍ରତିଷ୍ଠା କରି ଚାଲିଛି। ଏହା ଅବଶ୍ୟ ଅସ୍ୱୀକାର କରିବାର ନାହିଁ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜଙ୍ଗଲ ଓ ଏହାର ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବର୍ଷାଭାବ, ତାପପ୍ରବାହ ଏବଂ ଶୁଷ୍କ ପରିବେଶ ଜଙ୍ଗଲ ନିଆଁକୁ ଅଧିକ ସୁହାଉଛି। ଏଭଳି ସମୟରେ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅଧିକ ପାଣ୍ଠି ଏବଂ ବୈଷୟିକ ସହଯୋଗ ଯୋଗାଇବାର ଆବଶ୍ୟକତା ରହିଛି। ସ୍ଥାନୀୟ ଲୋକ, ଜଙ୍ଗଲ ପାଖ ଗ୍ରାମବାସୀ ଏବଂ ବନବାସୀଙ୍କ ସହାୟତା ଓ ସହଯୋଗ ଅଧିକରୁ ଅଧିକ ଉପଯୋଗ କରାଯିବା ମଧ୍ୟ ଜରୁରୀ। ●

# ଭାରତୀୟ ରାଜନୀତିରେ ପରିବାରବାଦ

**ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା**

ଆମ ଦେଶର ରାଜନୀତିରେ 'ପରିବାରବାଦ' ପ୍ରସଙ୍ଗଟି ଖୁବ୍ ଆଲୋଚନା ହୋଇଆସୁଛି। ବିଶେଷକରି ୨୦୧୪ରୁ ଏହି ପ୍ରସଙ୍ଗ ଆକ୍ରମଣାତ୍ମକ ଢଙ୍ଗରେ ଉପସ୍ଥାପିତ ହୋଇଛି। ସତେଯେପରି ଭାରତୀୟ ସମାଜର ଅସଲ ସମସ୍ୟା ହେଉଛି 'ରାଜନୀତିରେ ପରିବାରବାଦ'। ଏଠାରେ 'ପରିବାରବାଦ'ର ସରଳ ଅର୍ଥ ହେଲା ପରିବାରର କର୍ତ୍ତୃତ୍ୱ ବା ପ୍ରଭୁତ୍ୱ। ଉଦାରବାଦୀ ଗଣତନ୍ତ୍ରରେ ରାଜନୀତି ଓ କ୍ଷମତା ଏକାର୍ଥବୋଧକ ଶବ୍ଦ। ସେହିକ୍ରମରେ କ୍ଷମତା ରାଜନୀତିରେ ପରିବାରର ପ୍ରମୁଖ ଭୂମିକା ରହିବ। ଅନ୍ୟଅର୍ଥରେ କ୍ଷମତା ବା ରାଷ୍ଟ୍ର କ୍ଷମତା, ସାଧାରଣରେ ଯାହା ସରକାର ବୋଲି ବୁଝାଯାଏ, ତା' ଉପରେ ପରିବାରର ନିୟନ୍ତ୍ରଣ ବା କର୍ତ୍ତୃତ୍ୱ ବଜାୟ ରହିବ।

ପରିବାରର ଭିନ୍ନ ଭିନ୍ନ ଅର୍ଥ ଅଛି। ଏହା ଏକାଧାରରେ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅନୁଷ୍ଠାନକୁ ବୁଝାଏ। ବ୍ୟକ୍ତିଗତ ସମ୍ପତ୍ତି ଓ ପରିବାର ଏକ ସମକାଳୀନ ସୃଷ୍ଟି ବୋଲି ସମାଜବିଜ୍ଞାନୀ ଓ ଐତିହାସିକମାନଙ୍କ ମତ। ତେଣୁ ସମ୍ପତ୍ତିର ମାଲିକାନା, ହସ୍ତାନ୍ତର ଓ ଉତ୍ତରାଧିକାର ଆଦି ମୌଳିକ ପ୍ରସଙ୍ଗ ପରିବାର ସହ ଜଡ଼ିତ। ରାଷ୍ଟ୍ର ଏକ ରାଜନୈତିକ ଓ ଆର୍ଥିକ ଅନୁଷ୍ଠାନ। ରାଷ୍ଟ୍ରର ଉତ୍ପତ୍ତି, ଏହାର ସ୍ଥିତି ଓ ଭବିଷ୍ୟତ ଉପରେ ଆଜି ସୁଦ୍ଧା ଏକାଧିକ ଆଦର୍ଶଗତ ବିଚାର ରହିଛି। ସ୍ୱାଭାବିକ ଭାବେ ଏସବୁ ବିଚାରକୁ ନେଇ ବିବାଦ ବି ଅଛି। ରାଷ୍ଟ୍ରର କ୍ଷମତା ଦଖଲ ପାଇଁ ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠୀ ମଧ୍ୟରେ ପ୍ରତିଯୋଗିତା ହେଉଛି ଏକ ଐତିହାସିକ ସତ୍ୟ। ରାଷ୍ଟ୍ର କ୍ଷମତା ହାସଲ ପାଇଁ ପ୍ରତିଯୋଗିତାର ଅସଲ ରୂପ ଓ ସ୍ୱରୂପ ତାହା ହେଲେ କ'ଣ? ତାହା ହେଲା ଗୋଟିଏ ଦେଶର ପ୍ରାକୃତିକ ଓ ମାନବିକ ସମ୍ପଦ କାହା ହାତରେ ରହିବ ଏବଂ କାହା ସ୍ୱାର୍ଥରେ ଲାଗିବ।

ମହାନ୍ ଦାର୍ଶନିକ କାର୍ଲ ମାର୍କସଙ୍କ ବିଚାର ଅନୁସାରେ ଆଜିପର୍ଯ୍ୟନ୍ତ ଧରାପୃଷ୍ଠରେ ତିଷ୍ଠି ଥିବା ମାନବ ଜାତିର ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ। ଏହି ସବୁ ସଂଗ୍ରାମ ମୂଳତଃ ଶୋଷକ ବିରୋଧରେ ଶୋଷିତର। ଉତ୍ପାଦନର ସାଧନ ଉପରେ ବ୍ୟକ୍ତିଗତ ମାଲିକାନା ବିଲୋପ କରି ସାମାଜିକ ମାଲିକାନା ପ୍ରତିଷ୍ଠା ପାଇଁ ଚାଲିଥିବା ନିରନ୍ତର ଶ୍ରେଣୀ ସଂଘର୍ଷ। ଏହି ଦାର୍ଶନିକ ବିଚାର ସହ ସମସ୍ତେ ସମ୍ପୂର୍ଣ୍ଣ ଭାବେ ଏକମତ ହୋଇ ନ ପାରନ୍ତି। ବ୍ରିଟିଶ ଉପନିବେଶ ଶାସନର ଅନ୍ତ ପରେ ଆମର ନୂଆ ଶୋଷକ କିଏ ଏବଂ ଆମ ଦେଶର ସମ୍ପଦର ଅସଲ ମାଲିକ କିଏ? ଦେଶର ସ୍ୱାଧୀନତା ପରବର୍ତ୍ତୀ ଇତିହାସ କହେ ଦେଶର ସମ୍ପଦ ଉପରେ ମାଲିକାନା ପାଇଁ ଅହରହ ଲଢ଼େଇ ଚାଲିଛି। ଏବେ ସୁଦ୍ଧା ସମ୍ପଦ ଉପରେ ସବୁଲୋକଙ୍କ ସମାନ ମାଲିକାନା ନାହିଁ। ତାହା ହେଲେ ସମ୍ପଦ ଉପରେ କାହାର ଅଧିକ ଆଧିପତ୍ୟ ରହିଛି?

ସମ୍ପଦର ମାଲିକାନା ଓ ପରିଚାଳନା ଦୃଷ୍ଟିରୁ ବିଚାର କଲେ ଆମ ଦେଶରେ ତିନିପ୍ରକାରର ପରିବାର ଅଛନ୍ତି। ଅତି ବଡ଼ ଧନୀଙ୍କ ପରିବାର, ଯେଉଁମାନଙ୍କ ସମ୍ପଦ ଉପରେ ଆଧିପତ୍ୟଶାଳୀ ପ୍ରଭାବ ଓ କର୍ତ୍ତୃତ୍ୱ। ଆଉ ଜନଗଣଙ୍କ ମଧ୍ୟରୁ ଏକ ବିଶାଳ ଅଂଶ ଅତି ଗରିବ ଓ ନିଃସ୍ୱଙ୍କ ପରିବାର। ଏ ଦୁଇ ମଝିରେ ଆଉ ଏକ ଗୋଷ୍ଠୀର ପରିବାର ରହିଛି, ଯେଉଁମାନେ ନିମ୍ନ ଓ ଉଚ୍ଚ ମଧ୍ୟବିତ୍ତରେ ଗଣା ହୁଅନ୍ତି। ଯେଉଁମାନେ ରାଜନୀତିରେ ପରିବାରବାଦ କଥା ଉଠାଉଛନ୍ତି ସେମାନେ ପ୍ରଥମେ କୁହନ୍ତୁ ଭାରତୀୟ ସମାଜରେ କେଉଁ ପରିବାରର ପ୍ରଭୁତ୍ୱ ସପକ୍ଷରେ ସେମାନେ ଓକିଲାତି କରୁଛନ୍ତି? ସେମାନେ ସରକାର ଓ ପ୍ରଶାସନର ବିଭିନ୍ନ ପଦପଦବୀରେ ଥିବା ବେଳେ ରାଷ୍ଟ୍ରର ନୀତି ଓ ନିଷ୍ପତ୍ତି କେଉଁ ପରିବାରର ସମ୍ପତ୍ତି ବଢ଼େଇବାରେ ସହାୟକ ହୋଇଛି!

ଏହା ଅନସ୍ୱୀକାର୍ଯ୍ୟ ଯେ ଦେଶରେ ଥିବା ବିଭିନ୍ନ ରାଜନୈତିକ ଦଳ ମଧ୍ୟରୁ କିଛି ଦଳ ଗୋଟିଏ ଗୋଟିଏ ପରିବାର ହାତରେ ଅଛନ୍ତି। ଯେଉଁ ଦଳ ଅଧିକ ପରିବାରବାଦ କଥା ଉଠାଉଛି ସେ ଦଳରେ ଏକଶତରୁ ଅଧିକ ନେତା ଅଛନ୍ତି, ଯେଉଁମାନଙ୍କ ପରିବାରରୁ ଏକାଧିକ ବ୍ୟକ୍ତି ଓ ରକ୍ତସମ୍ପର୍କୀୟ ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ଅଛନ୍ତି। ନିଜର ପୁଅ, ଝିଅ, ବନ୍ଧୁ ଓ ପରିଜନଙ୍କୁ ଥଇଥାନ କରିଛନ୍ତି କ୍ଷମତା ରାଜନୀତିରେ। ରାଜନୈତିକ କ୍ଷମତା ସେମାନଙ୍କ ପରିବାରର ସ୍ୱାର୍ଥସାଧନରେ ଲାଗିଛି। ବାମପନ୍ଥୀ ଦଳମାନଙ୍କୁ ବାଦଦେଲେ ଅନ୍ୟ ସବୁ ରାଜନୈତିକ ଦଳ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପରିବାର ମାଲିକାନାରେ ପରିଚାଳିତ ଓ ନିୟନ୍ତ୍ରିତ। ଦଳୀୟ ଗଣତନ୍ତ୍ର 'ହାଇ କମାଣ୍ଡ' ସଂସ୍କୃତି ବା 'ଏକବ୍ୟକ୍ତି ଏକାଧିପତ୍ୟ' ଦ୍ୱାରା ନିର୍ଦ୍ଦେଶିତ।

ରାଜନୀତିରେ ପରିବାରବାଦ ପ୍ରସଙ୍ଗ ଉଠାଇ ଦେଶ ସମ୍ମୁଖୀନ ହେଉଥିବା ମୂଳ ପ୍ରସଙ୍ଗ(ବିପୁଳ ଜନଗଣ ସମ୍ପଦହୀନ ହେବା ଓ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଭିତରକୁ ଠେଲି ହୋଇଯିବା) ପଛକୁ ଚାଲିଯାଉଛି। ଦେଶରେ ଅତିଶୟ ସମ୍ପତ୍ତିର ମାଲିକ ବା ଅତିଧନୀଙ୍କ ପରିବାର ହାତରେ କ୍ଷମତା କେନ୍ଦ୍ରୀଭୂତ ହେଉଛି। ଦେଶର ଜମି, ଜଙ୍ଗଲ, ଜଳ, ଖଣି ଖାଦାନ, ଉତ୍ପାଦନ ଓ ପରିସେବାର ବିପୁଳ ଅଂଶ ମଧ୍ୟ ସେମାନଙ୍କ ମାଲିକାନାରେ। ଦେଶର ୧ ଭାଗ ପରିବାର ୯୦ ଭାଗ ସମ୍ପଦର ମାଲିକ। ଏକ ପୁଞ୍ଜିବାଦୀ ବ୍ୟବସ୍ଥାର ରାଷ୍ଟ୍ର ଓ ସରକାର ଶୋଷକ ଶ୍ରେଣୀର ସ୍ୱାର୍ଥରକ୍ଷାରେ ନିୟୋଜିତ ହୋଇଥାଏ। ଦେଶର ଆର୍ଥିକ ଆଇନ ପ୍ରଣୟନ କରୁଥିବା ଆମ ଦେଶର ସଂସଦକୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କୁ ଦେଖିଲେ ସଂସଦ କାହାର ପ୍ରତିନିଧି ସ୍ପଷ୍ଟ ହୁଏ। ସଂସଦ ଏବେ ଅତିଧନୀଙ୍କ ଏକ ଆଇନ ସଭାରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

୨୦୧୪ ମସିହାରେ ନିର୍ବାଚିତ ସାଂସଦମାନଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ଥିଲା ୧୫.୮୩ କୋଟି ଟଙ୍କା। ୨୦୧୯ ଏହା ବଢ଼ି ୨୭.୧୩ କୋଟି ଟଙ୍କାରେ ପହଞ୍ଚିଥିଲା। ଚଳିତ ସଂସଦରେ ଜଣେ ସାଂସଦଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୩୩.୧୩ କୋଟି ଟଙ୍କା। ୨୦୧୪ ତୁଳନାରେ ସାଂସଦଙ୍କ ସମ୍ପତ୍ତି ୧୧୦ ଭାଗ ବଢ଼ିଛି। ଏହି ସମୟ ଭିତରେ ଅତିଶୟ ବିଶାଳ ପୁଞ୍ଜିପତିଙ୍କ ସଂଖ୍ୟା ୧୦୨ ରୁ ବଢ଼ି ୨୨୫ ରେ ପହଞ୍ଚିଛି। ଧନୀ ସଂସଦ କେଉଁସବୁ ଦଳର ତାହାର ମୂଲ୍ୟାୟନ କଲେ ହିଁ ଅସଲ ଛବି ମିଳିବ। ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତିର ମାଲିକ ହେଉଛନ୍ତି ୨୬୯ ଜଣ ସାଂସଦ, ୪୬ ଜଣ ସାଂସଦଙ୍କ ସମ୍ପତ୍ତି ୫୦ କୋଟି ଟଙ୍କାରୁ ଅଧିକ। ସେମାନଙ୍କ ମଧ୍ୟରୁ ୩୪ ଜଣ ବିଜେପି ସାଂସଦ ଓ କଂଗ୍ରେସର ୧୨ ଜଣ। ଅନ୍ୟ ଏକ ହିସାବ ଅନୁସାରେ ଚଳିତ ଲୋକସଭାର ୨୪୦ ଶାସକ ଦଳର ସାଂସଦଙ୍କ ହାରାହାରି ସମ୍ପତ୍ତି ପରିମାଣ ୫୦.୦୪ କୋଟି ଟଙ୍କା।

ପରିବାରବାଦ ଗଣ୍ଡି ମଧ୍ୟରେ ଥିବା ରାଜନୈତିକ ଦଳ ମଧ୍ୟରୁ ଚଳିତ ଲୋକସଭାରେ ଥିବା ୯୯ ଜଣ କଂଗ୍ରେସ ସାଂସଦଙ୍କ ହାରାହାରି ସମ୍ପତ୍ତି ୨୨.୯୩ କୋଟି, ୩୭ ଜଣ ସମାଜବାଦୀ ପାର୍ଟିର ସାଂସଦଙ୍କ ହାରାହାରି ସମ୍ପତ୍ତି ୧୫.୨୫ କୋଟି, ୨୯ ଜଣ ତୃଣମୂଳ କଂଗ୍ରେସ ସାଂସଦଙ୍କ ହାରାହାରି ସମ୍ପତ୍ତି ୧୫.୨୫ କୋଟି ଟଙ୍କା। ଏନ୍‌ଡିଏ ସଦସ୍ୟ ଟିଡିପିର ୧୬ ଜଣ ସାସଦଙ୍କ ହାରାହାରି ସମ୍ପତ୍ତି ୪୪୨.୦୦ କୋଟି ଟଙ୍କା। ଜଗନଙ୍କ ନେତୃତ୍ୱାଧୀନ ୱାଇ.ଏସ.ଆର କଂଗ୍ରେସ ଏବଂ ଭାରତ ରାଷ୍ଟ୍ରୀୟ ସମିତିର ସାଂସଦଙ୍କ ସମ୍ପତ୍ତି ସର୍ବାଧିକ କାହାର ୫୦୦ କୋଟିରୁ ଉର୍ଦ୍ଧ୍ୱ ତ କିଏ ୫୦୦୦ କୋଟି ଟଙ୍କାର ମାଲିକ। ପ୍ରତି ପାଞ୍ଚ ବର୍ଷରେ ଅଧିକରୁ ଅଧିକ ସମ୍ପତ୍ତିର ମାଲିକମାନେ ସଂସଦକୁ ନିର୍ବାଚିତ ହେଉଛନ୍ତି। ସେମାନେ ଦେଶର ବୃହତ୍ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଦେଶର ସଂସଦକୁ ବ୍ୟବହାର କରୁଛନ୍ତି। ଆଉ ଗରିବ ଓ ସକଳ ପ୍ରକାର ନିଷ୍ପେଷିତ ଓ ନିର୍ଯ୍ୟାତିତ ମଣିଷ ରାଜନୈତିକ ଚେତନା ଓ ଶିକ୍ଷା ଅଭାବରୁ ସେମାନଙ୍କୁ ସଂସଦକୁ ପଠାଉଛନ୍ତି।

ଏହାର ପରିଣାମ ଦେଶର ବିପୁଳ ଜନଗଣ ସକଳ ଦୁର୍ଦ୍ଦଶା ଓ ଦୟନୀୟ ସ୍ଥିତି ଭିତରେ ବଞ୍ଚୁଛନ୍ତି। ଅତିଶୟ ଧନୀ ପରିବାରଙ୍କ ସପକ୍ଷରେ ଅବସ୍ଥାନ କରୁଥିବା ଦଳ ଓ ନେତାମାନେ ଯାହା ଲୋକଙ୍କ ସମସ୍ୟା ନୁହେଁ ସେହି ପ୍ରସଙ୍ଗ ଉଠାଇବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ। ସାମାଜିକ-ଆର୍ଥିକ ସମତା ଓ ବିପୁଳ ଜନଗଣଙ୍କୁ କ୍ଷମତା ପ୍ରଦାନ ବଦଳରେ ରାଜନୀତିରେ ପରିବାରବାଦ ଆଦି ଗୌଣ ପ୍ରସଙ୍ଗକୁ ଅତିରଞ୍ଜିତ ଭାବେ ବହୁଳ ପ୍ରଚାର କରିବା ପଛରେ ଅସଲ ଉଦ୍ଦେଶ୍ୟ ହେଉଛି ଅତିଶୟ ଧନୀଙ୍କ ପରିବାରର ଲୁଣ୍ଠନ ଓ ଶୋଷଣକୁ ଘୋଡ଼ାଇ ରଖିବା। ଶିଳ୍ପପତିଙ୍କ ପରିବାର ହାତରେ ଦେଶର ସମ୍ପଦ ଟେକି ଦେବା ପଛରେ ଶାସନ କେତେ ଦାୟୀ ସେ କଥା ନିଜେ ଖୁବ୍ ଭଲ ଭାବେ ଜାଣନ୍ତି। 'ରାଜନୀତିରେ ପରିବାରବାଦ' ପ୍ରସଙ୍ଗ ଏକ ରାଜନୈତିକ ଚାଲ୍; 'କର୍ପୋରେଟ ପରିବାରବାଦ' ହେଉଛି ଅସଲି ପ୍ରସଙ୍ଗ। ଦେଶର ଅର୍ଥନୀତିରେ କର୍ପୋରେଟର କ୍ରମବର୍ଦ୍ଧିଷ୍ଣୁ ମାଲିକାନା ଓ ଆଧିପତ୍ୟ ହେଉଛି ଜନଗଣଙ୍କ ଦୁର୍ଦ୍ଦଶାର ମୁଖ୍ୟ ପ୍ରଶ୍ନ, ଯାହା ସାମନାକୁ ନ ଆଣିବା ପାଇଁ କର୍ପୋରେଟ ଗଣମାଧ୍ୟମ ଅହରହ ପ୍ରୟାସ କରୁଛି। ●

(ପ୍ରାକ୍ତନ ଅଧ୍ୟକ୍ଷ, ସୂରଜମଲ ସାହା ମହାବିଦ୍ୟାଳୟ)
ଗୋପୀନାଥପୁର(ପୁରୀ)
ମୋ: ୯୪୩୯୧୪୩୩୪୫

# ନିଦ ଚୋରାଉଛି ଜଳବାୟୁ ପରିବର୍ତ୍ତନ

**ଉମାଶଙ୍କର ଦାସ**

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ପ୍ରଭାବରେ 'ନିଦ ଚୋରି'ର ଏକ ପ୍ରମୁଖ ସମସ୍ୟା ହୋଇଛି। ଚୀନ (ଚୀନ୍ ନିଦ୍ରା ଗବେଷଣା ସଂଘ), ୟୁନାଇଟେଡ୍ କିଙ୍ଗଡ଼ମ୍ (ସ୍ଲିପ୍ ଚ୍ୟାରିଟି), ଆମେରିକା (ନ୍ୟାସନାଲ୍ ସ୍ଲିପ୍ ଫାଉଣ୍ଡେସନ୍) ଭଳି ପ୍ରମୁଖ ଦେଶଗୁଡ଼ିକର ନିଦ୍ରା ସମ୍ବନ୍ଧରେ ଗବେଷଣା କରୁଥିବା ଅନୁଷ୍ଠାନଗୁଡ଼ିକର ରିପୋର୍ଟ ଅନୁଯାୟୀ ପ୍ରତି ତିନିଜଣଙ୍କ ମଧ୍ୟରୁ ଜଣେ ନିଦ୍ରା ସମସ୍ୟାର ଶିକାର ହେଉଛନ୍ତି। ତେଣୁ ଏକ ସୁସ୍ଥ ପ୍ରଗତିଶୀଳ ସମାଜ ପାଇଁ ନିଦ୍ରା ବ୍ୟାଧିର ବିପଦ କାରକଗୁଡ଼ିକୁ ଚିହ୍ନଟ ଏବଂ ପରିଚାଳନା ଗୁରୁତ୍ୱପୂର୍ଣ୍ଣ।

ଉଚ୍ଚ ତାପମାତ୍ରା ଓ ଖରାପ ନିଦ୍ରା ମଧ୍ୟରେ ସମ୍ପର୍କ ଏକ ଅନ୍ତର୍ନିହିତ କ୍ରିୟା। ପ୍ରଥମତଃ, ନିଦ୍ରା ସମୟରେ ଶରୀରର ମୂଳ ତାପମାତ୍ରା ସ୍ୱାଭାବିକ ଭାବରେ ହ୍ରାସ ପାଏ, ଯାହା ନିଦ୍ରା ଆରମ୍ଭ ଓ ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପନ ପ୍ରଭାବରେ ବୃଦ୍ଧି ହେଉଥିବା ଉଚ୍ଚ ପରିବେଶୀୟ ତାପମାତ୍ରା ଶରୀରର ମୂଳ ତାପମାତ୍ରାକୁ ହ୍ରାସ ହେବାର ପ୍ରକ୍ରିୟାକୁ ବାଧା ଦେଇ ନିଦ୍ରା ଆସିବାର ଗତି ଓ ନିଦ୍ରାର ଗୁଣବତ୍ତା ଉଭୟକୁ ପ୍ରଭାବିତ କରିଥାଏ। ଏହାସହିତ ଗରମ ପରିବେଶରେ ଝାଳ ଯୋଗୁଁ ହେଉଥିବା ଅସ୍ୱସ୍ତି ବାରମ୍ବାର ଜାଗ୍ରତ କରାଇ ନିଦ ଆସିବାରେ ଅସୁବିଧା ସୃଷ୍ଟି କରିପାରେ। ଅଧିକନ୍ତୁ ଉଚ୍ଚ ତାପମାତ୍ରା ଶରୀରର ସର୍କାଡିଆନ୍ ତାଳକୁ ବାଧା ଦେଇପାରେ, ଯାହା ଅନିଦ୍ରା କିମ୍ବା ଅନ୍ୟାନ୍ୟ ନିଦ୍ରାଜନିତ ବ୍ୟାଧି ସୃଷ୍ଟି କରିପାରେ। ଏହାସହିତ ଉଚ୍ଚ ତାପମାତ୍ରା ଦ୍ୱାରା ସୃଷ୍ଟି ହୋଇଥିବା ଅସ୍ୱସ୍ତି ଓ ଚିନ୍ତା ନିଦକୁ ଆହୁରି ବାଧା ଦେଇପାରେ। ଉଚ୍ଚ ତାପମାତ୍ରା ଖାଦ୍ୟ ପଦ୍ଧତି, ଶାରୀରିକ କାର୍ଯ୍ୟକଳାପ ଶୈଳୀକୁ ମଧ୍ୟ ପ୍ରଭାବିତ କରିପାରେ ଏବଂ ଶୀଘ୍ର ଥକାପଣ, ରାତି ସମୟରେ ଅସ୍ୱସ୍ତି ବୃଦ୍ଧି କରିଥାଏ।

ଚକ୍ଷୁର ଧିମା ଗତି ଓ ତୀବ୍ର ଗତି ମାଧ୍ୟମରେ ଗଭୀର ନିଦ୍ରା, ହାଲୁକା ନିଦ୍ରା ଓ ସ୍ୱପ୍ନ ନିଦ୍ରା ସଂଘଟିତ ହୁଏ। ଏହି ପର୍ଯ୍ୟାୟଗୁଡ଼ିକରେ କୌଣସି ବାଧା ଘଟିଲେ ନିଦ୍ରାହୀନତା ସୃଷ୍ଟି ହୋଇଥାଏ, ଯାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେବା ସହ ଦୀର୍ଘକାଳୀନ ଶ୍ୱାସ ରୋଗ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ପେଶୀ ଓ ଅସ୍ଥି ସମ୍ବନ୍ଧୀୟ ରୋଗ, କର୍କଟ ପରି ରୋଗ ସୃଷ୍ଟି କରିଥାଏ।

୬୮ଟି ଦେଶରୁ ୪୭, ୬୨୮ ଜଣଙ୍କର ସଂଗୃହୀତ ନିଦ୍ରା ସମ୍ପର୍କିତ ସର୍ବେକ୍ଷଣ ସମେତ ଅନେକ ମହାମାରୀ ବିଜ୍ଞାନ ଅଧ୍ୟୟନ ସିଧାସଳଖ ଭାବେ ଉଚ୍ଚ ତାପମାତ୍ରାକୁ ନିଦ୍ରାହୀନତା ସହିତ ସଂଯୋଗ କରିଛି। ୨୦୨୧ ରୁ ୨୦୨୩ ମଧ୍ୟରେ ଚୀନର ୩୩୬ ସହରରୁ ୨, ୧୪, ୪୪୫ ଜଣଙ୍କ ୨୩, ୧୯୭, ୦୪୫ ଦିନର ନିଦ୍ରା ନିରୀକ୍ଷଣ ମୂଲ୍ୟାଙ୍କନ ଅନୁଯାୟୀ ମୋଟ ନିଦ୍ରା ଅବଧି ୪୨୭.୩ ମିନିଟ୍, ହାଲୁକା ନିଦ୍ରା ୧୯୯ .୮ ମିନିଟ୍ (୪୬ .୮୪ %), ଗଭୀର ନିଦ୍ରା ୧୨୭.୦ ମିନିଟ୍ (୨୯.୭୪%) ଏବଂ ସ୍ୱପ୍ନ ନିଦ୍ରା ୧୦୦.୪ ମିନିଟ୍ (୨୩.୪୨%) ରହିଥିବା ଜଣାପଡ଼ିଛି। ଏହି ସର୍ବେକ୍ଷଣର ଅନୁଧ୍ୟାନ ଅନୁଯାୟୀ ବିଭିନ୍ନ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଅନୁଯାୟୀ ଐତିହାସିକ ସମୟସୀମା ତୁଳନାରେ ବାର୍ଷିକ ହାରାହାରି ତାପମାତ୍ରାର କ୍ରମାଗତ ବୃଦ୍ଧି ପାଉଥିବା ଧାରା ଯୋଗୁଁ ଏକବିଂଶ ଶତାବ୍ଦୀର ଶେଷ ସୁଦ୍ଧା ପ୍ରତି ବ୍ୟକ୍ତିର ବର୍ଷକୁ ମୋଟ ୩୩ ଘଣ୍ଟାରୁ ଅଧିକ ନିଦ ହ୍ରାସ ହେବ ବୋଲି ଆକଳନ କରାଯାଇଛି। ନିଦ୍ରା ଉପରେ ଉଚ୍ଚ ତାପମାତ୍ରାର ପ୍ରତିକୂଳ ପ୍ରଭାବ ବୟସ୍କ, ମହିଳା ଓ ପୃଥୁଳ ଶରୀର ଯୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଏବଂ ଉଚ୍ଚ-ଆର୍ଦ୍ରତା ପରିବେଶରେ ପ୍ରଭାବ ଅଧିକ ସ୍ପଷ୍ଟ ଭାବରେ ଦେଖାଯାଏ।

ସେହିପରି ଅଷ୍ଟ୍ରେଲିଆର ସିଡ୍‌ନିରେ ୪୮ ଜଣ ଅଂଶଗ୍ରହଣକାରୀଙ୍କ ଏକ କ୍ଷେତ୍ର ଅଧ୍ୟୟନର ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଗ୍ରୀଷ୍ମ ସମୟରେ ଶୟନ କକ୍ଷର ତାପମାତ୍ରା ୧ କେଭି ବୃଦ୍ଧି ପାଇବାରୁ ସ୍ୱପ୍ନ ନିଦ୍ରା ପ୍ରତିଶତ ୧.୬୫% ହ୍ରାସ ପାଇଛି। ତାଇପେଇର ଏକ ନିଦ୍ରା କେନ୍ଦ୍ରରେ ୫,୨୦୪ ଅଂଶଗ୍ରହଣକାରୀଙ୍କ ଏକ ଗବେଷଣାରୁ ଜଣାପଡ଼ିଛି ଯେ ଉଚ୍ଚ ତାପମାତ୍ରା ହାଲୁକା ନିଦ ଏବଂ ଗଭୀର ନିଦ ପ୍ରତିଶତ ବୃଦ୍ଧି ସହିତ ଜଡ଼ିତ ଥିଲା। ପାରିପାର୍ଶ୍ୱିକ ତାପମାତ୍ରାରେ ପ୍ରତ୍ୟେକ ୧୦ ଆଇସି ବୃଦ୍ଧି ପାଇଁ ନିଦ ଅଭାବର ସମ୍ଭାବନା ୨୦.୧% ବୃଦ୍ଧି ପାଇଛି, ଯେତେବେଳେ ମୋଟ ନିଦ ଅବଧି ୯.୬୭ ମିନିଟ୍ ହ୍ରାସ ପାଇଛି। ଗଭୀର ନିଦ ସବୁଠାରୁ ଅଧିକ ହ୍ରାସ ପାଇଛି (୨୧.୮୨%)। ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ପରିସ୍ଥିତି ଅଧୀନରେ ଆକଳନ ସୂଚାଇ ଦିଏ ଯେ ଶତାବ୍ଦୀ ଶେଷ ସୁଦ୍ଧା ନିଦ ଅଭାବ ୧୦.୫୦% ବୃଦ୍ଧି ପାଇପାରେ।

ଉଚ୍ଚ ତାପମାତ୍ରା ସହିତ ଜଡ଼ିତ ନିଦ୍ରା କ୍ଷତିର ବର୍ଦ୍ଧିତ ବୋଝକୁ ଦୃଷ୍ଟିରେ ରଖି ଭବିଷ୍ୟତରେ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଜଳବାୟୁ ନୀତିର ଜରୁରୀ ଆବଶ୍ୟକତା ରହିଛି। କାରଣ ଅପର୍ଯ୍ୟାପ୍ତ ଗଭୀର ନିଦ୍ରାରୁ ଉତ୍ପନ୍ନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଯୁଗରେ ଏକ କେନ୍ଦ୍ରବିନ୍ଦୁ ହୋଇପାରେ, ଯାହା ଅଧିକ ତଦନ୍ତର ଆବଶ୍ୟକତା ରହିଛି। ବିଶେଷକରି କ୍ଷେତ୍ର-ନିର୍ଦ୍ଦିଷ୍ଟ ଅନୁକୂଳନ ନୀତି କାର୍ଯ୍ୟକାରୀ କରିବା ଆବଶ୍ୟକ ହୋଇପାରେ। ବିଶ୍ୱବ୍ୟାପୀ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି କି ବ୍ୟାପକ ଉଚ୍ଚ ତାପମାତ୍ରା ମୁଖ୍ୟତଃ ଗଭୀର ନିଦ୍ରାକୁ ହ୍ରାସ କରି ସାମଗ୍ରିକ ନିଦ୍ରା ଅବଧିକୁ ହ୍ରାସ କରେ, ଯାହା ଶାରୀରିକ ଓ କାର୍ଯ୍ୟକ୍ଷମ ପୁନରୁଦ୍ଧାର ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଅଧିକ ଗବେଷଣା ଆବଶ୍ୟକ। ଏପରି ପରିସ୍ଥିତିରେ ଆମ ଦେଶ ଭାରତରେ ସାମୂହିକ ରୋଜଗାର କ୍ଷମ ହାରାହାରି ସଂଖ୍ୟାର ୬୦% ହେଉଛନ୍ତି ଚାଷୀ ଓ ଶ୍ରମିକ। ଓଡ଼ିଶାର ଅଧିକାଂଶ କର୍ମଜୀବୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କ ପାଇଁ ଉଚ୍ଚ ତାପମାତ୍ରା ଅତ୍ୟନ୍ତ ସମ୍ବେଦନଶୀଳ। ଏକ ପ୍ରଗତିଶୀଳ ରାଜ୍ୟ ପାଇଁ ସରକାରୀ କ୍ଷେତ୍ରରେ ନିଦ୍ରା ସହ ତାପମାତ୍ରାର ପର୍ଯ୍ୟବେକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଏହି ଦିଗରେ ପ୍ରଚେଷ୍ଟା ଏକ ସୁସ୍ଥ ସମାଜ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ। ●

(ବୈଜ୍ଞାନିକ, ଜାତୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର)
ନୂଆଦିଲ୍ଲୀ, ମୋ: ୭୯୭୮୭୩୬୫୮୦

# ଶ୍ରୀକ୍ଷେତ୍ରରୁ ସ୍ୱର୍ଗକୁ ପାହାଚ

**ସ୍ୱପ୍ନେଶ୍ୱର**

### ଲୋକକଥାରେ ଲୋକଦେବତା

ବିଶ୍ୱାସ କରାଯାଏ ଯେ ସବୁଦିନ ସନ୍ଧ୍ୟା ପରେ ସ୍ୱର୍ଗର ଦେବତାମାନେ ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଦେଇ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସନ୍ତି ଏବଂ ପୂଜାର୍ଚ୍ଚନା ପରେ ସେହି ବାଟ ଦେଇ ଫେରି ଯାଆନ୍ତି। ସେମାନଙ୍କର ଯିବାଆସିବାର ସୁବିଧା ପାଇଁ ସନ୍ଧ୍ୟା ପରେ ଉତ୍ତର ଦ୍ୱାର ସର୍ବସାଧାରଣଙ୍କ ପାଇଁ ବନ୍ଦ କରି ଦିଆଯାଏ। ଦିନେ ଦେବରାଜ ଇନ୍ଦ୍ର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଲେ। ପୂଜାର୍ଚ୍ଚନା ପରେ ତାଙ୍କର ମହାପ୍ରସାଦ ସେବା କରିବା ପାଇଁ ମନ ବଳିଲା। କିନ୍ତୁ ସେତେବେଳକୁ ରାତି ଅନେକ ହୋଇ ଯାଇଥିବାରୁ ଶ୍ରୀମନ୍ଦିର ପ୍ରାୟ ଜନଶୂନ୍ୟ ହୋଇ ଯାଇଥିଲା। ତଥାପି ସେ ଆନନ୍ଦବଜାରକୁ ଯାଇ ଦେଖିଲେ ଯେ ଜଣେ ସୁଆର ରାତ୍ରିର ସେ ସମୟରେ ମଧ୍ୟ ମହାପ୍ରସାଦ ଧରି ଗରାଖ ଅପେକ୍ଷାରେ ବସିଥିଲେ। ଏହା ମହାପ୍ରଭୁଙ୍କର ତାଙ୍କ ପ୍ରତି ଅପାର କରୁଣାର ନିଦର୍ଶନ ବୋଲି ଭାବି ଇନ୍ଦ୍ରଦେବ ପୁଣି ଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ। ସୁଆରଙ୍କ ପାଖକୁ ଯାଇ ମନ ଭରି ପ୍ରସାଦ ସେବନ କରି ତୃପ୍ତ ହେଲେ। କିନ୍ତୁ ପ୍ରସାଦର ମୂଲ୍ୟ ଦେବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା। ସେ ସୁଆରଙ୍କୁ ମୂଲ୍ୟ ଦେବାରେ ନିଜର ଅକ୍ଷମତା ପ୍ରକାଶ କରି ଫେରିଯିବା ପାଇଁ ଉଦ୍ୟତ ହୁଅନ୍ତେ ସୁଆର କଉଡ଼ି ଦାବି କରି କରି ଇନ୍ଦ୍ରଙ୍କ ପଛେପଛେ ଯିବାକୁ ଲାଗିଲେ। ଇନ୍ଦ୍ର ଧୀର ପଦକ୍ଷେପରେ ଯାଉଥିଲେ ମଧ୍ୟ ସୁଆର ଦୌଡ଼ି ଦୌଡ଼ି ତାଙ୍କ ପାଖରେ ପହଞ୍ଚି ପାରୁ ନ ଥିଲେ। ଦେବରାଜ ଇନ୍ଦ୍ର ସମୁଦ୍ରକୂଳରେ ପହଞ୍ଚି ସୁଆରଙ୍କୁ ଅପେକ୍ଷା କଲେ। ସୁଆର ଧଇଁସଇଁ ହୋଇ ପହଞ୍ଚିବା ପରେ ତାଙ୍କୁ ନିଜର ପରିଚୟ ଦେଇ କହିଲେ, 'ମୁଁ ଦେବରାଜ ଇନ୍ଦ୍ର। ସବୁଦିନ ପରି ଆଜି ମୁଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି। ଆଜି ମହାପ୍ରସାଦ ସେବନ ପାଇଁ ମୋ ମନରେ ଅଦମ୍ୟ ଆଗ୍ରହ ସୃଷ୍ଟି ହେଲା। ଆଗ୍ରହର ଆତିଶଯ୍ୟରେ ମୁଁ ମୋ ପାଖରେ ମାଖରେ କଉଡ଼ି ନାହିଁ ବୋଲି ଭୁଲି ଯାଇଥିଲି। ମୋର ପରମ ସୌଭାଗ୍ୟ ଯେ ଆପଣ ମୋତେ ମହାପ୍ରସାଦ ଦେଇ ତୃପ୍ତ କଲେ। ମହାପ୍ରସାଦର ମୂଲ୍ୟ ବଦଳରେ ମୁଁ ଆପଣଙ୍କୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ସେ ବର ବଳରେ ତୁମେ ଯେତେବେଳେ ଇଚ୍ଛା କରିବ ମୋର ନାମ ସ୍ମରଣ କଲେ ବର୍ଷା ହେବ।'

ବର ପ୍ରଦାନ କରି ଇନ୍ଦ୍ର ସ୍ୱର୍ଗକୁ ଥିବା ଅଦୃଶ୍ୟ ପାହାଚ ଚଢ଼ି ଚାଲିଗଲେ। ଇନ୍ଦ୍ର ଫେରିଥିବା ବାଟକୁ ସମୁଦ୍ର କୂଳରେ ଚିହ୍ନଟ କରି ସୁଆର ଘରକୁ ଫେରି ଆସିଲେ। କିଛିବର୍ଷ ପରେ ରାଜ୍ୟରେ ଘୋର ଅନାବୃଷ୍ଟି ଦେଖାଦେଲା। ଉତ୍କଟ ମରୁଡ଼ି ପଡ଼ିଲା। ହଜାର ହଜାର ଲୋକ ମୃତ୍ୟୁ ମୁଖରେ ପଡ଼ିଲେ। ସେ ସମସ୍ୟାର ସମାଧାନ ରାଜାଙ୍କ କ୍ଷମତାର ବାହାରେ ଥିଲା। ଏତିକି ବେଳେ ସୁଆର ଇନ୍ଦ୍ରଙ୍କ ପ୍ରଦତ୍ତ ବର କଥା ମନେ ପକେଇ ରାଜାଙ୍କ ପାଖକୁ ଯାଇ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ରାଜାଙ୍କ ଅନୁରୋଧରେ ସେ ଇନ୍ଦ୍ରଙ୍କୁ ଧ୍ୟାନ କରି ବର୍ଷା ପାଇଁ ପ୍ରାର୍ଥନା କଲେ। ସଂଗେସଂଗେ ଚାରି ମେଘ ମିଳି ରାଜ୍ୟରେ ପ୍ରବଳ ବର୍ଷା କଲେ। ରାଜାଙ୍କ ସହ ରାଜ୍ୟବାସୀ ଅତ୍ୟନ୍ତ ଖୁସି ହେଲେ। ରାଜା ଶ୍ରଦ୍ଧାରେ ସୁଆରଙ୍କ ନାମ 'ମେଘମାଳିଆ ସୁଆର' ହେଲା ବୋଲି ଘୋଷଣା କଲେ ଏବଂ ସ୍ୱର୍ଗକୁ ଥିବା ରାସ୍ତାର ଯାଗା ଦେଖାଇ ଦେବା ପାଇଁ ଅନୁରୋଧ କଲେ। ସୁଆର ଆଗରୁ ଚିହ୍ନ ଦେଇଥିବା ଯାଗା ଦେଖେଇ ଦେବା ପରେ ରାଜା ସେଠାରେ ଏକ ମହାଶ୍ମଶାନ ନିର୍ମାଣ କଲେ ଏବଂ ରାଜ୍ୟରେ ମୃତ୍ୟୁ ଲାଭ କରୁଥିବା ଲୋକମାନଙ୍କର ସେଠାରେ ଦାହ ସଂସ୍କାର କଲେ ସେମାନଙ୍କର ସ୍ୱର୍ଗଯାତ୍ରା ସହଜ ଓ ନିଶ୍ଚିତ ହେବ ବୋଲି ଘୋଷଣା କଲେ।

ସ୍ୱର୍ଗଦ୍ୱାର ପ୍ରସଂଗ ଆଲୋଚନା କଲା ବେଳେ ସ୍କନ୍ଦ ପୁରାଣର ଏକ ରୋଚକ ବର୍ଣ୍ଣନା ସ୍ୱତଃ ମନକୁ ଆସିଯାଏ। ଶ୍ରୀକ୍ଷେତ୍ରର ଅଧିବାସୀମାନେ ଇହଧାମ ତ୍ୟାଗ ପରେ ସିଧା ବୈକୁଣ୍ଠକୁ ଯାତ୍ରା କରୁ ଥିବାରୁ ମୃତ୍ୟୁର ଦେବତା ଯମ ତାଙ୍କର ଅଧିକାର ସଙ୍କୁଚିତ ହେଉଥିବାରୁ କ୍ଷୁବ୍ଧ ହେଲେ। ସେ ଏ ବିଷୟରେ ତାଙ୍କର ଅଭିଯୋଗ ନେଇ ବିଷ୍ଣୁଙ୍କ ପାଖରେ ପହଞ୍ଚି ସମାଧାନ ପାଇଁ ପ୍ରାର୍ଥନା କଲେ। ଏହା ଶୁଣି ବିଷ୍ଣୁ ଜଗନ୍ନାଥ ସାମାନ୍ୟ ହସିଲେ ଏବଂ ତାହାର ଉତ୍ତର ଦେବା ପାଇଁ ଲକ୍ଷ୍ମୀଙ୍କୁ ଇସାରାରେ ଆଦେଶ ଦେଲେ। ଲକ୍ଷ୍ମୀ କହିଲେ, 'ଦେଖ ଧର୍ମରାଜ! ଏଠାରେ ଆମେ ଦୁହେଁ ମହାପ୍ରଭୁ ଜଗନ୍ନାଥ ଓ ମୁଁ ମର୍ତ୍ତ୍ୟବୈକୁଣ୍ଠ ନିର୍ମାଣ କରି ବିରାଜମାନ କରିଥିବା ପର୍ଯ୍ୟନ୍ତ ଏଠାରେ ତୁମେ ଅଧିକାର ସାବ୍ୟସ୍ତ କରି ପାରିବ ନାହିଁ। ଏଠାରେ ମୃତ୍ୟୁବରଣ କଲେ ମୃତକ ସ୍ୱଦେହରେ ସ୍ୱର୍ଗ ଯାତ୍ରା କରିବ। ସ୍କନ୍ଦ ପୁରାଣର ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏହି ଲୋକକଥାର ସୃଷ୍ଟି ବୋଲି ମନେ କରାଯାଏ। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଆମେରିକା ସହ ଆଲୋଚନା ପାଇଁ ମୋଜତବା ପ୍ରସ୍ତୁତ**

# ସର୍ତ୍ତ ସହିତ ଯୁଦ୍ଧ ବନ୍ଦ କରିବାକୁ ସହମତି

- ମଧ୍ୟସ୍ଥତା କରିବାକୁ ପାକିସ୍ତାନର ଉଦ୍ୟମ
- ମୋଦୀଙ୍କ ସହ କଥା ହେଲେ ଟ୍ରମ୍ପ
- କ୍ଷେପଣାସ୍ତ୍ର ଭଣ୍ଡାରର ଭିଡିଓ ଜାରି କଲା ଇରାନ

ତେହରାନ, ୨୪।୩ (ଏଜେନ୍ସି): ଯୁଦ୍ଧ ପାଇଁ ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢ଼େଇ ଜାରି ରହିଛି। ଏପରି ସମୟରେ ଇରାନରୁ ସକରାତ୍ମକ ଖବର ଆସିଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଆମେରିକା ସହ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଇରାନର ସର୍ତ୍ତ ଅନୁଯାୟୀ ଯୁଦ୍ଧକୁ ଶୀଘ୍ର ଶେଷ କରିବା ପାଇଁ ଖାମନେଇ ସହମତି ପ୍ରକାଶ କରିଛନ୍ତି। ଇରାନର ବିଦେଶ ମନ୍ତ୍ରୀ ଅବାସ ଆରାଘଚି ଏ ନେଇ ଆମେରିକୀୟ ଦୂତ ଷ୍ଟିଭ୍ ୱିଟକଫଙ୍କୁ ଗୁପ୍ତ ସୂଚନା ଦେଇଛନ୍ତି। ସୁପ୍ରିମ ଲିଡର ଆଲୋଚନା ପାଇଁ ଅନୁମତି ଦେଇଥିବା ସେ କହିଛନ୍ତି। 'ଅଲ ଆରବିୟା' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଇରାନର ପାୱାର ପ୍ଲାଣ୍ଟ ଏବଂ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଚାଲିଥିବା ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ କହିଥିଲେ। ଏହି ଅବଧି ମଧ୍ୟରେ ଇରାନ ସହ ଚୁକ୍ତି ହେବ ବୋଲି ଉଲ୍ଲେଖ କରିଥିଲେ। ମାତ୍ର ଇରାନ ଏଭଳି କୌଣସି ଆଲୋଚନାକୁ ହୋଇ ନାହିଁ ବୋଲି କହିଥିଲା।

ଅନ୍ୟପଟେ ଆଲୋଚନା ଖବର ମଧ୍ୟରେ ଯୁଦ୍ଧରୁ ପଛଘୁଞ୍ଚା ଦେବୁ ନାହିଁ ବୋଲି ଇରାନ ସେନା ସ୍ପଷ୍ଟ କରିଛି। ସେନା ମୁଖ୍ୟାଳୟର ମୁଖପାତ୍ର ଅଲି ଅବଦୁଲ୍ଲାହି ଅଲିଆବାଦୀ କହିଛନ୍ତି ଯେ ଦେଶର ଅଖଣ୍ଡତା ରକ୍ଷା ପାଇଁ ସଶସ୍ତ୍ର ବାହିନୀ ଦୃଢ଼ ଭାବେ ଛିଡ଼ା ହୋଇଛି। ସମ୍ପୂର୍ଣ୍ଣ ବିଜୟ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ। ସେହିପରି ମହମ୍ମଦ ବାଘେର ଜୋଲଘଦରଙ୍କୁ ଇରାନ 'ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲ'ର ନୂଆ ସଚିବ ଭାବେ ନିଯୁକ୍ତ କରିଛି। ସେ ଅଲି ଲାରିଜାନିଙ୍କ ସ୍ଥାନ ନେବେ। ଗତ ୧୭ ତାରିଖରେ ଇସ୍ରାଏଲ୍ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ମଧ୍ୟରେ ଇରାନ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ଏକ ସୁଡ଼ଙ୍ଗରେ କ୍ଷେପଣାସ୍ତ୍ର ଠୁଳ ହୋଇ ରହିଥିବାର ଭିଡିଓ ଜାରି କରାଯାଇଛି। ଏହା କେବଳ ଏକ ଝଲକ ବୋଲି କୁହାଯାଇଛି। ଇରାନ ସୋମବାର ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜଙ୍କ ବୟାନ ଲେଖି ଇସ୍ରାଏଲ ଏବଂ ଆମେରିକା ଠିକଣାରେ ଉପରେ ଆକ୍ରମଣ କରିଥିଲେ। ଏଥିରେ ପେଡ୍ରୋ କହିଥିଲେ ଯେ ସ୍ପେନର ନୀତି ଯୁଦ୍ଧ ବିରୋଧୀ। ଏହି ଯୁଦ୍ଧ ମାନବିକତା କିମ୍ବା ଅନ୍ୟ କୌଣସି ଦୃଷ୍ଟିରୁ ବି ଉଚିତ ନୁହେଁ।

ଏବେ ଇଜିପ୍ଟ, ତୁର୍କୀ ସହ ମିଶି ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ପାକିସ୍ତାନ ପ୍ରୟାସ କରୁଛି। ଉତ୍ତେଜନା ହ୍ରାସ ପାଇଁ ପାକିସ୍ତାନ ନିଜର ସାମରିକ ତଥା କୂଟନୈତିକ ସମ୍ପର୍କକୁ ବ୍ୟବହାର କରି ଆଲୋଚନା ପାଇଁ ସ୍ଥାନ ପ୍ରସ୍ତାବ ଦେଇଛି। ଏହି କ୍ରମରେ ପାକିସ୍ତାନର ସେନା ମୁଖ୍ୟ ଆସିମ୍ ମୁନିର ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ଇରାନରୁ ନିଜ ରାଷ୍ଟ୍ରଦୂତଙ୍କୁ ଲେବାନନ ପ୍ରତ୍ୟାହର କରି ନେଇଛି। ଇରାନ କୂଟନୈତିକ ନିୟମ ଉଲ୍ଲଙ୍ଘନ କରୁଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏହା ପୂର୍ବରୁ ଇରାନ ରାଷ୍ଟ୍ରଦୂତଙ୍କୁ ଦେଶରୁ ବାହାରିଯିବାକୁ ଲେବାନନ ନିର୍ଦ୍ଦେଶ ଦେଇଥିଲା।

**ଉଗ୍ରରୂପ ନେଲା ଜମିବାଡ଼ି ବିବାଦ**

# ଥାନା ଭିତରେ ଭାଇକୁ ବ୍ଲେଡ୍‌ରେ କାଟିଲା

- ଜଳକା ପାଲଟିଲା ପୁଲିସ
- ଭିଡିଓ ଭାଇରାଲ ପରେ ପୁଲିସର ସଫେଇ
- ଉଭୟ ପକ୍ଷରୁ ୧୩ ଗିରଫ

ଭୁବନେଶ୍ୱର, ୨୪।୩ (ସମିସ): ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଛି। ଜମିବାଡ଼ି ବିବାଦରୁ ବଡ଼ ଭାଇକୁ ବ୍ଲେଡରେ ଆକ୍ରମଣ କରିଛି ସାନ। କେଉଁ ଗଳିକନ୍ଦିରେ ନୁହେଁ, ଖୋଦ୍ ପୁଲିସ ଉପସ୍ଥିତିରେ ଥାନା ଭିତରେ ଘଟିଛି ଏଭଳି ଘଟଣା। ଚନ୍ଦକା ଥାନା ଭିତରେ ଘଟିଥିବା ଏହି ଘଟଣା ରାଜଧାନୀର ଆଇନଶୃଙ୍ଖଳାକୁ ପଦାରେ ପକାଇବା ସହ କମିସନରେଟ ପୁଲିସର 'ୱି କେୟାର ୱି ଡେୟାର୍' ନାରାର ଧଜିଆ ଉଡ଼ିଛି। ୩ ଦିନ ଧରି ଘଟଣାକୁ ଚାପିବାକୁ ଉଦ୍ୟମ କରିଥିବା ବେଳେ ଭିଡିଓ ଭାଇରାଲ ପରେ ସଫେଇ ଦେଇଛି ପୁଲିସ।

ଅଭିଯୋଗ ଅନୁଯାୟୀ, ଦାରୁଠେଙ୍ଗର ପୀତବାସ ପାଲଟାସିଂହ ଦୁଇଟି ବିବାହ କରିଛନ୍ତି। ପ୍ରଥମ ପତ୍ନୀଙ୍କ ପୁଅ ସମୀର ଓ ଦ୍ୱିତୀୟ ପତ୍ନୀଙ୍କ ପୁଅ ସାଗର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ପୂର୍ବରୁ ମଧ୍ୟ ଦୁଇଭାଇ ଏକାଧିକଥର ହାତାହାତି ହୋଇଥିଲେ। ଗତ ଶନିବାର ରାତିରେ ମଧ୍ୟ ସେହି ଜମି ଭାଗବଣ୍ଟାକୁ ନେଇ ସମୀର ଓ ସାଗରଙ୍କ ମଧ୍ୟରେ ବଚସା ହୋଇଥିଲା। ଧୀରେ ଦୁଇଜଣ ହାତାହାତି ହେବା ସହ ମାରପିଟ୍ ହୋଇଥିଲେ। ସାଗର ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସମୀରଙ୍କ ଡାହାଣ ହାତକୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ସମୀରଙ୍କ ଡାହାଣ ହାତ କଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା।

ରାତି ପ୍ରାୟ ସାଢ଼େ ୧୧ଟା ବେଳକୁ ପ୍ରଥମେ ସମୀର, ତାଙ୍କ ପତ୍ନୀ ଓ ଅନ୍ୟ ସମ୍ପର୍କୀୟମାନେ ଚନ୍ଦକା ଥାନାରେ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଦ୍ୱିତୀୟ ପକ୍ଷ ବା ସାଗର ଓ ତାଙ୍କ ସମ୍ପର୍କୀୟ ମଧ୍ୟ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ସାଗର ଥାନା ଭିତରେ ସମୀରଙ୍କୁ ଗାଳିଗୁଲଜ କରିଥିଲା। କେହି କିଛି ବୁଝିବା ଆଗରୁ ସମସ୍ତେ ସମୀରଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ସାଗର ଏହାରି ଭିତରେ ସମୀରଙ୍କୁ ବ୍ଲେଡରେ ଆକ୍ରମଣ କରିଥିଲା। ସମୀର ବଞ୍ଚିବାକୁ ଉଦ୍ୟମ କରୁଥିବା ବେଳେ ସେ ବାରମ୍ବାର ଆକ୍ରମଣ କରି ଚାଲିଥିଲା। ଆଉ ଏସବୁ ଘଟିଥିଲା ପୁଲିସ ଉପସ୍ଥିତିରେ। ପୁଲିସ ଛଡ଼ାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନଥିଲା। କିଛି ସମୟ ପରେ ସବୁ କିଛି ନିୟନ୍ତ୍ରଣକୁ ଆସିଥିଲା। ପୁଲିସ ଉପସ୍ଥିତିରେ ବ୍ଲେଡ୍‌ରେ ଆକ୍ରମଣ ହେବା ପରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ପଷ୍ଟ ହୋଇଛି। ରାଜଧାନୀର ଥାନାରେ ଏଭଳି ଘଟଣା ଘଟିବା ପୁଲିସର ପାରିବା ପଣିଆକୁ ପଦାରେ ପକାଇ ଦେଇଛି।

ସେପଟେ ଗତ ରବିବାର ଦିନ ପୁଲିସ ସାଗର, ସମୀର ସମେତ ଦୁଇ ପକ୍ଷର ୧୩ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୩ଜଣ ମହିଳା ରହିଛନ୍ତି। ହେଲେ ଏ ସଂକ୍ରାନ୍ତୀୟ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସମୀରଙ୍କୁ ଆକ୍ରମଣ ସମୟରେ ପୁଲିସ କର୍ମଚାରୀମାନେ ଉପସ୍ଥିତି ଥିବା ସ୍ପଷ୍ଟ ଦେଖାଯାଉଛି। ଭିଡିଓ ଭାଇରାଲ ହେବାପରେ ସଫେଇ ଦେଇଛି ପୁଲିସ। ଥାନା ପରିସରରେ ଛୁରାମାଡ଼ ହୋଇନାହିଁ, ସେମାନେ କେବଳ ଠେଲାପେଲା ହୋଇଥିଲେ ବୋଲି ପୁଲିସ କହିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୁଲିସ ଉପସ୍ଥିତିରେ ଘଟିଥିବା ଏହି ଘଟଣାରେ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇନଥିବା ବେଳେ ଓଲଟି ସଫେଇ ଦେଇଛି।

**୨.୭ କୋଟି ଟଙ୍କାର ସାଇବର ଠକେଇ**

# ନାଇଜେରୀୟ ଅଭିଯୁକ୍ତର ଜାମିନ ଖାରଜ

କଟକ, ୨୪।୩ (ସମିସ): ଇରାନୀ କେଶର ରପ୍ତାନି ନାଁରେ କୋଟି କୋଟି ଟଙ୍କାର ସାଇବର ଠକେଇ ଅଭିଯୋଗରେ ଗିରଫ ହୋଇଥିବା ଜଣେ ନାଇଜେରିଆ ଠକଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଛି। ଅଭିଯୁକ୍ତ କ୍ରିଷ୍ଟୋଫର୍ ଚିଜୋବାମ କ୍ରିଷ୍ଟଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଖାରଜ କରିଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଥିବା ଅଭିଯୋଗ ଅତ୍ୟନ୍ତ ଗୁରୁତର ଏବଂ ସେ ଜାଲ୍ ପାସପୋର୍ଟ ବ୍ୟବହାର କରୁଥିବାରୁ ଜାମିନ ପାଇଲେ ଫେରାର ହୋଇଯିବାର ସମ୍ଭାବନା ରହିଛି। ଫଳରେ କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବିଶ୍ୱବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ଇରାନୀ କେଶର ଯୋଗାଇବା ପାଇଁ ଜଣେ ପୂର୍ବତନ ଆଇଏଏସ ଅଧିକାରୀଙ୍କୁ ପ୍ରଲୋଭିତ କରିଥିଲା ଏହି ଠକ। ଅଭିଯୋଗକାରୀଙ୍କ ଠାରୁ ଏହି ବାବଦରେ ପ୍ରାୟ ୨.୭ କୋଟି ଟଙ୍କା ଠକି ନେଇଥିଲା। ଯାହାକୁ ସେ ୯ଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ସାଇବର ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତକାରୀ ଅଧିକାରୀ ମାନେ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରୁ ଏହି ଟଙ୍କା ଉଠାଯାଉଥିବା ଜାଣିବାକୁ ପାଇଥିଲେ। ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ନାଇଜେରିଆ ନାଗରିକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ପାଖରୁ ଜାଲ୍ ପାସପୋର୍ଟ ଏବଂ ଭିସା ମଧ୍ୟ ଜବତ କରାଯାଇଥିଲା।

# ସତ୍ୟପାଠ ଦାଖଲରେ ଅବହେଳା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

**ଏସଓପି ସମ୍ପର୍କରେ ବିସ୍ତୃତ ସତ୍ୟପାଠ ଦାଖଲ ପାଇଁ ଆଇନ ସଚିବଙ୍କୁ ନିର୍ଦ୍ଦେଶ**

କଟକ, ୨୪।୩ (ସମିସ): ବିଭିନ୍ନ ସମୟରେ ଅଦାଲତରେ ସତ୍ୟପାଠ ଦାଖଲ କରିବାରେ ରାଜ୍ୟ କର୍ତ୍ତୃପକ୍ଷଙ୍କ ଶିଥିଳ ଆଭିମୁଖ୍ୟକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନ ମନୋଭାବ ଯୋଗୁଁ ମାମଲା ଗୁଡ଼ିକର ବିଚାରରେ ଅଯଥା ବିଳମ୍ବ ହେଉଛି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ବିଭିନ୍ନ ଅଦାଲତ ଓ ଟ୍ରିବ୍ୟୁନାଲରେ ସରକାରୀ ବିଭାଗ ଗୁଡ଼ିକ ଠିକ ସମୟରେ ସତ୍ୟପାଠ ଦାଖଲ କରିବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ବା ଏସଓପି ଅଛି କି ନାହିଁ ତାହା ଜଣାଇବାକୁ ଆଇନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଯଦି କୌଣସି ଏସଓପି ନାହିଁ, ତେବେ ଏସଓପି ପ୍ରସ୍ତୁତ କରିବା ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ସତ୍ୟପାଠରେ ସ୍ପଷ୍ଟ କରିବାକୁ ହାଇକୋର୍ଟ କହିଛନ୍ତି। ପୂର୍ଣ୍ଣଚନ୍ଦ୍ର ପୁହାଣଙ୍କ ତରଫରୁ ରୁଜୁ ଏକ ଅଦାଲତ ଅବମାନନାର ଶୁଣାଣି କରି ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାରଙ୍କ ବିରୋଧରେ ଏହି ଅଦାଲତ ଅବମାନନା ମାମଲା ଦାୟର କରିଥିଲେ ଆବେଦନକାରୀ। ଏହି ମାମଲାର ଶୁଣାଣି ମାର୍ଚ୍ଚ ୨୪ ତାରିଖରେ ଧାର୍ଯ୍ୟ ହୋଇଥିବା ବେଳେ ସରକାରୀ ପକ୍ଷ ଏହାର ମାତ୍ର ଦିନକ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୩ରେ ସତ୍ୟପାଠ ଦାଖଲ କରିଥିଲେ। ଏହି ସତ୍ୟପାଠ ଶେଷ ମୁହୂର୍ତ୍ତରେ ଦାଖଲ କରାଯାଇଥିବାରୁ ଏହା ହାଇକୋର୍ଟଙ୍କ ରେକର୍ଡ ସହ ସଂଲଗ୍ନ ହୋଇପାରି ନଥିଲା। ସରକାରଙ୍କ ଏଭଳି କାର୍ଯ୍ୟଶୈଳୀ ଯୋଗୁଁ ଅଦାଲତର ସମୟ ନଷ୍ଟ ହେଉଛି ଏବଂ ମାମଲା ଶୁଣାଣିରେ ଅହେତୁକ ବିଳମ୍ବ ହେଉଛି ବୋଲି ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ଆଇନ ସଚିବଙ୍କୁ ଏକ ବ୍ୟାପକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆସନ୍ତା ଚାରି ସପ୍ତାହ ମଧ୍ୟରେ ଏହି ସତ୍ୟପାଠ ଦାଖଲ କରିବାକୁ ଆଇନ ସଚିବଙ୍କୁ ସମୟ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୫କୁ ଧାର୍ଯ୍ୟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଧର୍ମ ବଦଳାଇଲେ...

ଏହି ମାମଲା ବିଶାଖାପାଟଣା ଜିଲ୍ଲାର ଅନାକାପଲ୍ଲିର। ଆବେଦନକାରୀ ଚିନ୍ତଦା ଧର୍ମ ପରିବର୍ତ୍ତନ ପରେ ପାଦ୍ରୀ ହୋଇ ଯାଇଥିଲେ। ସେ ମୂଳତଃ ଏସ୍‌ସି ସମ୍ପ୍ରଦାୟର ଥିଲେ। ଅକ୍କା ସୀମାରେଡ୍ଡୀ ସମେତ କିଛି ଲୋକଙ୍କ ବିରୋଧରେ ଜାତିଗତ ଭେଦଭାବ ଏବଂ ଅପବ୍ୟବହାର କରୁଥିବା ନେଇ ଏସ୍‌ସି-ଏସଟି ଆଇନ ଅଧିନରେ ଅଭିଯୋଗ ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ମାମଲାର ଶୁଣାଣି ସମୟରେ କହିଥିଲେ ଯେ ଏସ୍‌ସି ମାନ୍ୟତା ଫେରି ପାଇବା ପାଇଁ ତିନୋଟି ବାଧ୍ୟତାମୂଳକ ସର୍ତ୍ତ ପୂରଣ କରିବାକୁ ପଡ଼ିବ।ପ୍ରଥମେ ସେହି ବ୍ୟକ୍ତିଙ୍କୁ ପ୍ରମାଣ କରିବାକୁ ହେବ ଯେ ସେ ମୂଳତଃ ଅନୁସୂଚିତ ଜାତି ଭାବେ ତାଲିକାଭୁକ୍ତ ଏକ ଜାତିରେ ଜନ୍ମଗ୍ରହଣ କରିଥିଲେ। ସେମାନଙ୍କୁ ହିନ୍ଦୁ, ଶିଖ୍ କିମ୍ବା ବୌଦ୍ଧ ଧର୍ମକୁ ପୁଣି ଫେରିଥିବା ଏବଂ ପୂର୍ବରୁ ଗ୍ରହଣ କରିଥିବା ଧର୍ମକୁ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିଥିବାର ଦର୍ଶାଇବାକୁ ହେବ। ସେହିପରି ମୂଳ ଜାତି ସମ୍ପ୍ରଦାୟର ସଦସ୍ୟମାନେ ସେମାନଙ୍କୁ ପୁଣି ଥରେ ଗ୍ରହଣ କରିଥିବା ଦର୍ଶାଇବାକୁ ହେବ। ଏହି ତିନୋଟି ଯାକ ସର୍ତ୍ତ ପୂରଣ ହେବା ଆବଶ୍ୟକ। ଏଥିମଧ୍ୟରୁ ଗୋଟିଏ ବି ପ୍ରମାଣ କରିବାରେ ବିଫଳ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦାବି ଗ୍ରହଣୀୟ ହେବ ନାହିଁ।

### ମାଡ଼ିଆସୁଛି ମହାବିପଦ...

କେବଳ ଏତିକି ନୁହେଁ, ଅନାବଶ୍ୟକ ଯାତ୍ରା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଉପସାଗରୀୟ ଅଞ୍ଚଳରେ ବିମାନ ଯାତ୍ରା ଉପରେ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି। ୟୁରୋପ ସମେତ ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପରିସ୍ଥିତି ଏମିତି ହେଲାଣି ଯେ ସଙ୍କଟର ପ୍ରଭାବ ଆମେରିକାରେ ଅନୁଭୂତ ହେବା ଆରମ୍ଭ କଲାଣି।

ଭାରତରେ ମଧ୍ୟ ଏଭଳି ପରିସ୍ଥିତିର ସାମନା କରିବାକୁ ଯାଉଛି। ଦେଶରେ ବିଦ୍ୟୁତର ଅଭାବ ନଥିଲେ ମଧ୍ୟ ହର୍ମୁଜ ବନ୍ଦ ରହିଲେ ପେଟ୍ରୋଲ, ଡିଜେଲ, ଏଲପିଜି, ପିଏନଜି ଏବଂ ସିଏନଜି ଭଳି ଗ୍ୟାସ ସଙ୍କଟ ଆଉ ବେଶି ଦୂର ନାହିଁ। କାରଣ ପେଟ୍ରୋଲିୟମ ସାମଗ୍ରୀ ଚାହିଦା ମେଣ୍ଟାଇବା ପାଇଁ ଭାରତ ଆମଦାନୀ ଉପରେ ନିର୍ଭର କରୁଛି। ଏବଂ ଏହିସବୁ ସାମଗ୍ରୀର ସିଂହ ଭାଗ ଉପସାଗର ଅଞ୍ଚଳରୁ ହିଁ ଆସୁଛି। ମଧ୍ୟପ୍ରାଚ୍ୟ ମହାଯୁଦ୍ଧ କେବେ ସରିବ ତାହା କେହି କହିପାରୁ ନାହାନ୍ତି। ଉପସାଗରରେ ଭାରତର ତେଲ ଲଦେଇ ୨୦ରୁ ଅଧିକ ଟ୍ୟାଙ୍କର ଅଟକି ରହିଛି। ତେଣୁ ଭାରତ ପାଖରେ ପେଟ୍ରୋଲିୟମ ସାମଗ୍ରୀ ଯେତେ ମହଜୁଦ ରହିଛି, ତାହା ଅଧିକ ଦିନ ଚାହିଦା ମେଣ୍ଟାଇ ପାରିବ ନାହିଁ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ଠାରୁ ସାବଧାନ ହେବାଲାଗି ସତର୍କ କରାଇଦେଇଛନ୍ତି।

ଭାରତରେ ପେଟ୍ରୋଲିୟମ ସଙ୍କଟ ଆରମ୍ଭ ହେଲେ ପରିସ୍ଥିତି ଭୟଙ୍କର ହୋଇପାରେ। ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦାମ ବଢ଼ିବ। ଏହାସହିତ ଖାଦ୍ୟ ସାମଗ୍ରୀ ଦାମ୍ ମଧ୍ୟ ବଢ଼ିଯିବ। ତେବେ ଏଭଳି ପରିସ୍ଥିତିରୁ ବର୍ତ୍ତିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଉପରେ ବିଚାର କରୁଥିବାର ଖବର ମିଳିଛି। ୱାର୍କ ଫ୍ରମ୍ ହୋମ, ଅନଲାଇନ କ୍ଲାସ୍ ସହିତ ପେଟ୍ରୋଲ ଓ ଡିଜେଲ ବ୍ୟବହାର ଉପରେ କଟକଣା ଜାରୀ କରିପାରନ୍ତି।

ଇତିମଧ୍ୟରେ ଆନ୍ତର୍ଜାତିକ ଶକ୍ତି ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଯୋଗୁଁ ମହାସଙ୍କଟ ମାଡ଼ି ଆସୁଛି। ନିକଟ ଭବଷ୍ୟତରେ ଭୟଙ୍କର ଶକ୍ତି ସଙ୍କଟ ଦେଖାଦେବ। ତେଲ ଉତ୍ପାଦନ ଏବେ ଦିନକୁ ୧୧ ନିୟୁତ ବାରେଲ ହ୍ରାସ ପାଇଛି। ୧୯୭୦ ଦଶକରେ ତେଲ ସଙ୍କଟ ସୃଷ୍ଟି ହୋଇଥିଲା, କିନ୍ତୁ ଏଭଳି ବିପଦ ଦେଖାଦେଇନଥିଲା। ଫେବୃଆରୀ ୨୮ରୁ ଇରାନ ଯୁଦ୍ଧ ଆରମ୍ଭ ହୋଇଥିବା ବେଳେ ତେଲ ଦର ୪୦ ଭାଗ ବୃଦ୍ଧି ପାଇଛି। ତେଣୁ ଏବେ ଠାରୁ ସତର୍କ ହେବାଲାଗି ଏଜେନ୍ସି ପକ୍ଷରୁ କୁହାଯାଇଛି।

### ରାଜ୍ୟସଭାରେ ପୁଣି...

ବାଣିଜ୍ୟିକ ମାର୍ଗ ପ୍ରଭାବିତ ହେଉଛି। ଗ୍ୟାସ୍, ତେଲ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଉପରେ ଏହାର ପ୍ରଭାବ ପଡ଼ିଛି। ଭାରତ କୂଟନୈତିକ ସ୍ତରରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରୁଛି।ଏହି ଯୁଦ୍ଧ ଯୋଗୁଁ ବିଶ୍ୱରେ ଯେଉଁ କଠିନ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଦୀର୍ଘ ସମୟ ଧରି ରହିବାର ଆଶଙ୍କା ରହିଛି। ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ହେବ। ଗତ କିଛି ଦିନ ହେଲା ଅନେକ ଦେଶରୁ ଅଶୋଧିତ ତୈଳ ଏବଂ ଏଲ୍‌ପିଜି ଜାହାଜ ଭାରତ ଆସିଛି। ଏ ଦିଗରେ ଆଗାମୀ ଦିନରେ ପ୍ରୟାସ ଜାରି ରହିବ। ଯଦି ସ୍ଥିତି ଦୀର୍ଘ ଦିନ ପର୍ଯ୍ୟନ୍ତ ଏଭଳି ରହେ ତେବେ ଆର୍ଥିକ ଏବଂ ଯୋଗାଣ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ପ୍ରଧାନମନ୍ତ୍ରୀ ଅଶଙ୍କା ବ୍ୟକ୍ତ କରିଛନ୍ତି।

ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ବିଚାର ଆଲୋଚନା ଲାଗି କେନ୍ଦ୍ର ସରକାର ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି। ସନ୍ଧ୍ୟା ୫ଟା ବେଳେ ସଂସଦ ଭବନରେ ଏହି ବୈଠକ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏଥିରେ ଅଧ୍ୟକ୍ଷତାରେ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ଏବଂ ଆଜି ସଂସଦରେ ଏହି ସଙ୍କଟ ଉପରେ ତାଙ୍କର ମନ୍ତବ୍ୟ ରଖିଛନ୍ତି। ସରକାର ପରିସ୍ଥିତିର ସଠିକ୍ ମୁକାବିଲା କରିବାରେ ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳର ସମାରଲୋଚନା ମଧ୍ୟରେ ଏହି ବୈଠକ ହେବାକୁ ଯାଉଛି। ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅନୁପସ୍ଥିତ ରହିପାରନ୍ତି ବୋଲି କୁହାଯାଉଛି।

### ବଢ଼ିବନି ବିଜୁଳି...

ପୂର୍ଣ୍ଣଚ୍ଛେଦ ପଡ଼ିବ। ସେହିପରି କର୍ମଚାରୀ ଖର୍ଚ୍ଚ ଓ ପ୍ରଶାସନିକ ଖର୍ଚ୍ଚ କମାଇବାକୁ ବିଦ୍ୟୁତ ବିତରକ କମ୍ପାନୀକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସର୍ବ ଭାରତୀୟ ସ୍ତରଠାରୁ ଓଡ଼ିଶାରେ ଏହି ଖର୍ଚ୍ଚ ଅଧିକ ରହୁଥିବାରୁ ଆୟୋଗ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

ଅନ୍ୟ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ୧୦ କିଲୋୱାଟରୁ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଉପଭୋକ୍ତା ସୋଲାର ଆୱାରରେ (ଦିନ ୧୦ ରୁ ଅପରାହ୍ନ ୪ଟା ମଧ୍ୟରେ) ଅଧିକ ବିଜୁଳି ବ୍ୟବହାର କଲେ ସେମାନଙ୍କୁ ୧୦ ପ୍ରତିଶତ ରିଆତି ମିଳିବ। ତେବେ ସମାନ ସମୟରେ ଯଦି ଉପଭୋକ୍ତା ପିକ୍ ଆୱାର ଅର୍ଥାତ୍ ସନ୍ଧ୍ୟା ୬ଟାରୁ ରାତି ୧୨ଟା ମଧ୍ୟରେ ବିଜୁଳି ବ୍ୟବହାର ଅଧିକ କରନ୍ତି, ତାହେଲେ ଏଥିପାଇଁ ସେମାନଙ୍କଠାରୁ ଅଧିକ ୧୦ ପ୍ରତିଶତ ଅର୍ଥ ଆଦାୟ କରାଯିବ। ଅପରପକ୍ଷେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନଲାଇନ ଜରିଆରେ ବିଲ ପୈଠ କଲେ ଘରୋଇ ଉପଭୋକ୍ତା ଏବଂ ସିଙ୍ଗଲ ଫେଜ(ସାଧାରଣ ବ୍ୟବହାର ପାଇଁ)ଙ୍କୁ ୪ ପ୍ରତିଶତ ରିହାତି ମିଳିବ। ପ୍ରି-ପେଡ ଉପଭୋକ୍ତାଙ୍କୁ ପ୍ରି-ପେଡ ଅର୍ଥ ଉପରେ୪ ପ୍ରତିଶତ ଏବଂ ଇ-ବିଲ ଜରିଆରେ ବିଦ୍ୟୁତ ଦେୟ ଭରୁଥିବା ଉପଭୋକ୍ତାଙ୍କୁ ବିଲ ପିଛା ୧୦ ଟଙ୍କା ରିହାତି ମିଳିବା ନେଇ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହାବ୍ୟତୀତ କୌଣସି ଉପଭୋକ୍ତା ଯଦି ନିୟମିତ ୧୧ ମାସ ସଠିକ୍ ସମୟରେ ଅନଲାଇନରେ ବିଲ୍ ଅର୍ଥ ପୈଠ କରିଥାନ୍ତି, ତାହାଲେ ୧୨ ମାସ ଅର୍ଥାତ୍ ମାର୍ଚ୍ଚ ମାସ ବିଲରେ ଉକ୍ତ ଉପଭୋକ୍ତାଙ୍କୁ ସ୍ୱତନ୍ତ୍ର ରିଆତି ପ୍ରଦାନ କରାଯିବ। ଉକ୍ତ ଉପଭୋକ୍ତାଙ୍କୁ ୧୨ତମ ମାସରେ ରିଆତି ଦୁଇଗୁଣା ଅର୍ଥାତ୍ ୟୁନିଟ ପିଛା ୧୦ ପଇସା ବଦଳରେ ୨୦ ପଇସା ରିଆତି ପ୍ରଦାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

ଅକ୍ଷୟଶକ୍ତି ଉତ୍ପାଦନ ଓ ବ୍ୟବହାର ଏବଂ ଶିଳ୍ପ ବିଦ୍ୟୁତ ବ୍ୟବହାରକୁ ପ୍ରୋତ୍ସାହନ ଦେବା ପାଇଁ ଆୟୋଗ କିଛି ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ଟାରିଫରେ ପରିବର୍ତ୍ତନ କରିଛନ୍ତି। ଇଏଚଟି ବିଦ୍ୟୁତ ଉପଭୋକ୍ତା ନିଜ ଲୋଡର ୮୦ ପ୍ରତିଶତରୁ ଅଧିକ ବ୍ୟବହାର କଲେ ତାହା ଉପରେ ୨୦ ପଇସା ଜାଗାରେ ୩୦ ପଇସା ରିହାତି ପାଇବେ। ମେଗା ଉଠା ଜଳସେଚନ ପ୍ରକଳ୍ପ (ଏଚଟି ଏବଂ ଇଏଚଟି) ଗୁଡିକୁ ବାଣିଜ୍ୟ ଉପଭୋକ୍ତା ବର୍ଗରେ ରଖାଯାଇଛି। ସେମାନେ ସୋଲାର ସମୟ (ସକାଳ ୮ଟା ରୁ ଅପରାହ୍ନ ୪ଟା)ରେ ବ୍ୟବହାର କରୁଥିବା ବିଦ୍ୟୁତ ଉପରେ ୟୁନିଟ ପିଛା ୨ ଟଙ୍କା ରିହାତି ପାଇବେ ଏବଂ ଅନ୍ୟ ସମୟରେ ବ୍ୟବହାର କରୁଥିବା ବିଦ୍ୟୁତ ଉପରେ ୟୁନିଟ ପିଛା ୧ ଟଙ୍କା ରିହାତି ମିଳିବ। ସେହିପରି ଓଏଚପିସି ହାରାହାରି ଟାରିଫ୍ ଚଳିତ ବର୍ଷପାଇଁ ୟୁନିଟ ପିଛା ୧୦୦.୨୩ ପଇସା ଥିବାବେଳେ ତାହାକୁ କମ କରି ୯୯.୨୨ ପଇସା ଧାର୍ଯ୍ୟ କରାଯାଇଛି। ଓପିଜିସି ପ୍ରଥମ ପର୍ଯ୍ୟାୟ ୟୁନିଟ ୧ ଓ ୨ ପ୍ଲାଣ୍ଟର ଟାରିଫ ହ୍ରାସ ହୋଇଛି। ଯାହାଫଳରେ ଗ୍ରୀଡକୋ ବାର୍ଷିକ ୯୦ କୋଟି ଟଙ୍କା ସଞ୍ଚୟ କରିବ ଯାହାର ସିଧାସଳଖ ଲାଭ ଉପଭୋକ୍ତା ପାଇବେ। ଓପିଟିସିଏଲ ର ସଞ୍ଚାରଣ ଟାରିଫ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୨୫.୫୦ ପଇସା ଥିବାବେଳେ ତାହାକୁ ହ୍ରାସ କରି ୨୪ ପଇସା ଧାର୍ଯ୍ୟ କରିଛନ୍ତି। ସେହିପରି ଗ୍ରୀଡକୋର ବିଦ୍ୟୁତ ପାଇକାରୀ କ୍ରୟ ମୂଲ୍ୟ ଚଳିତ ବର୍ଷ ପାଇଁ ୟୁନିଟ ପିଛା ୩୩୧.୧୦ ପଇସା ଥିବାବେଳେ ଆସନ୍ତା ବର୍ଷ ପାଇଁ ସାମାନ୍ୟ ହ୍ରାସ କରି ୩୩୦.୯୫ ପଇସା ଧାର୍ଯ୍ୟ କରାଯାଇଛି।

### ଇସ୍ତଫା ଦିଅନ୍ତୁ...

ନିଅନ୍ତୁ ଓ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଏହି କଥାକୁ ମୁଁ ବାରମ୍ବାର ଦୋହରାଉଛି ଓ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଏହି ଦାବି କରି ଚାଲିଥିବି ବୋଲି ନବୀନ କହିଛନ୍ତି। ଯେ ପର୍ଯ୍ୟନ୍ତ ସରକାର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ ନ କରିଛନ୍ତି ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ନ ଦେଇଛନ୍ତି; ସେ ପର୍ଯ୍ୟନ୍ତ ବିଜେଡି ପ୍ରତିବାଦ ଜାରି ରଖିବ ବୋଲି ନବୀନ ଚେତାଇ ଦେଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate Tangi-Choudwar,Jagatpur on dated 18.03.2026. I Biswajit Mahapatra S/o Bharat Sethi, At-Najarpur / Station Bazar, PO/PS- Jagatpur, Dist.Cuttack, Pin -754021 have changed my name from Biswajit Sethi, S/o- Bharat Sethi to Biswajit Mahapatra, S/o- Manoj Kumar Mahapatra and my date of birth is 01.01.2005. Henceforth, I shall be known as **Biswajit Mahapatra** for all purposes.

**AFFIDAVIT**

I, Dileswari Naik, D/o- Debaraj Naik (Father) and Sabita Naik (Mother) resident of Ward no.7, Adimata Lane, Bandhatalapada, Bargarh, Po./Ps./Dist.-Bargarh state vide no.635 dtd. 23.3.2026 that, my actual name is Dileswari Naik, DOB-04.04.2002. But in my Aadhar card no. 6886 1112 1019 my name has been mentioned as Chumki Nayak, DOB-03.02.2003. That, **Dileswari Naik, DOB- 04.04.2002** and **Chumki Nayak, DOB- 03.02.2003** is one and same person.

**AFFIDAVIT**

By virtue of an affidavit No.: 1280, Sworn before Executive Magistrate, Angul on Dated: 23.03.2026, **I, Arun Das,** S/o.: Sankar Das, Permanent/ Currently Resident of At/PO: Karadagadia, PS: Angul Sadar, Dist: Angul, Odisha-759132, declare that, I have change my name from **Arun Das to Arupa Das.** Henceforth I shall be known as **Arupa Das** for all purposes.

**AFFIDAVIT**

I, **Rasmita Sahu**, W/o: Pradyumn Sahu, Permanent/ Currently resident At: Sanakerjang, PO: Golabandha, PS: Nisha, Dist.: Angul, Odisha-759143, declare by this **Affidavit No.: 1305, dated: 24.03.2026** that now onwards my minor son will be known as **Sambit Sahu** for all future purposes.

**AFFIDAVIT**

By virtue of an affidavit no. 151 sworn before the Executive Magistrate, Kodinga, dated 21.01.2026, I, Guntu Baghel, S/o Pandari Baghel, resident of Vill-Aunli, Dist-Nabarangpur, Odisha, do hereby declare that my name is wrongly recorded as **Gunatu Harijan** in my Voter ID and SBI Account records instead of my correct name **Guntu Baghel**. Henceforth, I shall be known as **Guntu Baghel** for all purposes.

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା**

ଏତ ଦ୍ୱାରା ମୁଁ ଶ୍ରୀ ଅଭିରାମ ପାତ୍ର, ପିତା-ବାବାଜୀ ପାତ୍ର, ସା/ପୋ-କରଙ୍ଗାମାଳ, ଥାନା-ବୋଡେନ୍, ଜିଲ୍ଲା-ନୂଆପଡ଼ା, ବର୍ତ୍ତମାନର ଠିକଣା ସା-କୁନ୍ଦପୁର, ପୋ-ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା-କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛିକି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ- ୧୦୯୭୧୯୦୦୫୨୯, ତା.୨୦.୦୫.୨୦୧୯ରିଖ ଯାହାକି ମୌଜା-ସଂସାରଫଳ, ଖାତା ନଂ-୬୬୭/୯୩, ପ୍ଲଟ ନଂ-୨୦୭୦/ ୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା-କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-FENCING-KUR-553, ତା.17.03.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କି.ମି. 460/57-ଅରଗୁଲ ଷ୍ଟେସନ ନିକଟରୁ 513/29-ଗଙ୍ଗାଧରପୁର ଷ୍ଟେସନ ନିକଟ ପର୍ଯ୍ୟନ୍ତ ହାତୀମାନଙ୍କର ପାରିହେବା ରୋକିବା ନିମନ୍ତେ ମେନ୍ ଲାଇନର ଗୋଟିଏ ପାର୍ଶ୍ୱରେ ପ୍ରସ୍ତାବିତ ନିରାପତ୍ତା ବାଡ଼ ଲଗାଇବା।

**ଟେଣ୍ଡର ମୂଲ୍ୟ :** ₹ 1,30,24,414.00, **EMD :** ₹ 2,15,100/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.04.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1263/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 23/03/2026, I **Snigdha Sahoo** wife of Akshay Kumar Khuntia, permanent resident At/PO: Basudevpur, P.S: Mahanga, Dist: Cuttack, PIN: 754204, Odisha currently residing at Qr. No. Type-IV-C1, New AG Colony, Nayapalli, P.S. Saheed Nagar, Bhubaneswar PIN-751012, Dist. Khordha, Odisha declare that I have changed my name from **Snigdha Khuntia** to **Snigdha Sahoo**. Henceforth, I shall be known as **Snigdha Sahoo** for all purposes.
Sd- **Snigdha Sahoo**

**AFFIDAVIT**

By virtue of an affidavit sworn before Executive Magistrate, Laxmipur, No. 116/2026, dated 23/03/2026, I **Sri RANJIT KUMAR MAHANANDIA**, resident of village At- Sarisapadar, PO: Toyaput, P.S: Laxmipur, Dist: Koraput, PIN: 765013, Odisha declare that I have changed my minor Son's name from **PRITAM MAHANANDIA (Old Name)** to **SUBHAM MAHANANDIA (New Name)**. Henceforth, he shall be known as **SUBHAM MAHANANDIA** for all purposes.
Sd- **RANJIT KUMAR MAHANANDIA**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 24/03/2026. I, **Prem Bagartti** (applicant name), S/o Pichharu Bagartti, permanent & current resident of AT: Sihini, PO: Sihini, PS: Titilagarh, Dist: Balangir, State: Odisha, PIN: 767066 declare that I have changed my minor daughter's name from **Payal Bagartti** (old name) to **Archita Bagartti** (new name). Henceforth, she shall be known as **Archita Bagartti** (new name) for all future purposes.
**(PREM BAGARTTI)**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dtd-29.3.2006. I, **Basanta Manjari Mishra,** W/o- Sri Brajakishor Dash declare that I have changed my surname from **Mishra to Dash.** Henceforth I shall be known as **Basanta Manjari Dash** for all purposes.
**Basanta Manjari Dash**

**AFFIDAVIT**

I, Ajambar Behera, aged about 82 years, S/o- Rama Chandra Behera, resident of At- Patarapur, Po- Katana, Ps- Rajkanika, Dist- Kendrapara, Pin-754220, Odisha do hereby declare by this affidavit No.633, dtd- 24/03/2026, that now onwards I shall be known as **AJAYA BEHERA** for all future purposes.

## ଭଦ୍ରକ ଜିଲ୍ଲାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ନେଇ ଅନିଶ୍ଚିତତା

# ୧୫୩ ମଣ୍ଡିରେ ପଡ଼ିଛି ୬,୬୭,୮୨୫ କ୍ୱିଣ୍ଟାଲ ଧାନ

ଭଦ୍ରକ,୨୪।୩(ସମିସ)



ଭଦ୍ରକ ଜିଲ୍ଲାର ଖରିଫ୍ ଧାନ କିଣା ଆଉ ୭ ଦିନ ପରେ ସରିବ। ସେପଟେ ଆସନ୍ତା ଏପ୍ରିଲ ୧ ତାରିଖରୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରବି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଭଳି ପରିସ୍ଥିତିରେ ଜିଲ୍ଲାର ୭ଟି ବ୍ଲକ୍‌ର ୧୫୩ଟି ମଣ୍ଡିରେ ସୋମବାର ସୁଦ୍ଧା ୬ ଲକ୍ଷ ୬୭ ହଜାର ୮୨୫ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡ଼ିରହିଛି। ସେହିଭଳି ୧୬ ହଜାର ୭୩୭ ଟୋକନ୍‌ରେ ଚାଷୀମାନଙ୍କଠାରୁ ଧାନ କିଣା ହେବାକୁ ବାକି ରହିଛି। ମଣ୍ଡିରୁ ଧାନ ଉଠାଇବା ନେଇ ଗତ ସୋମବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଆଡିସ୍‌ନାଲ ଏସିଏସ୍‌ଓ ଅସିତ୍ ମହାନ୍ତି, ଡିଆର୍‌ସିଏସ୍ ଦୁଃଖିଆ ଟୁଡୁ, ଭଦ୍ରକ ଆର୍‌ଏମ୍‌ସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଓ ଚାନ୍ଦବାଲି ଆର୍‌ଏମ୍‌ସି ସମ୍ପାଦକ ନିରଞ୍ଜନ ମାଝୀ ଓ ମିଲରମାନେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ଧାନ ଉଠାଇବା ପାଇଁ ଜିଲ୍ଲାପାଳ ମିଲରମାନଙ୍କୁ କହିଥିଲେ। ଏତେ କମ୍ ଦିନ ମଧ୍ୟରେ ମଣ୍ଡିରୁ ଧାନ ଉଠାଇବା ନେଇ ପରୋକ୍ଷରେ ଅସହାୟତା ପ୍ରକାଶ କରିଥିବା ଜଣାଯାଇଛି। ଏଥିସହ ଧାନ କ୍ରୟର ଅବଧି ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଏ ବାବଦରେ ସରକାରଙ୍କ ସହ ଆଲୋଚନା କରି ଜଣାଇବେ ବୋଲି କହିଥିଲେ।

**ଧାନ ବିକ୍ରି ଅପେକ୍ଷାରେ ୧୬ହଜାର ୭୩୭ ଆକ୍ଟିଭ୍ ଟୋକନ**

ସୂଚନାଯୋଗ୍ୟ, ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ଦପ୍ତରରେ ଚାଷୀମାନଙ୍କର ପ୍ରତିଦିନ ଲମ୍ବା ଧାଡ଼ି ଲାଗିଛି। ବାସୁଦେବପୁର ବ୍ଲକ୍‌ର ୨୭ଟି ମଣ୍ଡିରେ ୨୯୧୬ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ୬୬ହଜାର ୭୪୨ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଭଦ୍ରକ ବ୍ଲକ୍‌ରେ ୨୮ଟି ମଣ୍ଡିରେ ୨୭୦୪ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୧୭ ହଜାର ୩୦୬ କ୍ୱିଣ୍ଟାଲ, ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ଟି ମଣ୍ଡିରେ ୧୬୧୮ ଆକ୍ଟିଭ୍ ଟୋକନ ଥିବାବେଳେ ୧ଲକ୍ଷ ୧୦ ହଜାର କ୍ୱିଣ୍ଟାଲ ଧାନ, ବନ୍ତ ବ୍ଲକ୍‌ର ୧୮ଟି ମଣ୍ଡିରେ ୨୨୦୧ ଆକ୍ଟିଭ୍ ଟୋକନ୍ ଥିବାବେଳେ ୮୫ ହଜାର ୯୧୮ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ସେହିଭଳି ଚାନ୍ଦବାଲି ବ୍ଲକ୍‌ର ୨୬ଟି ମଣ୍ଡିରେ ୩୧୨୮ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକିଥିବାବେଳେ ମଣ୍ଡିରେ ଧାନ ପଡ଼ିଛି ୯୩ ହଜାର ୯୯ କ୍ୱିଣ୍ଟାଲ, ଧାମନଗର ବ୍ଲକ୍‌ର ୧୫ଟି ମଣ୍ଡିରେ ୭୭୫ଟି ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ବାକି ଥିବାବେଳେ ମଣ୍ଡିରେ ପଡ଼ିଛି ୭୯ ହଜାର ୭୮୭ କ୍ୱିଣ୍ଟାଲ ଧାନ ପଡ଼ିଛି, ତିହିଡ଼ି ବ୍ଲକ୍‌ର ୨୩ଟି ମଣ୍ଡିରେ ସର୍ବାଧିକ ୩୩୯୩ ଆକ୍ଟିଭ୍ ଟୋକନରେ ଧାନ କିଣିବାକୁ ଥିବାବେଳେ ୧ ଲକ୍ଷ ୩୪ ହଜାର ୧୪୬ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିଛି। ତେଣୁ ଆଉ ସପ୍ତାହକ ମଧ୍ୟରେ ମଣ୍ଡିରୁ ଧାନ ଉଠିବା ନେଇ ସ୍ୱତଃ ସନ୍ଦେହ ଉପୁଜିଛି।

## ଜାତୀୟ ସେବା ଶିବିର ଉଦ୍‌ଯାପିତ



ଅସୁରାଳି,୨୪।୩(ସମିସ): ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଭାଗିତାରେ ପ୍ରାୟୋଜିତ ପାଳସାହି ବେତାଳିଗାଁସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନବ୍ୟାପୀ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରର ଉଦ୍‌ଯାପନୀ ସମାରୋହରେ ସକାଳର ଶାରୀରିକ ଶିକ୍ଷା ଓ ଯୋଗ କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ସମାଜସେବୀ ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କର ମାର୍ଗଦର୍ଶନ କରିଥିଲେ। ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ଅଧ୍ୟାପକ ପ୍ରଶାନ୍ତ ନାୟକ, କେଶବକର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ସମାଜସେବା ଦ୍ୱାରା ଆଦର୍ଶ ବ୍ୟକ୍ତିତ୍ୱ ସମ୍ଭବ ବୋଲି ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମନ୍ଦାକିନୀ ମହାପାତ୍ର, ମାନସୀ ସାହୁ, କରିସ୍ମା ମହାନ୍ତି, ଶିବ ପ୍ରସାଦ ସାହୁ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ସେବା ଶିବିର ଗତ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଳସାହି ଓ ବେତାଳିଗାଁ ବଜାରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ଶିଶୁ ଶିକ୍ଷା, ନିଶା ନିବାରଣ, ସ୍ୱଳ୍ପ ସଞ୍ଚୟ, ପରିବେଶ ସୁରକ୍ଷା ଆଦି ବିଷୟରେ ଛାତ୍ରଛାତ୍ରୀମାନେ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହି ୭ ଦିନ ମଧ୍ୟରେ ଏକାଠି ଏକ ନିୟମିତ ଓ ଶୃଙ୍ଖଳିତ ପରିବେଶ ମଧ୍ୟରେ ବହୁ ବିଷୟରେ ଶିକ୍ଷା ଲାଭ କରିବାକୁ ସୁଯୋଗ ପାଇଛନ୍ତି ବୋଲି ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତିରେ ମତ ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବା ଛାତ୍ରଛାତ୍ରୀ ତଥା ଶିବିରାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଲା ମଞ୍ଚ ଯାତ୍ରା ପ୍ରତିଯୋଗିତା

ଅସୁରାଳି,୨୪।୩(ସମିସ): ଧାମନଗର ବ୍ଲକ୍ ଅର୍ଜ୍ଜୁନପୁର ପଞ୍ଚାୟତ ଅଧୀନ ପୁଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ପ୍ରଭୁ ବାସୁଦେବଙ୍କ ପୀଠ ପରିସରରେ ସତ୍ୟନାରାୟଣ ଡ୍ରାମାଟିକ୍ କ୍ଲବ୍ ବାଲିପାଟଣା ତରେଇ ସାହି ଆନୁକୂଲ୍ୟରେ ଖୋଲା ମଞ୍ଚ ଯାତ୍ରା ୩ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରଥମ ରାତ୍ରରେ ଅତିଥି ଭାବେ ଯୋଗଦେଇଥିଲେ ପଞ୍ଚାୟତର ଯୁବନେତା ଉମେଶ ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାପାତ୍ର ଏବଂ ବହୁ ମାନ୍ୟଗଣ୍ୟ ଅତିଥି ବୃନ୍ଦ। ୨ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅର୍ଜ୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ, ସମ୍ମାନିତ ଅତିଥି ଭାବେ ନଦୀଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସୀତାକାନ୍ତ ଜେନା, ଘନଶ୍ୟାମ ମହାନ୍ତି, ଅଧର ପରିଡ଼ା, ଅଧ୍ୟାପକ ବିଜୟ ଦାସ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ବୈକୁଣ୍ଠ ସାହୁ, ସାମ୍ବାଦିକ ରତିକାନ୍ତ ନାୟକ, ରମାକାନ୍ତ ବେହେରା, ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ବୀରେନ୍ଦ୍ର ଭାଗିରଥି ମାଝୀ ନାୟକ, ସହଯୋଗୀ ସନ୍ତୋଷ ରାୟ, ଲକ୍ଷ୍ମୀଧର ମାଝୀ, ବିଦ୍ୟାଧର ମାଝୀ, ସତ୍ୟନାରାୟଣ କ୍ଲବ୍‌ର ସମସ୍ତ ସଦସ୍ୟ, ବାଲିପାଟଣା, ଅର୍ଜ୍ଜୁନପୁର, ତାରେଇସାହି, ମମାଦୁଲା, ଶୈଳ ଏବଂ ଉକ୍ତ ଅଞ୍ଚଳର ସମସ୍ତ ଗ୍ରାମବାସୀ ସହଯୋଗର ହାତ ବଢ଼ାଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ହେଦାତୁନ ନିଶାଙ୍କ ଚେହେଲୁମରେ ଜଲ୍‌ସା

ଧାମନଗର,୨୪।୩(ସମିସ): ଧାମନଗର ଅଞ୍ଚଳର ସମସ୍ତଙ୍କର ଜଣାଶୁଣା ସୁପରିଚିତ ଦୈନିକ "ସକାଳ"ର ବ୍ଲକ୍ ପ୍ରତିନିଧି ସାମ୍ବାଦିକ ସେକ୍ ଜାଫର ଅଲ୍ଲୀଙ୍କ ବଡ଼ ଭାଉଜ ତଥା ସମାଜସେବୀ ସେକ୍ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନ ନିଶାଙ୍କ ଚେହେଲୁମରେ ଜଲ୍‌ସା ଓ ତକ୍ରିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ମୌଲାନା ସେକ୍ ଅବ୍‌ଦୁଲ ଗଫୁରଙ୍କ ସଞ୍ଚାଳନାରେ ଆୟୋଜିତ ଜଲ୍‌ସା କାର୍ଯ୍ୟକ୍ରମରେ ନାତୁଣୀ ସାଫିଆ, ସେକ୍ ଆଜଗର ଅଲ୍ଲୀ, ଏମ୍‌ଡି ତାଜୁଦ୍ଦିନ, ମୌଲାନା ସେକ୍ ମମ୍‌ତାଜ, ଏମ୍‌ଡି ଆମାନୁଲ୍ଲା, ଜ୍ୱାଇଁ ସେକ୍ ବାଟୋ, ଆତାଉର ରହେମାନ, ଏମ୍‌ଡି ଫରମାନ ରସୁଲ, ସେକ୍ ଆମିର, ସେକ୍ ଅଲ୍ଲୀ ଆକବର, ସେକ୍ ଗୋଲାମ, ସେକ୍ ଅବ୍‌ଦୁଲ ଗାଫାର, କମରୁଦ୍ଦିନ ଖାଁ, ଦୟାନ ଖାଁଙ୍କ ସମେତ ବହୁ ମୌଲାନା ସାଏର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଦିଅର ସେକ୍ ଅତର ଅଲ୍ଲୀ, ସେକ୍ ଜାଫର, ପୁତୁରା ସେକ୍ ଅଜମେର ଅଲ୍ଲୀ,



ସେକ୍ ଆକବର, ସେକ୍ ସନାଉଲ୍ଲା, ସେକ୍ ସାହିଲ, ସେକ୍ ମୌସିମ, ସେକ୍ ବାବୁ ପ୍ରମୁଖ ଯୋଗଦେଇଥିବା ବେଳେ ସମସ୍ତ ଝିଅ, ଜ୍ୱାଇଁ, ନାତି ନାତୁଣୀ, ଭଣଜା, ଭାଣିଜୀ ସହ ପରିବାର ଉପସ୍ଥିତ ଥିଲେ। ଶେଷରେ ଏକ ମାତ୍ର ପୁତ୍ର ସେକ୍ ଓସିମ (ଜୁମାବାବୁ) ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

● ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ଜିଲ୍ଲାବାସୀ ହତାଶ

## ଇଣ୍ଟିଗ୍ରେଟେଡ୍ ବିଏଡ୍ ପାଇଁ ଭଦ୍ରକ ଜିଲ୍ଲାରେ ସିଟ୍ ନାହିଁ

ଭଦ୍ରକ,୨୪।୩(ସମିସ): ରାଷ୍ଟ୍ରୀୟ ଶିକ୍ଷାନୀତି ଅନୁସାରେ ୨୦୨୬-୨୭ ଶିକ୍ଷାବର୍ଷରୁ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶାର ୧୮ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନକୁ ନ୍ୟାସ୍‌ନାଲ କାଉନ୍‌ସିଲ୍ ଫର୍ ଟିଚର ଏଜୁକେସନ (ଏନ୍‌ସିଟିଇ) ମାନ୍ୟତା ମିଳିଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମୋଟ୍ ୧୮୫୦ଟି ଇଣ୍ଟିଗ୍ରେଟେଡ୍ ବିଏଡ୍ ସିଟ୍ ମିଳିଥିବାବେଳେ ଭଦ୍ରକ ଜିଲ୍ଲାର କୌଣସି ସରକାରୀ ଶିକ୍ଷାନୁଷ୍ଠାନକୁ ଏହି ପାଠ୍ୟକ୍ରମ ପାଇଁ ସୁଯୋଗ ନାହିଁ। ଏପରିକି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମଧ୍ୟ ଏହି ପାଠ୍ୟକ୍ରମରେ ସାମିଲ୍ କରାଯାଇନି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭଦ୍ରକ ହେଉଛି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ଜିଲ୍ଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଥାଇ ନିଜ ଜିଲ୍ଲାକୁ ଇଣ୍ଟିଗ୍ରେଟେଡ୍ ବିଏଡ୍ ସିଟ୍ ନ ମିଳିବା ନେଇ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭଦ୍ରକ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଏହା ବୈମାତୃକ ମନୋଭାବ ବୋଲି ଅନେକ ଅଭିଯୋଗ କରିଛନ୍ତି। କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଉତ୍ତମ ସମ୍ପର୍କ ରହିଛି। ତେବେ ଜିଲ୍ଲାକୁ ଅଣଦେଖା ହେବାକୁ ସହଜରେ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମହଲ ହଜମ କରିପାରୁନାହାନ୍ତି। ଭଦ୍ରକ ଜିଲ୍ଲାର ନେତା ମନମୋହନ ସାମଲ ମଧ୍ୟ ରାଜ୍ୟ ବିଜେପି ସଭାପତି ମଙ୍ଗ ଧରିବା ସହ ରାଜ୍ୟସଭା ସାଂସଦ ହୋଇଛନ୍ତି। ଏପରିସ୍ଥଳେ ଶିକ୍ଷା କ୍ଷେତ୍ରରେ ଭଦ୍ରକ ଜିଲ୍ଲାକୁ ଅଣଦେଖା କରାଯିବା ନେଇ ସାଧାରଣରେ ବି ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ୍ ବିଏସ୍‌ସି ବିଏଡ୍, ବିଏ ବିଏଡ୍ ଏବଂ ବିକମ୍ ବିଏଡ୍ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଇପାରିବ। ଭଦ୍ରକ ଜିଲ୍ଲାରେ କାହିଁକି ନୁହେଁ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି। ଏହି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଦେୟ ଦେବାକୁ ହେବ। ଛାତ୍ରଛାତ୍ରୀମାନେ ନିଜସ୍ୱ ଅର୍ଥରେ ସରକାରୀ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବେ। ଏଥିନିମନ୍ତେ ବାର୍ଷିକ ୪୦ରୁ ୪୫ ହଜାର ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଏହି ପାଠ୍ୟକ୍ରମକୁ ନିୟମିତ କରିବାକୁ ଦାବି ହୋଇଛି। ଯଦ୍ୱାରା ଛାତ୍ରଛାତ୍ରୀ ଫି' ହ୍ରାସ ହୋଇପାରିବା ସହ ବିଏଡ୍ ପ୍ରତି ଅଧିକ ଆଗ୍ରହ ବୃଦ୍ଧି ପାଇବ। ରାଜ୍ୟର ୭ ସରକାରୀ ବିଶ୍ୱବିଦ୍ୟାଳୟ ସମେତ ୮ଟି ସରକାରୀ ମହାବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ, ଆଇଆଇଟି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା ଏନ୍‌ସିଇଆର୍‌ଟି ସଞ୍ଚାଳିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ରେ ପାଠ୍ୟକ୍ରମ ଖୋଲିବାକୁ ମାନ୍ୟତା ମିଳିଛି। ଦ୍ୱାଦଶ ପଢ଼ିସାରିଥିବା ଛାତ୍ରଛାତ୍ରୀ ଏପ୍ରିଲ୍ ୧୭ରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ ପାଠ୍ୟକ୍ରମରେ ନାମ ଲେଖାଇପାରିବେ ବୋଲି ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ପାଇଁ ୨୦୦ ସିଟ୍ ପ୍ରଦାନ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି।

## ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା



ଭଦ୍ରକ,୨୪।୩(ସମିସ): ଭଦ୍ରକ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଷଷ୍ଠରୁ ନବମ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ଓଡ଼ିଶା ସମ୍ବନ୍ଧୀୟ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ସାଳନ୍ଦୀ ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସାଳନ୍ଦୀ ହସ୍‌ପିଟାଲ ସତ୍ତ୍ୱାଧିକାରୀ ଡା. ପ୍ରଭାସ କୁମାର ମହାନ୍ତି ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭୂତିଭୂଷଣ ପଣ୍ଡା, କୃଷ୍ଣ ପ୍ରସାଦ ସାହୁ, ଆରତୀ ମହାନ୍ତି, ରମାକାନ୍ତ ଜେନା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। କନିଷ୍ଠ ବିଭାଗରେ ଡିଏଭି ଏମ୍‌ଏମ୍ ପବ୍ଲିକ ସ୍କୁଲ, ଇଛାପୁରର ରିୟାଂଶିକା ମହାନ୍ତି ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନରସିଂହପୁରର ଅନନ୍ୟା ସାହୁ ଏବଂ ମିଶନ ପବ୍ଲିକ୍ ସ୍କୁଲର ସାଇପ୍ରଭା ମଲ୍ଲିକ ଯୁଗ୍ମ ଭାବେ ଦ୍ୱିତୀୟ, କେ.ସି. ହାଇସ୍କୁଲ, ଉତ୍ତରବାହିନୀର ଛାତ୍ରୀ କ୍ରିଷ୍ଣାରାଣୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବେତଡ଼ାର ସାଇ ବିସ୍ମୟ ପାଢ଼ୀ ପ୍ରଥମ, ଫଛାଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭଲକ୍ଷ୍ମୀ ଖଟୁଆ ଦ୍ୱିତୀୟ ଓ ଏସ୍‌ଏଜି ନୋଡାଲ ହାଇସ୍କୁଲର ପ୍ରଜ୍ଞା ପ୍ରଜୋଲିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ଶତାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ଏହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

**କୋମାରେ ତିହିଡ଼ି ତହସିଲ୍ କାର୍ଯ୍ୟାଳୟ**

## ଘରବାରି ପ୍ଲଟ୍ ନ କରି ଚାଲିଛି କୋଠା ନିର୍ମାଣ



ଦୋଳସାହି,୨୪।୩(ସମିସ): ତିହିଡ଼ି ତହସିଲ୍ ଅଧୀନ ସମସ୍ତ ଅଞ୍ଚଳରେ ବେଆଇନ ଭାବେ ଘରବାରି ପ୍ଲଟ୍ ନ କରି ଛୋଟରୁ ବଡ଼ କୋଠା ଘର ନିର୍ମାଣ ହୋଇଥିଲାବେଳେ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ପାଲଟିଛି କୋମାରେ ତିହିଡ଼ି ତହସିଲ୍। ସୂଚନାଯୋଗ୍ୟ, ତିହିଡ଼ି ତହସିଲ୍ ଅଧୀନ ଦୋଳସାହି ରାଜସ୍ୱ ବିଭାଗ ଅଧୀନ ଗୁଆମାଳ ପଞ୍ଚାୟତରେ ଅଧିକାଂଶ ବିଶାଳକାୟ କୋଠା ନିର୍ମାଣ କରିଥିବା ଘର ମାଲିକମାନେ ଘରବାରି ପ୍ଲଟ୍ ନ କରି ରାଜସ୍ୱ ବିଭାଗକୁ ହାତଗୁଞ୍ଜା ଦେଇ ଘର କରୁଥିବା ସାଧାରଣରେ ଆଲୋଚନା ହେଉଥିଲାବେଳେ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଭିଯୋଗ ସମ୍ପର୍କରେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି।

## ପ୍ରଧାନଶିକ୍ଷକ ସରୋଜ ଓଝାଙ୍କୁ ବିଶ୍ୱକର୍ମା ପ୍ରତିଭା ସମ୍ମାନ



ଭଦ୍ରକ,୨୪।୩(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଓଡ଼ିଶାର ୮୨ତମ ପ୍ରତିଷ୍ଠା ଦିବସ ତଥା ୬୮ତମ ବାର୍ଷିକ ଅଧିବେଶନରେ ପ୍ରଧାନଶିକ୍ଷକ ସରୋଜ କୁମାର ଓଝାଙ୍କୁ ସମିତି ପକ୍ଷରୁ 'ବିଶ୍ୱକର୍ମା ପ୍ରତିଭା ସମ୍ମାନ'ରେ ଆଭୂଷିତ କରାଯାଇଛି। ଶ୍ରୀ ଓଝା ପେସାରେ ଶିକ୍ଷକତା ସାଙ୍ଗକୁ ନିଶାରେ ଲେଖନୀ ଚାଳନା କରି ଏକାଧାରରେ ଲେଖକ, କବି ତଥା ପ୍ରକୃତିପ୍ରେମୀ ଭାବରେ ବେଶ୍ ଜଣାଶୁଣା। ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରେଷ୍ଠ ଗାଳ୍ପିକ ଭାବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସମିତିର ଅଧ୍ୟକ୍ଷ ଇଂ. ଯୁଗଳ କିଶୋର ମହାରଣାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ। ପ୍ରଥମ ଅଧିବେଶନରେ ୧୦ ଜଣ ସୁନାମଧନ୍ୟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ୬୮ତମ ବାର୍ଷିକ ଅଧିବେଶନରେ ଶ୍ରୀ ଓଝାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଇଂ. ରାମକୃଷ୍ଣ ମହାରଣା, ଇଂ. ଲମ୍ବୋଦର ମହାରଣା, ସିଦ୍ଧେଶ୍ୱର ବିନ୍ଧାଣୀ, ଗୋବିନ୍ଦ ଚନ୍ଦ୍ର ମହାରଣା, ରାମହରି ମହାରଣା ଓ ଇଂ.ଅଭୟ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଅସୁରାଳି,୨୪।୩(ସମିସ): ଧାମନଗର ବ୍ଲକ୍ ଧୂଷୁରୀ ପଞ୍ଚାୟତର ପୋଖରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଅଭୟ ନାୟକଙ୍କ ସଭାପତିତ୍ୱ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅମୃତ ଦର୍ଶନ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ସଭା ମଣ୍ଡନ କରିଥିଲେ। ଅନୁଷ୍ଠାନର ସଭାପତି ହରେକୃଷ୍ଣ ଦାସ, ସମ୍ପାଦକ ଗତିକୃଷ୍ଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସାମଲ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରତ୍ନାକର ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନେ ଉତମ ଚରିତ୍ର ସମ୍ପନ୍ନ ଓ ଆଧ୍ୟାତ୍ମିକବାଦୀ ହୋଇଥା'ନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ, ସହ ପରିଚାଳକ ଦୀନକୃଷ୍ଣ ଦାସ, ଗୁରୁମା' ଲକ୍ଷ୍ମୀପ୍ରିୟା ନାୟକ, ମମତା ନାୟକ, ଅନିତା ବେହୁରିଆ, ସବିତା ବାରିକ, ସୌଦାମିନୀ ଦାସ, ପଦ୍ମିନୀ ପରିଡ଼ା, ଗୁରୁଜୀ ସୁଦର୍ଶନ ମାଝୀ, ସୌମ୍ୟ ରଞ୍ଜନ ବେହେରା, ନଗେସ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ କୁନିକୁନି ଶିଶୁମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୨ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନି କମ୍ୟୁନିଟି ଶୌଚାଳୟ

ଦୋଳସାହି,୨୪।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନରେ ବିଭିନ୍ନ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ଆରସା ଗ୍ରାମର ବ୍ଲକ୍ ପ୍ରଶାସନ ପକ୍ଷରୁ ୨ବର୍ଷ ହେଲା ଏକ କମ୍ୟୁନିଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବା ଅଭିଯୋଗ ହୋଇଛି। ଏହି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ନେଇ ମୁକୁନ୍ଦପୁର ପଞ୍ଚାୟତ ଅଧିକାରିଣୀ ସୁକାନ୍ତୀ ଲତା ବାରିକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।



## ଜାଳେଣି ପାଇଁ କୋଇଲା ଆଞ୍ଚ ଭରସା

ବାରିକପୁର,୨୪।୩(ସମିସ): ଏବେ ଗ୍ୟାସ୍ ସିଲିଣ୍ଡର ଅଭାବ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ହେଉଛି। ଗ୍ୟାସ୍ ସିଲିଣ୍ଡର ପାଇଁ ଅନ୍‌ଲାଇନ୍ ଆବେଦନ କରି ଜନସାଧାରଣ ଦିନ ଦିନ ଧରି ଅପେକ୍ଷା କରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଗ୍ୟାସ୍ ପାଇଁ ଲୋକେ ବିତରଣ ସଂସ୍ଥା ପାଖରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏପରିସ୍ଥଳେ ଗ୍ରାମାଞ୍ଚଳରେ ଥିବା ଚା', ଜଳଖିଆ ଓ ହୋଟେଲ ମାଲିକମାନେ ଏବେ କୋଇଲା ଆଞ୍ଚକୁ ଭରସା କଲେଣି। ସକାଳ ହେଲେ ଆଞ୍ଚରେ କୋଇଲା ଦେଇ ଦୋକାନୀମାନେ ଚା' ଜଳଖିଆ ତିଆରି କରୁଛନ୍ତି। ପୂର୍ବରୁ ଯେଉଁ ବରା, ସିଙ୍ଗଡ଼ା ୫ ଟଙ୍କା ଥିଲା ଏବେ ସେଗୁଡ଼ିକ ଗୋଟାକୁ ୭/୧୦ ଟଙ୍କାରେ ବିକ୍ରି ହେଉଛି। କେତେକ ସ୍ଥାନରେ ଗୃହସ୍ଥମାନେ ମଧ୍ୟ କୋଇଲା ଉପରେ ଭରସା କରିବା ପାଇଁ ବାଧ୍ୟ ହେଉଛନ୍ତି। କେବଳ ଗ୍ୟାସ୍ ସିଲିଣ୍ଡର ଅଭାବ ନୁହେଁ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯୋଗୁଁ ଏବେ ଗାଁ ଗହଳିରେ ଲୋକମାନେ ଚଳିବା କଷ୍ଟକର ହେଉଛି। ଆଗକୁ ଆହୁରି ଜଟିଳ ସମସ୍ୟା ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।



# ୧୫ ଚୋରା ବାଇକ୍ ଜବତ; ଦୁଇ ଭାଇ ସମେତ ୫ ଗିରଫ

ଭଦ୍ରକ,୨୪।୩(ସମିସ)






ବାଇକ୍ ଚୋରି ପରେ ୨ରୁ ୪ହଜାର ଟଙ୍କାରେ ବିକ୍ରି କରୁଥିଲେ। ଭିଡ଼ ଓ ଲୋକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ୨ ଭାଇ ବାଇକ୍ ଚୋରି କରୁଥିଲେ। ଏମିତି ୨ଭାଇ ଗ୍ୟାଙ୍ଗ୍‌କୁ ଠାବ କରିଛି ଭଦ୍ରକ ଟାଉନ ପୁଲିସ। ଆଉ ବାଇକ୍ ଚୋରଙ୍କ ସହ ଚୋରା ବାଇକ୍ କିଣିଥିବା ୩ ଜଣଙ୍କୁ ମିଶାଇ ମୋଟ୍ ୫ ଜଣଙ୍କୁ ପୁଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଭଦ୍ରକ ଜିଲ୍ଲାର ହୋଇଥିବା ନେଇ ସୂଚନା ଦେଇଛି ପୁଲିସ।

ସିଟି ଡିଏସ୍‌ପି ଅନିଲ କୁମାର ପ୍ରଧାନଙ୍କ ସୂଚନା ଅନୁଯାୟୀ, ଭଦ୍ରକ ଟାଉନ୍ ଥାନା ଅଧୀନ ଅପର୍ତ୍ତିବିନ୍ଧାର ଅଭିନାଶ ବାରିକ(୨୧) ଓ ତାଙ୍କ ନାବାଳକ ଭାଇ ବାଗୁରାଇ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରୁ ଗତ ୨ ତାରିଖରେ ଏକ ବାଇକ୍ ଚୋରି କରିଥିଲେ। ଏହି ଘଟଣାକୁ ନେଇ ପୁଲିସ ତଦନ୍ତବେଳେ ଅଭିନାଶ ନିକଟରେ ପହଞ୍ଚିବା ପରେ ୧୫ଟି ଚୋରା ବାଇକ୍ ଉଦ୍ଧାର ହୋଇଥିଲା। ତେବେ ଏହି ଘଟଣାରେ ଚୋରା ବାଇକ୍ କିଣିଥିବା ୩ ଜଣ ଗ୍ରାହକଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଚୋରା ବାଇକ୍ କିଣି ଗିରଫ ହୋଇଥିବା ୩ ଜଣ ହେଲେ ଭଦ୍ରକ ବଉଳପୋଖରୀ ଅଞ୍ଚଳର ଗଗନ ମଲ୍ଲିକ(୩୨), ଡଗରାସାହି ଅଞ୍ଚଳର ନିଜାମୁଦ୍ଦିନ ଖାଁ(୨୮) ଓ ବାଗୁରାଇ ଆଦିବାସୀ କଲୋନୀର ମୁକୁର ମୁଣ୍ଡ ଓରଫ ମାନୁ(୧୯)। ଅଭିଯୁକ୍ତମାନେ ଜନଗହଳି ଅଞ୍ଚଳରୁ ବାଇକ୍ ମାଲିକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଚୋରି କରୁଥିଲେ। ପରେ ଏହି ଗାଡ଼ିଗୁଡ଼ିକୁ ୨ରୁ ୪ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ମଙ୍ଗଳବାର ଭଦ୍ରକ ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ପ୍ରକାଶ କରିଛନ୍ତି।

**୨ରୁ ୪ହଜାର ଟଙ୍କାରେ ଚୋରା ବାଇକ୍ କିଣି ୩ ଗିରଫ**

## ଇଞ୍ଜିନିୟରରୁ ସଫଳ କୃଷି-ଉଦ୍ୟୋଗୀ

# ଭଗୀରଥିଙ୍କ ଷ୍ଟ୍ରବେରୀ ଚାଷରେ ସଫଳତା

ଯାଜପୁର,୨୪।୩(ସମିସ)



ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପିଙ୍ଗଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଉତିକର ଗ୍ରାମର ୩୪ ବର୍ଷୀୟ ଭଗୀରଥି ସ୍ୱାଇଁଙ୍କ ପାଇଁ ଚାଷ କେବଳ ଏକ ପରମ୍ପରା ନୁହେଁ, ବରଂ ଏକ ସ୍ୱପ୍ନ ଥିଲା। ଜଣେ ପେସାଦାର ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଭାଗୀରଥି, କୋଭିଡ ମହାମାରୀ ସମୟରେ କୃଷି ପ୍ରତି ଆକୃଷ୍ଟ ହୋଇଥିଲେ। ସେହି ସମୟରେ ଜୀବିକା ଓ ଆମ୍ ନିର୍ଭରଶୀଳତାର ପରିଭାଷା ବଦଳି ଯାଇଥିବା ବେଳେ ସେ ଚାଷକୁ ଏକ ନୂଆ ରୂପ ଦେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ନିଜର ଏବଂ ପରିବାରର ପ୍ରାୟ ୬ ଏକର ଜମିରେ ଭାଗୀରଥି ପୂର୍ବରୁ ଧାନ, ଚିନାବାଦାମ, ପୋଟଳ ଏବଂ ବିଭିନ୍ନ ପନିପରିବା ଚାଷ କରି ବାର୍ଷିକ ପ୍ରାୟ ୩ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ପାରମ୍ପରିକ ଚାଷରୁ ବାହାରି କିଛି ନୂଆ ଏବଂ ଅଧିକ ଲାଭଦାୟକ ସୁଯୋଗ ସନ୍ଧାନରେ ସେ ସବୁବେଳେ ରହୁଥିଲେ। ଏହି ସମୟରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଫ)ର ମିଳିତ ସହଯୋଗରେ ସେ ଆଧୁନିକ କୃଷି ପ୍ରଣାଳୀ ସହ ପରିଚିତ ହୋଇଥିଲେ। ସେମାନଙ୍କ ମାର୍ଗଦର୍ଶନରେ ସେ ଅଞ୍ଚଳ ପାଇଁ ସମ୍ପୂର୍ଣ୍ଣ ନୂଆ ଏବଂ ଉଚ୍ଚ ମୂଲ୍ୟଯୁକ୍ତ 'ଷ୍ଟ୍ରବେରୀ' ଚାଷ କରିବାକୁ ନିଷ୍ପତ୍ତି ନେଲେ। ମାତ୍ର ୪୮ ଡେସିମିଲ୍ ଜମିରେ ଭାଗୀରଥି ପ୍ରାୟ ୧୦ ହଜାର ଷ୍ଟ୍ରବେରୀ ଚାରାରୋପଣ କରିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ସରକାରଙ୍କ ପକ୍ଷରୁ ତାଙ୍କୁ ଚାରା, ମଲଚିଂ ସିଟ୍ ଏବଂ ଡ୍ରେଲିଙ୍ଗ୍‌ନେଟ୍ ପରି ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦିଆଯାଇଥିଲା, ଯାହା ତାଙ୍କର ପ୍ରାରମ୍ଭିକ ପୁଞ୍ଜି ନିବେଶକୁ ବହୁ ପରିମାଣରେ ହ୍ରାସ କରିଥିଲା। ଭଗୀରଥି କହିଛନ୍ତି, "ମୁଁ ସବୁବେଳେ ଚାଷରେ କିଛି ନୂଆ ପ୍ରୟୋଗ କରିବାକୁ ଚାହୁଁଥିଲି, କିନ୍ତୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ ଉଦ୍ୟାନ କୃଷି ବିଭାଗର ସହାୟତା ମୋତେ ଏହି ପଦକ୍ଷେପ ନେବା ପାଇଁ ଆବଶ୍ୟକୀୟ ଆତ୍ମବିଶ୍ୱାସ ଦେଇଥିଲା।" ଏହି ଚାଷରେ ଲାଭର ପରିମାଣ ବେଶ୍ ଉତ୍ସାହଜନକ ରହିଛି। ପ୍ରାୟ ୪୭,୦୦୦ ଟଙ୍କା ନିବେଶ କରି ସେ ମାତ୍ର ଅଳ୍ପ ଦିନରେ ପ୍ରାୟ ୧ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି ଏବଂ ଚଳିତ ଅମଳ ଋତୁ ଶେଷ ସୁଦ୍ଧା ମୋଟ ୨.୫ ଲକ୍ଷରୁ ଅଧିକ ଟଙ୍କା ଲାଭ ପାଇବେ ବୋଲି ଆଶା ରଖିଛନ୍ତି। ବର୍ତ୍ତମାନ ସେ ତୁହୁରି ଏବଂ ଦାନଗଡି ଭଳି ସ୍ଥାନୀୟ ବଜାରରେ କିଲୋଗ୍ରାମ ପ୍ରତି ୨୫୦ ଟଙ୍କାରେ ଷ୍ଟ୍ରବେରି ବିକ୍ରି କରୁଥିବା ବେଳେ ପ୍ରକୃଷ୍ଟ ଅମଳ ସମୟରେ ତାଙ୍କର ମାସିକ ଆୟ ପ୍ରାୟ ୯୫ ହଜାର ଟଙ୍କାରେ ପହଞ୍ଚିଛି। ତାଙ୍କର ଏହି ସଫଳତା ଏବେ ଅନ୍ୟ ଚାଷୀମାନଙ୍କ ପାଇଁ ଏକ ଉଦାହରଣ ସାଜିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଦ୍ୱାରା ସହାୟତା ପ୍ରାପ୍ତ "ମହାତାର କୃଷକ ସଂଘ" ମାଧ୍ୟମରେ ସେ ଏବେ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଅଭିନବ ଚାଷ ଓ ଆଧୁନିକ ଜ୍ଞାନକୌଶଳ ଆପଣେଇବା ପାଇଁ ପ୍ରେରଣା ଦେଉଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟରର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି ଯେ, "ଆମେ ଏଭଳି ଉଚ୍ଚ ମୂଲ୍ୟଯୁକ୍ତ ଚାଷକୁ ପ୍ରୋତ୍ସାହିତ କରୁଛୁ ଯାହା ଚାଷୀଙ୍କ ଆୟ ବଢ଼ାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବ। ଆମେ ଶିଳ୍ପ ଏବଂ କୃଷି ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ବିକାଶ କରିବାକୁ ଲକ୍ଷ୍ୟ ରଖିଛୁ।"

## ବିଶ୍ୱ ମୁଢ଼ି ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୪।୩ (ସମିସ): ଚଳିତ ମାସ ୨୯ତାରିଖ ରବିବାର ଦିନକୁ ବିଶ୍ୱ ମୁଢ଼ି ଦିବସ ଭାବେ ପାଳନ କରାଯିବା ପାଇଁ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ବିଜୟ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ପ୍ରଥମେ ମୁଢ଼ି ବା ଏଠାକାର ଲୋକ କହୁଥିବା ଭୁଜା ପ୍ରଥମେ ପ୍ରଚଳନ ହୋଇଥିବାର କିମ୍ବଦନ୍ତୀ ରହିଛି ବୋଲି କହିଥିଲେ। ପ୍ରାୟ ଦୁଇଶହ ବର୍ଷରୁ ଅଧିକ କାଳ ବାଲେଶ୍ୱର ସହରର ଚାନ୍ଦିପୁର ରାସ୍ତାରେ ଭୁଜାଖିଆ ପୀର ବିଦ୍ୟମାନ। ଯେଉଁଠି ସବୁ ସମ୍ପ୍ରଦାୟର ଲୋକେ ପୀରବାବାଙ୍କ ପାଖରେ ଭୁଜାକୁ ଭୋଗ ଭାବେ ବ୍ୟବହାର କରନ୍ତି। ପରେ ତାହା ବିଦେଶରେ ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ଏଣୁ ସଙ୍ଗଠନ ପକ୍ଷରୁ ମୁଢ଼ି ଉପରେ ଟ୍ୟାଗ ଲଗାଇବା ପାଇଁ ଶ୍ରୀ ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ଠାରେ ଦାବି କରିଛନ୍ତି।

● ଦହିସଡା ହାଇସ୍କୁଲରେ କିରାଣିଙ୍କ କଳାକାରନାମା

## ରାତିଅଧରେ ଅଫିସରେ ଦରାଣ୍ଡୁଥିବାର ଦୃଶ୍ୟ ସିସିଟିଭିରେ କଏଦ

ସୋର,୨୪।୩ (ସମିସ): ସୋର ବ୍ଲକର ଅନ୍ତର୍ଗତ ଅନ୍ୟତମ ପୁରାତନ ହାଇସ୍କୁଲ ଦହିସଡା ହାଇସ୍କୁଲର କିରାଣୀ ରାତିଅଧରେ ସ୍କୁଲର ତାଲା ଖୋଲି କିଛି ଦରାଣ୍ଡୁଥିବାର ଦୃଶ୍ୟ ସ୍କୁଲରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଦହିସଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦତ୍ତଙ୍କ ସୂଚନା ଅନୁସାରେ ବିଦ୍ୟାଳୟର କିରାଣି ପ୍ରଶାନ୍ତ ବେହେରାଙ୍କ ପାଖରେ ବିଦ୍ୟାଳୟର ଗୋଟିଏ ସେଟ୍ ଚାବି ଥାଏ। ଯେହେତୁ ସ୍କୁଲର ପିଅନ ନାହାନ୍ତି ତେଣୁ କିରାଣି ପାଖରେ ଚାବି ରହିଥାଏ। ଗତ ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିଲା ବେଳେ କିରାଣି ଶ୍ରୀ ବେହେରା କିନ୍ତୁ ଖୁବ ଚତୁରତାର ସହିତ ନିଜକୁ ଖସିଯିବାଲାଗି ସିସିଟିଭିକୁ ବନ୍ଦ କରି ରଖିଦେଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ କିରାଣୀ ଶ୍ରୀ ବେହେରାର ଏହି କଳା କାରନାମା ସମ୍ପର୍କରେ ଦୁଇଦିନ ଧରି ଜାଣିପାରିନଥିଲାବେଳେ ଆଜି ସିସିଟିଭିର ଫୁଟେଜ ଦେଖି ଚକିତ ହୋଇପଡିଥିଲେ। ଏ ସର୍ମ୍ପକରେ ପ୍ରଧାନ ଶିକ୍ଷୟିତ୍ରୀ କିରାଣୀ ବେହେରାଙ୍କୁ ପଚାରିବାରୁ ବରଂ ଓଲଟି



ମୁହଁ ତୋଡ ଜବାବ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରତି ରଖିଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ବିଇଓ ଓ ଡି.ଇ.ଓ.ଙ୍କୁ ମେଲ୍ ଓ ଚିଠି ମାଧ୍ୟମରେ ଜଣାଇଛନ୍ତି। ଉଚ୍ଚ ପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ଅନୁସାରେ ନିଜର ବ୍ୟକ୍ତିଗତ ଟଙ୍କା ମାତ୍ର ୫ହଜାର ଟଙ୍କା ଥିଲା ତାହା ଡ୍ରୟାରରେ ଠିକ୍ ରହିଛି। ଏହି ଘଟଣାରେ ଆଉ କେହି ସହଯୋଗୀ ଅଛନ୍ତି କି ଯାହାକି ନିରପେକ୍ଷ ତଦନ୍ତରେ ଆବଶ୍ୟକ କରୁଛି।

## 'ବିଦ୍ୟା ମଣିଷକୁ ଦେବତାରେ ପରିଣତ କରିଥାଏ'



ବାରିକପୁର,୨୪।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ୍ ପୁରୁଷୋତ୍ତମ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସ୍ଥାନୀୟ ସରପଞ୍ଚ ଦେବଦାସୀ ଜେନା ଉଦ୍‌ଘାଟନ କରିଥିବାବେଳେ ବାର୍ଷିକ ପୁରସ୍କାର ବିତରଣ ଛାତ୍ରଛାତ୍ରୀଙ୍କ ସୁପ୍ତ ଶକ୍ତିକୁ ବିକଶିତ କରିଥାଏ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଗରପଡ଼ା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ରାଉଳ, ମୁଖ୍ୟବକ୍ତା ଭାବେ ପ୍ରଶିକ୍ଷକ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ କିରଣ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଶତପଥି ପ୍ରମୁଖ ଯୋଗଦେଇ ସଠିକ୍ ବିଦ୍ୟା ମଣିଷକୁ ଦେବତାରେ ପରିଣତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସମୟରେ ପୁସ୍ତକଗତ ଜ୍ଞାନ ସହିତ ଆଧ୍ୟାତ୍ମିକ ବିଦ୍ୟା ମିଳିଲେ ଛାତ୍ରଛାତ୍ରୀମାନେ ଉନ୍ନତିର ଶିଖରରେ ପହଞ୍ଚିବାକୁ ସକ୍ଷମ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ନରେନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ ଓ ଧନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲଭିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ଉତ୍ସବରେ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ମଧୁସ୍ମିତା ପରିଡ଼ା, ଅମିତା ଜେନା, ସୁଜାତା ପରିଡ଼ା, ଲକ୍ଷ୍ମୀପ୍ରିୟା ଶତପଥି, ଦୀପ୍ତିପ୍ରଭା ବେହୁରିଆ ପ୍ରମୁଖ ପରିଚାଳନା କରିଥିଲେ।

## ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା

ବାରିକପୁର,୨୪।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ମଧ୍ୟରେ ଉଦ୍ୟୋଗୀ ବିକାଶ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସରପଞ୍ଚ ଅମୂଲ୍ୟ ନାୟକ ଯୋଗଦେଇ ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସରକାରୀ ଭାବେ କେଉଁ ଭଳି ଋଣ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା। ମୋଟ୍ ୩୦ ଜଣ ମହିଳା ଓ ପୁରୁଷ ଉଦ୍ୟୋଗୀ ଏହି ୧୨ଦିନିଆ କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ଯୁବତୀଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ଥାନା ଅଧୀନ ଜାରକା ପୁଲିସ ବିଟ୍‌ହାଉସର ଅନତି ଦୂରରେ ଜଣେ ଯୁବତୀଙ୍କ ବେକରୁ କଳା ପଲ୍ସର୍ ବାଇକ୍‌ରେ ଆସିଥିବା ଦୁଇ ଜଣ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମର ଅଶୋକ କୁମାର ବାରିକଙ୍କ ଝିଅ ଅଭିଲିପ୍ସା ବାରିକ, ଜାରକା ମାଛ ବଜାର ନିକଟରେ ଥିବା ମାଉସୀ ଘରକୁ ଆସିଥିବା ବେଳେ ସନ୍ଧ୍ୟାରେ ନିଜ ମାଉସୀ ସଙ୍ଗୀତା ଦାସଙ୍କ ସହ ବଜାରକୁ ବୁଲି ଯାଇଥିଲେ। ଏହି ସମୟରେ ତାଙ୍କ ପଛ ପଟୁ ଏକ କଳା ପଲସରରେ ଦୁଇ ଦୁର୍ବୃତ୍ତ ଆସି ବେକରୁ ସୁନା ଚେନ୍ ଓ ଲକେଟ ଝାମ୍ପି ନେଇଥିଲେ। ଅଭିଲିପ୍ସା ଓ ତାଙ୍କ ମାଉସୀ ଜାରକା ବିଟ୍‌ହାଉସ ଅଧିକାରୀଙ୍କୁ ଏ ବିଷୟରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତନାଘନା କରିଛି। ଏସମ୍ପର୍କରେ ଅଭିଲପ୍ସା ଲିଖିତ ଭାବେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୨୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା,୨୪।୩(ସମିସ): ମଙ୍ଗଳପୁର ଟମକା ରାସ୍ତାର କୁହିକା ଛକରେ ଏକ ବାଇକ ଦୁର୍ଘଟଣା ଘଟି ଗୋବରଘଟି ବାସିନ୍ଦା ସିଲାଇ କଣ୍ଡାକେଲ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଗ୍ରାମ ସିଲାଇ କଣ୍ଡାକେଲଙ୍କ ପୁଅ ବୁଡ଼ାନ ସିଂ କଣ୍ଡାକେଲ (୨୫) ସୋମବାର ବାଇକ୍ ନେଇ କାଳିଆପାଣି ଅଞ୍ଚଳକୁ ଯାଉଥିବା ସମୟରେ କୁହିକା ଛକ ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ବୁଡାନ ସିଂକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସାବତ ପୁଅ ଆକ୍ରମଣରେ ମା' ଗୁରୁତର

ସୁକିନ୍ଦା,୨୪।୩(ସମିସ): କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ଗ୍ରାମପଞ୍ଚାୟତ ଅଧୀନସ୍ଥ କାଦୁଆବନ୍ଧୀ ଗ୍ରାମରେ ସାବତ ପୁଅ ଆକ୍ରମଣରେ ମା' ଗୁରୁତର ଆହତ



ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆହତ ମହିଳା କାଦୁଅବନ୍ଧୀ ଗ୍ରାମ ଅଲେଖ ପ୍ରଧାନଙ୍କ ପତ୍ନୀ ଶୁଆଗି ପ୍ରଧାନ(୫୭)। ପାରିବାରିକ ବିବାଦକୁ ନେଇ ମା' ଓ ପୁଅ ନିରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିରା ଉତ୍କ୍ଷିପ୍ତ ହୋଇ ମା'କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ମା' ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଦଧିବାମନଜୀଉଙ୍କ ମେଣ୍ଢାଘର ଉତ୍ସବ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପପୁର ଗ୍ରାମରେ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମେଣ୍ଢାଘର ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଠାକୁର ଫଗୁଦଶମୀରୁ ଦେଉଳରୁ ବାହାରି ୬ ଗୋଟି ମେଳଣରେ ଯୋଗଦାନ କରିଥାନ୍ତି। ପରେ ଠାକୁର ଉତରପ୍ରତାପ, ରାଖିପାଟଣା, ଅରଖପଦା, ବେଦିପୁର ଆଦି ଗ୍ରାମ ପରିକ୍ରମା କରି ଭୋଗ ଖାଇଥାନ୍ତି। ପରେ ଠାକୁରଙ୍କ ଦେଉଳ ବିଜେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଗୋପାଳଚନ୍ଦ୍ର ରାଉତ, ସଞ୍ଜୟ କୁମାର ରାଉତ, ନାରାୟଣ ରାଉତ, ଭାଗ୍ୟଧର ମହାନ୍ତି, ମଧୁସୁଦନ ପରିଡା, ଦେବୁନୀ ତ୍ରିପାଠୀ, ଲକ୍ଷ୍ମୀଧର ପଲେଇ, ସନାତନ ରାଉତ, ବଳରାମ ଦାସ, କାଳିଆ ଦାସ, ବସନ୍ତ କୁମାର ସାହୁ, ଜ୍ଞାନରଞ୍ଜନ ତ୍ରିପାଠୀ, ବାବାଜି ତରେଇ, ପିଣ୍ଟୁ ବାରିକ, ପାପନ ଦାଶ, ପୂଜକ ଗଦାଧର ଦାଶ, ରତ୍ନାକର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ରଥିଆ ଠାରେ ଧର୍ମଶାଳା ପୁଲିସ ଓ ଚଣ୍ଡିଖୋଲ ଆରଟିଓ ପକ୍ଷରୁ ମିଳିତ ଭାବେ ବାଇକ ଯାଂଚ କରାଯାଇଛି। ଚଣ୍ଡିଖୋଲ ଆରଟିଓ ତରଫରୁ ଅତିରିକ୍ତ ଏମଭିଆଇ ସ୍ୱାତୀ ସ୍ୱାଗତିକା ସମେତ ଅଫିସ ଷ୍ଟାଫ ଓ ଧର୍ମଶାଳା ପୁଲିସ ଷ୍ଟାଫ ମାନେ ଆଜି ରଥିଆ ଛକ ଠାରେ ବାଇକ ଗୁଡିକୁ ଅଟକାଇ ହେଲମେଟ୍ ଓ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହେଲମେଟ୍ ଇନସୁରାନ୍ସ, ପଲ୍ୟୁସନ ଆଦିନଥିବା ବାଇକ ଗୁଡିକରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।

## ଦୁଇ ଚୋର ଗିରଫ

କର୍ଯାଁଗୋଲା,୨୪।୩(ସମିସ): ମଙ୍ଗଳପୁର ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ଚିତ୍ତରଞ୍ଜନ ସାମଲଙ୍କ ଘରୁ ନଗଦ ୨୦ହଜାର ଟଙ୍କା ସହ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଗହଣା ସହ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବା ମଙ୍ଗଳପୁର ଥାନାରେ ଗତ ୧୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ସମ୍ପୃକ୍ତ ଦୁଇ ସ୍ଥାନୀୟ ଯୁବକଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ କୁମାର ବେହେରା କେଶ ନମ୍ବର ୭୪/୨୬ ରୁଜୁ କରିଥିଲେ। ସେହି ଗ୍ରାମର ଦୁଇ ଜଣ ଯୁବକ ପ୍ରକାଶ କୁମାର ବାଇ(୨୮) ଓ ଗୁଡୁ ଦାସ(୨୧) ଅନେକ ସମୟରେ ନିଶା ସେବନ କରି ବିଳମ୍ବିତ ରାତି ଯାଏଁ ବୁଲନ୍ତି। ଏହି ଚୋରି ମାମଲାର ତଦନ୍ତ ଅଧିକାରିଣୀ ଅନିତା ପ୍ରଧାନ ୨ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ

ଧର୍ମଶାଳା,୨୪।୩(ସମିସ): ଧର୍ମଶାଳା ବ୍ଲକ ଶାନ୍ତିବଜାର ଠାରୁ କାଏମା ଅଟକି ରହିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘ ୨ବର୍ଷ ପରେ ଆରମ୍ଭ ହୋଇଛି। ରାସ୍ତା ପ୍ରଶସ୍ତି କାର୍ଯ୍ୟ ନିମନ୍ତେ ଏହି ରାସ୍ତାର କାଏମା ମିଶନ ଶକ୍ତି ଗୃହ ନିକଟରେ ରାସ୍ତା ଉପରୁ ଗଛ ଗୁଡ଼ିକ କଟା ଯାଉଥିବା ସହ ରାସ୍ତା ସଫା କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଶରତ ନାୟକ ଉକ୍ତ ସ୍ଥାନରେ ଉପସ୍ଥିତ ରହି



କାର୍ଯ୍ୟକୁ ତଦାରଖ କରୁଛନ୍ତି। ଶାନ୍ତିବଜାର ଠାରୁ କାଏମା ନଦୀ ବନ୍ଧକୁ ସଂଯୋଗ କରୁଥିବା ଏହି ରାସ୍ତାରେ ସବୁ ସମୟରେ ଭିଡ଼ ଲାଗିରହିଥାଏ। ଭିଡ଼ ନିୟନ୍ତ୍ରଣ ସହ ଲୋକମାନଙ୍କ ଗମନା ଗମନ ସୁବିଧା ନିମନ୍ତେ ଏହାକୁ ଚାରି ଥାକିଆ ରାସ୍ତା କରାଯିବା ପାଇଁ ୨୦୨୩ ଡିସେମ୍ବର ମାସରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ୧୮ କୋଟି ୪୨ଲକ୍ଷ ଟଙ୍କା ର ବ୍ୟୟଅଟକଳରେ ଶିଳାନ୍ୟାସ ହୋଇଥିଲା। ରାସ୍ତା ମାପଚୁପ ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତି କରଣକୁ କାଏମା ବଜାରର କିଛି ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। କାଏମା ବଜାରରେ ଥିବା ବ୍ୟବସାୟୀମାନଙ୍କ ହିତକୁ ଆଖିଆଗରେ ରଖି ବିଧାୟକ ପୂର୍ବରୁ ନିର୍ଦ୍ଧାରିତ ନକ୍ସାରେ କିଛିଟା ପରିବର୍ତ୍ତନ କରି ଶାନ୍ତି ବଜାର ନିକଟରୁ ବାହାରି କାଏମା କେନାଲ ବନ୍ଧ ନିକଟରେ ବାଇପାସ୍ ହୋଇ କାଏମା କେଲୁଅ ନଦୀ ବନ୍ଧକୁ ସଂଯୋଗ କରିବା ପାଇଁ ନୂତନ ନକ୍ସା କରାଯାଇଛି। ଯାହାଫଳରେ ରାସ୍ତା କାମ ଅଗେଇବା ନେଇ ପଥ ପରିଷ୍କାର ହୋଇଛି। ତେବେ ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ରାସ୍ତା କାମକୁ ଯୁଦ୍ଧକାଳିନ ଭିତ୍ତିରେ ସାରିବାକୁ ଦାବି ହୋଇଛି।

■ ଦୋବଲରେ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ କର୍ମଶାଳା

## 'ସ୍ୱଚ୍ଛ ଭୋଟର ତାଲିକା ହିଁ ଗଣତନ୍ତ୍ରର ମୂଳଦୁଆ'

ଦୋବଲ,୨୪।୩(ସମିସ): ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧଠାରେ ମୁକୁନ୍ଦଦେବ ମଣ୍ଡଳସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ରର ମହାକୁମ୍ଭରେ ପ୍ରତିଟି ଯୋଗ୍ୟ ନାଗରିକଙ୍କ ସହଭାଗିତା ସୁନିଶ୍ଚିତ କରିବା ଏବଂ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ସଚେତନ ନାଗରିକର ଦାୟିତ୍ୱ। କୌଣସି ଜଣେ ବି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ। ଏହି ଅବସରରେ ଶତାଧିକ ଉତ୍ସାହି ଯୁବକର୍ମୀଙ୍କୁ ଭୋଟର ପଞ୍ଜୀକରଣ, ନାମ ସଂଶୋଧନ ଓ ଫର୍ମ ପୂରଣ ପ୍ରକ୍ରିୟା ଉପରେ ସବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଭୋଟର ତାଲିକାରେ ରହିଯାଉଥିବା ବୈଷୟିକ ତ୍ରୁଟି ଦୂର କରିବା, ନୂତନ ଭୋଟରଙ୍କୁ ଯୋଡ଼ିବା ଏବଂ ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେଇ ଏକ ସ୍ୱଚ୍ଛ ତାଲିକା ପ୍ରସ୍ତୁତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି ଆଲୋଚନା କରାଯାଇଥିଲା। ଯୁବକର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନ କରାଇବେ। ବିଶେଷ କରି ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତାର ଅଭାବ ଥିବାରୁ ଯୁବପିଢ଼ି ଅନ୍‌ଲାଇନ୍ ମାଧ୍ୟମରେ ଲୋକଙ୍କୁ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି। ଏହି କର୍ମଶାଳାରେ ଦୋବଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଥ୍‌ସ୍ତରୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅଭିଯାନ ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ପ୍ରତିଟି ୱାର୍ଡରେ ଜୋର୍‌ଦାର୍ ଭାବେ ଚାଲିବ ବୋଲି ସୂଚନା ମିଳିଛି।

## ବିଦେଇପୁରରେ କପିଳମୁନୀ ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୨୪।୩(ସମିସ): ବାସୁଦେବପୁର ବ୍ଲକ୍‌ର ବିଦେଇପୁରଠାରେ ଲଉଡ଼ି ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ କପିଳମୁନୀ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ମହୋତ୍ସବର ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, କପିଳମୁନୀ ମହୋତ୍ସବର ପ୍ରତିଷ୍ଠିତା ଏକପାଦ ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଲୋକକଳାକୁ ଗାଁ ଗାଁରେ ପହଞ୍ଚାଇବା



ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ସାମ୍ବାଦିକ ସୂର୍ଯ୍ୟୋଦୟ ବିଶ୍ୱାଳ, ସାମ୍ବାଦିକ କାଳୀପଦ ରାୟ, କଳାକାର ବିଶ୍ୱଜିତ୍ ମଣ୍ଡଳ, ନୃତ୍ୟଗୁରୁ ଚିତ୍ରସେନ ସ୍ୱାଇଁ, କଣ୍ଠଶିଳ୍ପୀ ଗୌତମ ବାରିକ, ଶୁଭଶ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରୀ ମଙ୍ଗଳପୁର ବୀଣା କେଶରୀ ନୃତ୍ୟ ମଞ୍ଜରୀ କଳାକାର ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ଭୁବନେଶ୍ୱର ଆରାଧନା ଡ୍ୟାନ୍ସ ଏକାଡେମୀ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।

### ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ

# ଭଦ୍ରକ ଜିଲ୍ଲାରେ ୫୭୭ ଜଣ ଯକ୍ଷ୍ମା ରୋଗୀ

ଭଦ୍ରକ,୨୪।୩(ସମିସ)



ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂଆବଜାରସ୍ଥିତ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥାଏ। ଏହି ବର୍ଷର ବିଷୟବସ୍ତୁ ହେଉଛି 'ଇଏସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି, ଲିଡ୍ ବାଇ ଭାରତ, ପାୱାର୍ଡ ବାଇ ଜନଭାଗିଦାରୀ'। ଏହି ଅବସରରେ ଏକ ସଚେତନତାମୂଳକ ସଭା ସହିତ ଆଲୋଚନା, ବିତର୍କ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସିଏଚ୍‌ସି ଧାମନଗର ଓ ସିଏଚ୍‌ସି ବରପଦାର ଏମ୍‌ପିଏଚ୍‌ଡବ୍ଲୁ (ପୁରୁଷ) କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି, ତାହାର ନିରାକରଣ ଓ ସମାଜର ସମ୍ମିଳିତ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଭାଗିତା ମାଧ୍ୟମରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାକ୍ତରମାନେ ଯୋଗଦେଇ 'ଟିବି ମୁକ୍ତ ଭାରତ' ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ। ଜିଲ୍ଲାରେ ବର୍ତ୍ତମାନ ୫୭୭ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହରାଜ ସୂଚନା ଦେଇଥିଲେ। ଯକ୍ଷ୍ମା ରୋଗର ପରୀକ୍ଷା ଓ ଚିକିତ୍ସା ସରକାରୀ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ଥିବା, ଦୀର୍ଘ ସମୟ ଧରି କାଶ ହେବା ଯକ୍ଷ୍ମାର ମୁଖ୍ୟ ଲକ୍ଷଣ ହେବା ସହିତ ଏହି ରୋଗ ବାୟୁ ମାଧ୍ୟମରେ ପ୍ରସାରିତ ହେବା ଓ ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ଭାବେ ନିରାମୟ କରାଯାଇପାରିବ ବୋଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ବିଶେଷଜ୍ଞ ଡା. ସନ୍ତୋଷ ପୃଷ୍ଟି, ବରିଷ୍ଠ ଡାକ୍ତର ସୁଧିରଞ୍ଜନ ନାୟକ, ଡା. ମିନତି ଲତା ଦାସ, ଡା. ପାର୍ଥସାରଥୀ ମିଶ୍ର, ଡା. ଜୟନ୍ତ ପଣ୍ଡା, ଡ. ଲଳିତା ସୋରେନ୍, ଡିପିଏମ୍ ବନବିହାରୀ ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ବିଭାଗୀୟ ସଂଯୋଜକ ନିବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

## ଉତ୍କଳ ଦିବସ ଓ ଓଡ଼ିଆ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୨୪।୩ (ସମିସ): ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ୯୧ତମ ଉତ୍କଳ ଦିବସ ଓ ଓଡିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶାଖା ସମ୍ପାଦକ ସୁନୀଲ କୁମାର ନାୟକଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ସଭାପତି ତଥା କେନ୍ଦ୍ରୀୟ ଉପସଭାପତି କମଳ ଚକ୍ରବର୍ତୀ ଉପସ୍ଥିତ ରହି ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଉକ୍ତ ଉତ୍ସବ ଜଳେଶ୍ୱର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏପ୍ରିଲ ୧ତାରିଖ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିବେ । ପ୍ରସ୍ତୁତି ବୈଠକରେ ଜଳେଶ୍ୱର ଶାଖାର ଉପସଭାପତି ଅଶୋକ ଦାସ, ଅଜିତ ମହାନ୍ତି, ସହ ସମ୍ପାଦକ ହେମନ୍ତ ଗିରି, ସାଂଗଠନିକ ସମ୍ପାଦକ ମନୋରଂଜନ ଦାସ, ପୂର୍ଣ୍ଣଚନ୍ଦ୍ର ପରିଡା, ସମରେଶ ଦିନ୍ଦା, ପ୍ରାଣକୃଷ୍ଣ ଗିରି, ଜ୍ଞାନେନ୍ଦ୍ର ଜେନା, ସୁଷମା ରାଣୀ ଭୂୟାଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କୋଷାଧ୍ୟକ୍ଷ ରବୀନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋଲେରୋ ଧକ୍କାରେ ସ୍କୁଟି ଚାଳକ ଗୁରୁତର

ସିମୁଳିଆ, ୨୪।୩ (ସମିସ): ଜାତୀୟ ରାଜପଥରେ ବୋଲେରୋ ଧକ୍କାରେ ସ୍କୁଟି ଚାଳକ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ସିମୁଳିଆ ନିକଟରେ ମଇତାପୁର ପଞ୍ଚାୟତ ସିମୁଳିଆର ଶୁକଦେବ ନାଥଙ୍କ ପୁଅ ରାଧାକାନ୍ତ ନାଥ (୪୫) ନିଜ ବାଇକରେ ତେଲଟାଙ୍କିରୁ ତେଲ ପକାଇ ଜାତୀୟ ରାଜପଥକୁ ଆସିବା ସମୟରେ ପଶ୍ଚିମବଙ୍ଗରୁ ପୁରୀ ଯାଉଥିବା ଏକ ଦ୍ରୁତଗାମୀ ବୋଲେରୋ ଗାଡି ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ରାଧାକାନ୍ତ ନୟନ ଜୋରିକୁ ଛିଟିକି ପଡ଼ିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲକୁ ନେଇଥିଲେ । ଅତି ଗୁରୁତର ହୋଇ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

### ସୁଧୁରୁନି ମଣ୍ଡିରେ ଧାନକିଣା ବ୍ୟବସ୍ଥା

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

ବାଲେଶ୍ୱର,୨୪।୩(ସମିସ)



ମଣ୍ଡିରେ ଧାନକିଣା ବ୍ୟବସ୍ଥା ସୁଧୁରୁନି । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । କିଛିଦିନ ତଳେ ଜିଲ୍ଲାର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାନ ବସ୍ତା ରଖି ପ୍ରତିବାଦ କରିଥିବା ବେଳେ ମଙ୍ଗଳବାର ରେମୁଣା ବ୍ଲକ ସମ୍ମୁଖରେ ରେମୁଣା କୃଷକ ସଭା କମିଟି, ସମସ୍ତ ସମବାୟ ସମିତିର କର୍ମକର୍ତ୍ତା ଏବଂ ଚାଷୀମାନେ ରାସ୍ତାରୋକ କରିଥିଲେ । ଚାଷୀମାନେ ଧାନ ବସ୍ତା ରାସ୍ତା ଉପରେ ରଖି ପ୍ରତିବାଦ କରିବା ସହ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରୋକ କରିଛନ୍ତି । ଫଳରେ ରେମୁଣା ମୁଖ୍ୟ ରାସ୍ତା ଅବରୋଧ ହେବା ସହ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି ।

ରେମୁଣା ବ୍ଲକର ଅନେକ ଚାଷୀ ଟୋକନ ପାଇଁ ଏପର୍ଯ୍ୟନ୍ତ ସେମାନଙ୍କର ଧାନ ବିକ୍ରି କରିପାରୁ ନାହାନ୍ତି । ଏପରିକି ବିଭିନ୍ନ ସୋସାଇଟିରେ ଏବେ ଧାନ କିଣା ପ୍ରକ୍ରିୟା ସ୍ଥଗିତ ରହିଛି ବୋଲି ଅଭିଯୋଗ କରିଛନ୍ତି । ବିଶେଷ କରି ନୂଆପାଢ଼ୀ ସୋସାଇଟିରେ ୨୨୬ଜଣ ଚାଷୀ, ନିଜାମପୁର ସୋସାଇଟିରେ ୨୭୧ଜଣ ଚାଷୀ, ବରୁଣ ସିଂରେ ୬୫୦ ଚାଷୀ, ରେମୁଣାରେ ୪୪ଜଣ ଚାଷୀ, ଦୁର୍ଗାଦେବୀରେ ୩୧ଚାଷୀ, ପତ୍ରିପାଳରେ ୬୪ଜଣ ଚାଷୀ ଏବଂ ବଡପାଳ ସୋସାଇଟିରେ ୧୮୨ଜଣ ଚାଷୀଙ୍କର ଧାନ ବିକ୍ରି ହୋଇପାରୁ ନାହିଁ । ଏ ନେଇ ସେମାନେ ଚଳିତ ମାସ ୧୭ ତାରିଖରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସେମାନଙ୍କର ଧାନ ୩୧ତାରିଖ ପୂର୍ବରୁ କିଣାଯିବାକୁ କହିଥିଲେ । ଏଣୁ ଏହି ଦାବି ଖୁବ ଶିଘ୍ର ପୂରଣ ନହେଲେ ଆଜି ରାସ୍ତାରୋକ କରିବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେମୁଣାରେ ଥିବା ବିଭିନ୍ନ ସୋସାଇଟିରେ ବାକି ରହିଥିବା ଚାଷୀମାନଙ୍କଠାରୁ ଧାନ ନ କିଣିବା ଫଳରେ ଆଜି ସେମାନେ ମିଳିତ ଭାବେ ବ୍ଲକ ସମ୍ମୁଖରେ ଧାନ ବସ୍ତା ରଖି ପ୍ରତିବାଦ କରିବା ସହ ରାସ୍ତାରୋକ କରିଛନ୍ତି । ଏଥିରେ କୃଷକସଭା ବାଲେଶ୍ୱର ଜିଲ୍ଲା କମିଟି ସଭ୍ୟ ପ୍ରେମରଞ୍ଜନ ପାତ୍ରଙ୍କ ସମେତ ପୂର୍ବତନ ସରପଞ୍ଚ ତଥା ବ୍ଲକ ସଭାପତି ପ୍ରସନ୍ନ ଷଡଙ୍ଗୀ, ରେମୁଣା ସେବା ସମବାୟ ସମିତି ସଭାପତି ନରେନ୍ଦ୍ର ବେହେରା, ନରହରିପୁର ସେବା ସମବାୟ ସମିତିର ସଭାପତି ଅନିରୁଦ୍ଧ ଲେଙ୍କା, ଭଗବାନ ମହାନ୍ତି, ସୁରେନ୍ଦ୍ର ମହାଳିକଙ୍କ ସମେତ ଜୟ ସିଂ, ବଧିରାମ ମଲିକ, ସନ୍ତୋଷ ବାରିକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ରାସ୍ତାରୋକ ସମୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରେମୁଣା ଗୋଳେଇସ୍ଥିତ ପୁରୁଣା କ୍ୟାମ୍ପସକୁ ପରୀକ୍ଷା ଦେବା ପାଇଁ ବସ୍ ଯୋଗେ ଯାଉଥିଲେ । ରାସ୍ତାରୋକ ଯୋଗୁ ସେମାନେ ଯାଇ ନପାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁରୁ କଣ୍ଟାପାଳ ରାସ୍ତା ଅତି ଶୋଚନୀୟ



କାଳିପଦା, ୨୪।୩ (ସମିସ): ବାଳିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁରୁ ଜଳେଶ୍ୱର ବ୍ଲକ କଣ୍ଟାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏବେ ଅତି ଶୋଚନୀୟ ହୋଇ ପଡିଛି । ରାସ୍ତାଯାକ ଖାଲ ଖମାରେ ପରିଣତ ହୋଇ ଥିବାବେଳେ ଏବେ ସାମାନ୍ୟ ବର୍ଷାରେ କାଦ ପଚ ପଚ । ଗାଁ ଭିତରେ ରାସ୍ତା ଉପରେ ପାଣି ଦିନ ଦିନ ଜମି ରହୁଛି । ଚାରି ଚକିଆ, ତିନି ଚକିଆ, ଦୁଇ ଚକିଆ ଆଦି ମଟର ଗାଡି ଯା ଆସ କରିବାରେ ଯେତିକି ଅସୁବିଧା ହେଉଛି ତାହାଠାରୁ ଅଧିକ ଅସୁବିଧା ଭୋଗୁଛନ୍ତି ପାଦ ଚଲା ଯାତ୍ରୀ ଗଣ । ମହିଳା ଓ ଛୋଟ ପିଲାମାନଙ୍କ କଥା କହିଲେ ନ ସରେ । ଜନନୀ ଓ ପ୍ରସୂତି ଗାଡି, ୧୦୮ ଗାଡି ଏହି ରାସ୍ତା ଦେଇ ଯିବା ପାଇଁ ଅମଙ୍ଗ । ପଶ୍ଚିମ ବାଡ଼ ପଶ୍ଚିମ ସାହି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ ହୋଇ ଥିବାବେଳେ ପ୍ରାୟେ ଏକ କିଲୋମିଟର ଏହି ରାସ୍ତା ଅତି ନଗଣ୍ୟ ଓ ଶୋଚନୀୟ ହୋଇ ପଡିଛି । ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତା ପ୍ରଶସ୍ତ ହେଲେ ଯାନବାହାନ ସୁରୁଖୁରୁରେ ଯିବା ଆସିବା କରିବା ସହିତ ଲୋକମାନେ ମଧ୍ୟ ଯା ଆସ କରି ପାରନ୍ତେ । ଏହି ରାସ୍ତା ଉପରେ ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି । ବାଲିଆପାଳରୁ ଏହି ରାସ୍ତା ପାରି ଲୋକେ ଜଳେଶ୍ୱର ଷ୍ଟେସନରୁ କଲିକତା ସମେତ ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ପୁରୀ, ଆନ୍ଧ୍ର ଓ ଅନ୍ୟାନ୍ୟ ଜାଗାକୁ ଯିବା ପାଇଁ ଟ୍ରେନ ଧରନ୍ତି । ଉଭୟ ବ୍ଲକର ଲୋକମାନେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ଜିଲ୍ଲାପାଳ, ଲୋକ ପ୍ରତିନିଧି ମାନଙ୍କୁ ବାରଂବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉ ନାହିଁ । ଆଗକୁ ବର୍ଷା ଋତୁ ଆସୁଥିବାରୁ ରାସ୍ତା ଆହୁରି ଶୋଚନୀୟ ହେବ । ଏହାକୁ କେନ୍ଦ୍ର କରି ସ୍ଥାନୀୟ ଲୋକ ରାସ୍ତାରୋକ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି । ଅନ୍ୟ ପକ୍ଷରେ ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଚୋରା ସୁବର୍ଣ୍ଣରେଖା ବାଲି ଚାଲାଣ ହେଉଛି । ବାଲି ବୋଝଇ ଟ୍ରାକ୍ଟରରୁ ରାସ୍ତାରେ ପାଣି ପଡୁଛି । ଏମାନଙ୍କୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଲଗାମ ନାହିଁ । ବାଲି ଗାଡି ଯୋଗୁଁ ରାସ୍ତା ଅଧିକ ଅଗମ୍ୟ ହେଉଛି । ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ରାମଚନ୍ଦ୍ର ପୁହାଣ, ମଦନ ମୋହନ ଦତ୍ତ, କାହ୍ନୁ ଚରଣ ରାଉଳ, ମୁକୁନ୍ଦ ରାଉଳ, ବ୍ରହ୍ମାନନ୍ଦ ପ୍ରାମାଣିକ, କୁଶଚନ୍ଦ୍ର ଦେହୁରୀ, ସୁଦାମ ଚରଣ ମାଝୀ, ଗୋଲକ ବିହାରୀ ମାଝୀ, ସୁମିତ୍ରା ମାଝୀ, ରାସମଣୀ ବେହେରା, ଜୟନ୍ତୀ ରଣା ପ୍ରମୁଖ ଦୃଢ଼ ଦାବି କରିଛନ୍ତି ।

## ଜାମଶୂଳୀ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




କାଳିପଦା, ୨୪।୩ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଅତିଥି ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ । ବିଭାଗୀୟ ଅଧ୍ୟାପକ ସୁରେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ଅଧ୍ୟାପକ ବାଙ୍କିମ ଚନ୍ଦ୍ର ମୈକାପ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳ ଓଭରବ୍ରିଜରେ ଗର୍ତ୍ତ, ମରାମତି ଦାବି

ଜଳେଶ୍ୱର, ୨୪। ୩ (ସମିସ): ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ଜଳେଶ୍ୱର ନୂଆ ବଜାର ଠାରେ ଥିବା ନୂତନ ରେଳ ଓଭରବ୍ରିଜ ଜନସାଧାରଣଙ୍କ ଯାତାୟତ ପାଇଁ ମାତ୍ର ୧ବର୍ଷ ପୂର୍ବରୁ ଖୋଲାଯାଇଥିବା ବେଳେ ଏବେ ରାସ୍ତା ମଝିରେ ଗର୍ତ୍ତ ହେବା ସହିତ ରଡ ବାହାରି ପଡିଥିବାର ଦେଖିବାକୁ ମିଳିଛି । ଫଳରେ ଯାତାୟାତ କରୁଥିବା ଲୋକେ ସେହି ରଡରେ ଝୁଣ୍ଟି ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ଧରି ଏହି ବ୍ରିଜର କାର୍ଯ୍ୟ ଚାଲୁଥିବା ବେଳେ ଜଳେଶ୍ୱର ଜନସାଧାରଣଙ୍କ ବହୁ ଆନ୍ଦୋଳନ ପରେ ଓ କାର୍ଯ୍ୟ ସମ୍ପନ୍ନ ସମୟ ସୀମାର ବହୁ ଦିନ ପରେ ଲୋକଙ୍କ ପାଇଁ ଏହି ପୋଲକୁ ଖୋଲାଯାଇଥିଲା । ତା ପରେ ମଧ୍ୟ କାର୍ଯ୍ୟ ନିମ୍ନ ମାନର ହୋଇଛି ବୋଲି ଦେଖିବାକୁ ମିଳୁଛି । ତେଣୁ ତୁରନ୍ତ ଏହି ରାସ୍ତାକୁ ଠିକ କରିବା ସହିତ ଉକ୍ତ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ଖଡିଛୁଆଁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନର ଶୁଭାରମ୍ଭ



ବାଲିଆପାଳ, ୨୪।୩ (ସମିସ): ଚଳିତ ନୂତନ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୨ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିପାଇଁ ନୂତନ ଭାବେ ବିଦ୍ୟାଳୟର ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିର୍ଦ୍ଦେଶ ରହିଛି । ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ବିକାଶ ବାଲିଆପାଳ ବ୍ଲକ ଆଠବାଟିଆ ଗ୍ରାମରେ ବିଭିନ୍ନ ଘରକୁ ଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ, ଫୁଲ ଦେବା ସହ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ । ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା ଶିକ୍ଷାଅଧିକାରୀ ବସନ୍ତ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏବିଇଓ ନମିତା ପ୍ରଭା ସାମଲ, ସିଆରସିସି ଯଶୋବନ୍ତ ନାୟକ, ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧ୍ୟାପକ ପ୍ରଦୀପ୍ତ ମିଶ୍ରଙ୍କୁ ଫକୀରମୋହନ ଶିକ୍ଷା ସମ୍ମାନ

ନୀଳଗିରି, ୨୪।୩ (ସମିସ): ନୀଳଗିରିର କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପଡିଆରେ ଦୀର୍ଘ ସାତଦିନ ଧରି ଚାଲିଥିବା ୟୁଥ୍ ଫେଷ୍ଟ ୨୦୨୬ର ଅନ୍ତିମ ସନ୍ଧ୍ୟାରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଫକୀରମୋହନ



ଶିକ୍ଷା ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଉକ୍ତ ସମ୍ମାନକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ବିଧାୟକ ରେମୁଣାର ଗୋବିନ୍ଦ ଦାସ ଓ ବାଲେଶ୍ୱରର ସହକାରୀ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ପ୍ରଦାନ କରିଥିଲେ । ପ୍ରକାଶ ଥାଉ କି ଅଧ୍ୟାପକ ମିଶ୍ର ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହିଷାପଟା ପଞ୍ଚାୟତର ବଣିଆଗାଁର ସ୍ୱର୍ଗତ କାର୍ତ୍ତିକେଶ୍ୱର ମିଶ୍ର ଓ ସ୍ୱର୍ଗତ ବିନୋଦିନୀ ମିଶ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି ।

## ସହିଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

ଭୋଗରାଇ/ଚନ୍ଦନେଶ୍ୱର, ୨୪।୩ (ସମିସ): ଏଆଇଡିଓ୍ୱାଇ ଓ ଭୋଗରାଇ ଯୁବ ସଂଗଠନ ପକ୍ଷରୁ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳୀ ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଆଇଡିଓ୍ୱାଇ ଓ ଭୋଗରାଇ ଯୁବ ସଂଗଠନର ସଭ୍ୟ କମ୍ରେଡ ସସ୍ମିତା ମହାନ୍ତି ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ଏଆଇଡିଓ୍ୱାଇ ଓ ପୂର୍ବତନ ରାଜ୍ୟ ଉପସଭାପତି କମ୍ରେଡ ନିରାକାର ପାଣ୍ଡବ ଯୋଗ ଦେଇ ଥିଲେ । ହରେକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଣି ବିଭାଗର ରାତିଅଧିଆ ଚଢ଼ଉ: ପୋକଲିନ ଓ ଟ୍ରାକ୍ଟର ଜବତ

ରାଜଘାଟ, ୨୪।୩ (ସମିସ): ୧୬ନଂ ଜାତୀୟ ରାଜପଥ ଚାଲନ୍ତି ପଣସ ଜଙ୍ଗଲ ନିକଟରୁ ଚୋରା ବାଲି ସୈରାତରେ ବେଆଇନ ଭାବେ ବାଲି ଉତ୍ତୋଳନ ସମୟରେ ଜିଲା ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇ ଗୋଟିଏ ପୋକଲିନ (ଚେନ ମେସିନ) ଜବତ କରାଯାଇଛି । ଉକ୍ତ ବେଆଇନ ବାଲି ସୈରାତରେ ମାଫିଆ ମାନେ ଦୀର୍ଘଦିନ ଧରି ବାଲି ଉତ୍ତୋଳନ କରି ଡମ୍ପର ଯୋଗେ ଚୋରାରେ ପଡୋଶୀ ପଶ୍ଚିମବଙ୍ଗ ସହ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଚାଲାଣ କରିଆସୁଥିଲେ । ମାତ୍ର ଖଣି ଅଧିକାରୀଙ୍କ ବାରମ୍ବାର ଚଢାଉ ପରେ କିଛିଦିନ ହେବ ଚାଲାଣ ବନ୍ଦ ରହିଥିଲା ମାତ୍ର ମାଫିଆମାନେ ପୁଣି ସକ୍ରିୟ ହୋଇ ଆରମ୍ଭ କରିଥିଲେ ବାଲି ଚାଲାଣ । ଏ ନେଇ ସ୍ଥାନୀୟ କିଛି ଲୋକ ଭାରପ୍ରାପ୍ତ ଜିଲ୍ଲା ଖଣି ଅଧିକାରୀ ପର୍ଶୁରାମ ଜେନାଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଜିଲ୍ଲା ଖଣି ଅଧିକାରୀ ଗତକାଲି ଏକ ସ୍ୱତନ୍ତ୍ର ଟିମ ଗଠନ କରିବା ସହ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ । ଉକ୍ତ ସୈରାତରେ ଅଧିକାରୀମାନେ ରାତି ୪ଟାରେ ପହଞ୍ଚିବା ପରେ ମାଫିଆ ମାନେ ମେସିନ ଛାଡି ଛତ୍ରଭଙ୍ଗ ଦେଇଥିଲେ । ସେହିପରି ଚାଲନ୍ତିରୁ ଜଳେଶ୍ୱର ଯାଉଥିବା ବାଇପାସ ରାସ୍ତାରେ ସେକସରାଇ ନିକଟରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଉଭୟ ଟ୍ରାକ୍ଟର ଓ ପୋକଲିନ ମେସିନ ଜବତ କରି ଜଳେଶ୍ୱର ଥାନାକୁ ହସ୍ତାନ୍ତର କରିଛନ୍ତି । ଏଭଳି ଅତର୍କିତ ଚଢାଉ ପରେ ମାଫିଆଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳିଛି ।

## ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ

ବାଲେଶ୍ୱର,୨୪।୩ (ସମିସ): ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟ ପରିସରରେ ବିଶ୍ୱ ଡାଉନ୍ ସିଣ୍ଡ୍ରୋମ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ନିର୍ଦ୍ଦେଶକ ଦିବାକର ସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରା, ଶିକ୍ଷକ ସୌମ୍ୟ ରଞ୍ଜନ ସେନାପତି, ଶିକ୍ଷକ ଗୌରାଙ୍ଗ ପ୍ରଧାନ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ବେହେରା, ଚନ୍ଦ୍ରଜିତ ନାୟକ, ଜଗତ ଜିତ କୁମାର ପତି, ସୁନୀଲ ବିଶ୍ୱାଳ, ମନୋଜ ପଲାଇ, ଦୀପକ ବେହେରା, ସଞ୍ଜିବ ବେହେରା, ଗୌରାଙ୍ଗ ପାତ୍ର, ପ୍ୟାରୀମୋହନ ଭୂୟାଁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ଜ୍ୟୋତିର୍ମୟୀ ଦାସ, ବାସନ୍ତୀ ସିଂ, ଅଭିଲିପ୍ସା ଦାସ, ଅର୍ଚ୍ଚନା ବିନ୍ଧାଣି ଓ ଶିବାନୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଏହି ଦିବସ ପାଳନ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅର୍ଚ୍ଚନା ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଆପାଳରେ ସହିଦ ଦିବସ

କାଳିପଦା, ୨୪।୩ (ସମିସ): ବାଲିଆପାଳ ଆଜାଦ ହିନ୍ଦ ଫାଉଣ୍ଡେସନ ପକ୍ଷରୁ ସହିଦ ଦିବସ ପାଇଁ କ୍ୟାଣ୍ଡେଲ ଯାତ୍ରା ଅନୁଷ୍ଠିତ ହୋଇଛି । କ୍ରାନ୍ତିକାରୀ ସହିଦ ଭଗତ ସିଂ, ଶିବରାମ ରାଜ ଗୁରୁ, ଶୁକଦେବ ଠାପର ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି ଏହି କ୍ୟାଣ୍ଡେଲ ଯାତ୍ରା ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ଜାମ କୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ, ରାଜା ରାଣୀ ଛକ, ସିମୁଳିଆ ଦୈନିକ ମାର୍କେଟ ଛକ ଅତିକ୍ରମ କରି ଖଗଡା ପାଳ ଶ୍ରଦ୍ଧା କ୍ଷେତ୍ର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ଥିଲା । ଏହି କ୍ୟାଣ୍ଡେଲ ଯାତ୍ରାକୁ କମିଟି ସଭାପତି ସନାତନ ଗଙ୍ଗାଇ, ଉପ ସଭାପତି ଭୋଳା ସିଂ, ସମ୍ପାଦକ ବିଶ୍ୱ ରଞ୍ଜନ ସେଠୀ, ସଦସ୍ୟ ସଞ୍ଜୟ ଦାସ, ଚନ୍ଦ୍ରକାନ୍ତ ଦାସ, ମଦନ ମୋହନ ଧଳ, ଅନନ୍ତ କର, ଅଜିତ ଦେ, ସଞ୍ଜୟ ପରିଡା, ଶ୍ରୀହରି ମଣ୍ଡଳ, ସଦସ୍ୟା ଦୀପ୍ତିରାଣୀ ଜେନା, ସଂଗୀତା ଜେନା, କାଞ୍ଚନ ଦାସ, ସୁମିତ୍ରା ସାହୁ, ସୁମତୀ ଦଳାଇ, ସଞ୍ଜୁବାଳା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ବାଲି ଚାଲାଣର ପେଣ୍ଠସ୍ଥଳୀ ପାଲଟିଛି ଧିତପୁରା

ରାଜଘାଟ, ୨୪।୩ (ସମିସ)



ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଧିତପୁରା ହନୁମାନ ମନ୍ଦିର ନିକଟରୁ ମାଫିଆ ମାନେ ଦୀର୍ଘଦିନ ହେବ ସୁବର୍ଣରେଖା ନଦୀରୁ ବାଲି ଚାଲାଣ କରିଆସୁଛନ୍ତି । ପ୍ରତିଦିନ ଶହଶହ ଟ୍ରାକ୍ଟରରେ ଅହରହ ବାଲି ଚାଲାଣ ହେଉଛି । ବାଲି ମାଫିଆ ପ୍ରଶାସନର କିଛି ଦୁର୍ନୀତିଖୋର୍ କର୍ମଚାରୀ ଓ ସ୍ଥାନୀୟ କିଛି ରାଜନେତାଙ୍କୁ ହାତବାରିସୀ କରି ମୋଟା ଅଙ୍କର ଟଙ୍କା ଦେଇ ଏଭଳି ଚୋରା ବାଲି ବେପାର କରି ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ଏହାଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଥିବା ଅଭିଯୋଗ ହୋଇଛି । ବେଆଇନ ବାଲି ଚାଲାଣ ଯୋଗୁଁ ରାସ୍ତାରେ ବହଳେ ମୋଟାର ବାଲି ପଡ଼ିଛି । ଯାହା ଫଳରେ ମୋଟର ସାଇକଲ, ସାଇକଲ ଆରୋହୀମାନେ ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅନଭିଜ୍ଞ ଚାଳକ ଟ୍ରାକ୍ଟର ଚଳାଉଥିବାରୁ ଏଭଳି ବାଲି ପଡୁଥିବା ଅଭିଯୋଗ ହେଉଛି ।

ପ୍ରକାଶ ଯେ, ନଦୀଗର୍ଭରୁ ବାଲି ଉଠାଣ ହେବା ଦ୍ୱାରା ନଦୀର ଗତିପଥ ବଦଳୁଛି ସେହିପରି ନଦୀରୁ ବାଲି ଉଠାଇବା ନିମନ୍ତେ ଉକ୍ତ ସ୍ଥାନରେ ନଦୀବନ୍ଧ କଟିଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି । ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରୀଯାନ ରାସ୍ତାରେ ଚାଲିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି । ବାଲି ଚାଲାଣବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ଓ କିଛି ସମୟରେ ଶୁଖିଲା ବାଲି ପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି । ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କାଯାଉ ନ ଥିବାରୁ ବାଲି ଉଡି ପଥଚାରୀଙ୍କ ଆଖିରେ ପଡୁଛି ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ଗ୍ରାମାଞ୍ଚଳ ରାସ୍ତା ସବୁ ଜାମ ହୋଇଯାଉଛି ଓ ଦୁର୍ଘଟଣା ମଧ୍ୟ ଘଟୁଛି । ଏ ସବୁ କାରବାର ସବୁ ସମୟରେ ଚାଲିଥାଏ ମାତ୍ର ରାତି ବଢିଲେ ଏମାନଙ୍କ ପ୍ରାଦୁର୍ଭାବ ଅଧିକ ବଢିଯାଇଥାଏ ଫଳରେ ଗାଡି ଶବ୍ଦରେ ରାତିରେ ଲୋକେ ଶାନ୍ତିରେ ଶୋଇପାରୁନାହାନ୍ତି । ମାଫିଆମାନେ ଏକପ୍ରକାର ପ୍ରଶାସନକୁ ନିଜ କବ୍ଜାରେ ରଖିବା ଭଳି ପରିଲକ୍ଷିତ ହେଉଛି । ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେଆଇନ ଭାବେ ବାଲି ଉଠାଣ ଯୋଗୁଁ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି । ଏ ବାବଦରେ ଲୋକେ ଜିଲ୍ଲା ଖଣିଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବଢୁଛି । ଏ ବାବଦରେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନାଙ୍କୁ ପଚାରିବାରୁ ଖୁବଶୀଘ୍ର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ରାମନବମୀକୁ ନେଇ ପୁଲିସର ଫ୍ଲାଗମାର୍ଚ୍ଚ

ବାଲେଶ୍ୱର,୨୪।୩(ସମିସ): ପବିତ୍ର ଶ୍ରୀ ରାମନବମୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଆଜି ଜିଲ୍ଲା ପୁଲିସ ପକ୍ଷରୁ ଅପରାହ୍ନରେ ବାଲେଶ୍ୱର ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଶ୍ରୀରାମ ନବମୀରେ ବାଲେଶ୍ୱର ସହରର ଟାଉନ ଥାନା ଓ ସହଦେବଖୁଂଟା ଅଞ୍ଚଳରେ ୨୦ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ଏହାଛଡ଼ା ଏହି ସମୟରେ କୌଣସି ପ୍ରକାର ଡିଜେ ବ୍ୟବହାର ହୋଇ ପାରିବ ନାହିଁ । ସେହିପରି ଜିଲ୍ଲାର ସୋର, ଜଳେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି । ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଫ୍ଲାଗ ମାର୍ଚ୍ଚରେ ବିଏସଏଫ ସମେତ ଚାରି ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଏହା ଟାଉନ ଥାନା ନିକଟରୁ ବାହାରି ସିନେମାଛକ, ଟାଉନହଲ, ମୀର୍ଜାପୋଖରୀ ଛକ, ମଣ୍ଡଳବଜାର, ଦାମୋଦରପୁର, ବଡ଼ଖୁଆ, ପାତ୍ରପଡ଼ା, ସୁନହଟ ଦେଇ ଗଡ଼ଗଡ଼ିଆ ଛକରେ ଶେଷ ହୋଇଥିଲା । ଏଥିରେ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ ଓ ଟାଉନଥାନା ଆଇଆଇସି ପ୍ରମୁଖ ଯୋଗ ଦେଇଥିଲେ ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଐତିହ୍ୟ

- ୧୮୦୭- ବ୍ରିଟିଶ୍ ସଂସଦ ଦ୍ୱାରା ସମଗ୍ର ବ୍ରିଟେନରୁ କ୍ରୀତଦାସ ପ୍ରଥା ଉଚ୍ଛେଦ।
- ୧୮୯୮: ଭଗିନୀ ନିବେଦିତା ବ୍ରହ୍ମଚର୍ଯ୍ୟ ଦୀକ୍ଷା ନେଲେ।
- ୧୯୫୭: ୟୁରୋପୀୟ ଅର୍ଥନୈତିକ ସଂଘର ସ୍ଥାପନା।
- ୧୯୮୮- ନାସାର ମହାକାଶଯାନ ଏସ୍-୨୦୬ ପ୍ରକ୍ଷେପଣ କରାଗଲା।
- ୨୦୦୨- କାବୁଲରେ ବଡ଼ ଧରଣର ଭୂମିକମ୍ପ ହେବାରୁ ୧୦୦୦ ଲୋକଙ୍କ ପ୍ରାଣହାନି।



## ବରର ନିଆରା ଏଣ୍ଟ୍ରି

ସାମାଜିକ ଗଣମାଧ୍ୟମରେ ବିବାହକୁ ନେଇ ଏକ ଅଜବ ଦୃଶ୍ୟ ଭାଇରାଲ ହେଉଛି। ଏଥିରେ ବରର ଏକ ନିଆରା ଏଣ୍ଟ୍ରି ଦେଖିବାକୁ ମିଳିଛି। ସାଧାରଣତଃ ବର କନିଆ ଘରେ ପହଞ୍ଚିବା ପରେ ସେଠାରେ ଶଳାମାନେ ମଣ୍ଡପକୁ ଟେକିକି ନେଇଯାନ୍ତି। ହେଲେ ଏଠାରେ ବର ଏଣ୍ଟ୍ରିର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ବର ଜଣକ ତାଙ୍କ ସାଙ୍ଗମାନଙ୍କ ହାତ ଉପରେ ଚାଲିକି ମଣ୍ଡପରେ ପହଞ୍ଚିଥିବା ଦେଖାଯାଇଛି। ଭିଡିଓ ପ୍ରାରମ୍ଭରୁ ଦେଖାଯାଇଛି ଯେ, ବିବାହ ମଣ୍ଡପରେ ବର ଏଣ୍ଟ୍ରି କରୁଛି। ଏହି ସମୟରେ ସାଙ୍ଗମାନେ ମିଶି ଏମିତି କିଛି କରିବାକୁ ଚିନ୍ତା କଲେ, ଯେମିତି ବରର ପାଦ ଭୂମିସ୍ପର୍ଶ କରିବ ନାହିଁ। ସେଇଠୁ ସବୁ ସାଙ୍ଗ ସାମ୍ନାସାମ୍ନି ହାତକୁ ଛନ୍ଦି ଧାଡ଼ିରେ ଛିଡ଼ା ହେଲେ। ଏହାପରେ ବରକୁ ସେମାନେ ସେମାନଙ୍କ ହାତ ଉପରେ ଚାଲିବାକୁ ଦେଇଛନ୍ତି। ଏହିପରି ଭାବେ ବର ଜଣକ ସାଙ୍ଗମାନଙ୍କ ହାତ ଉପରେ ଚାଲିକି ମଣ୍ଡପକୁ ଯାଇଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ଏହା ଉପରେ ବେଶ୍ ମଜାଦାର ପ୍ରତିକ୍ରିୟା ରଖିଛନ୍ତି।


## ଦ୍ୱିତୀୟ ବିବାହ କଲେ ବାଦଶାହ
### ଫଟୋ ଭାଇରାଲ

ଜଣାଶୁଣା ଗାୟକ ତଥା ଲୋକପ୍ରିୟ ରାପର୍ ବାଦଶାହ ପୁଣି ଥରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଛାଡ଼ପତ୍ରର ଛଅ ବର୍ଷ ପରେ ସେ ଦ୍ୱିତୀୟ ବିବାହ କରିଛନ୍ତି। ବାଦଶାହଙ୍କ ବିବାହ ବେଳର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ସେ ପଞ୍ଜାବୀ ଅଭିନେତ୍ରୀ ତଥା ମଡେଲ ଈଶା ରିଖିଙ୍କ ସହ ଦ୍ୱିତୀୟ ଥର ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଈଶା ଓ ବାଦଶାହଙ୍କ ମଧ୍ୟରେ ବୟସ ଅନ୍ତର ୮ ବର୍ଷ। ବାଦଶାହଙ୍କୁ ୪୦ ବର୍ଷ ବୟସ ହୋଇଥିବା ବେଳେ ଈଶାଙ୍କୁ ୩୨ ବର୍ଷ। ତେବେ ତାଙ୍କର ଏହି ଗୁପ୍ତ ବିବାହର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଫଟୋରେ ବାଦଶାହ ସବୁଜ ରଙ୍ଗର କୁର୍ତ୍ତା ପିନ୍ଧିଥିବା ବେଳେ ଈଶା ନାଲି ରଙ୍ଗର ସାଲୱାର କମିଜ ପିନ୍ଧିଛନ୍ତି। ଦୁହେଁ ଖୁବ୍ ସୁନ୍ଦର ଲାଗୁଛନ୍ତି। ଗୋଟିଏ ଫଟୋରେ ଦୁହେଁ ବିବାହ ମଣ୍ଡପରେ ବସିଥିବା ବେଳେ ଅନ୍ୟ ଏକ ଫଟୋରେ ଦୁହେଁ ପରସ୍ପରକୁ ବରମାଳା ପିନ୍ଧାଉଥିବାର ଦେଖାଯାଇଛି। ଆଉ କିଛି ଫଟୋରେ ଦୁହିଁଙ୍କ ସମ୍ପର୍କୀୟ ଓ ସାଙ୍ଗସାଥୀ ବସି ସେମାନଙ୍କୁ ଆଶୀର୍ବାଦ ଦେଉଥିବାର ଦେଖାଯାଇଛି। ସେହିପରି ଏ ଦୁହେଁ ନିଜ ବିବାହକୁ ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତେଣୁ ଏହି ବିବାହକୁ ନେଇ ସସପେନ୍ସ ଲାଗି ରହିଛି। ଅନେକ ଦିନରୁ ବାଦଶାହ ଈଶାଙ୍କୁ ଡେଟ୍ କରୁଥିବା ଖବର ପ୍ରକାଶ ପାଇଥିଲେ ବି ସେମାନେ କେବେବି ଆନୁଷ୍ଠାନିକ ଭାବରେ ସେମାନଙ୍କର ସମ୍ପର୍କ କଥା ଘୋଷଣା କରି ନ ଥିଲେ। ଆଉ ଏବେ ସେମାନଙ୍କ ବିବାହ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏହି ବିବାହ ଫଟୋଗୁଡ଼ିକୁ ଈଶାଙ୍କ ମାଆ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ଅନ୍ୟପଟେ ବାଦଶାହ ପ୍ରଥମେ ଜସ୍ମିନ୍ ମସିହଙ୍କୁ ୨୦୧୨ ମସିହାରେ ବିବାହ କରିଥିଲେ। ଏହି ଦମ୍ପତିଙ୍କ ବୈବାହିକ ସମ୍ପର୍କ ଆଠ ବର୍ଷ ପର୍ଯ୍ୟନ୍ତ ଟିକି ରହିଲା। ୨୦୨୦ ମସିହାରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇ ଯାଇଥିଲା। ଏହି ବିବାହରୁ ବାଦଶାହଙ୍କର ଏକ ଝିଅ ମଧ୍ୟ ଅଛି, ଯିଏ ତାଙ୍କ ପୂର୍ବତନ ପତ୍ନୀଙ୍କ ସହିତ ରହୁଛି।



## ପତ୍ନୀଙ୍କ ବିଚିତ୍ର ଅଫର୍

ଥାଇଲାଣ୍ଡର ଜଣେ ମହିଳା ତାଙ୍କ ଧୋକାବାଜ୍ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ପରିବର୍ତ୍ତେ ଏକ ଅଜବ କାମ କରିଛନ୍ତି ଯାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମହିଳା ଜଣକ ସ୍ୱାମୀଙ୍କୁ ତାଙ୍କ ପ୍ରେମିକାକୁ ଭଡ଼ାରେ ଦେବା ପାଇଁ ସ୍ଥିର କରିଛନ୍ତି। ପ୍ରତିବଦଳରେ ପ୍ରେମିକା ଜଣଙ୍କୁ ଏଥିପାଇଁ ତାଙ୍କୁ ଭାରତୀୟ ମୁଦ୍ରାରେ ୮୫ ହଜାର ଟଙ୍କା ଦେବାକୁ ହେବ ବୋଲି ସେ ସର୍ତ୍ତ ରଖିଛନ୍ତି। ଏହି ବିଚିତ୍ର ମାମଲା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ଅବଶ୍ୟ ପ୍ରେମିକା ଜଣକ ଏଥିରେ ରାଜି ଥିବାବେଳେ ମହିଳାଙ୍କ ସ୍ୱାମୀ କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ଏହି ମାମଲା ଟିଭି ଶୋ' ମାଧ୍ୟମରେ ସାମ୍ନାକୁ ଆସିଛି। ଶୋ'ରେ ମହିଳା ନିଜର ନାଁ ଖୁନ୍ କ୍ୱାଙ୍ଗ କହିଛନ୍ତି ଏବଂ ନିଜର ଏହି କାହାଣୀକୁ ସେୟାର୍ କରିଛନ୍ତି। କଲେଜ ସମୟରୁ ସେ ଓ ତାଙ୍କ ସ୍ୱାମୀ ଏକାଠି ଥିଲେ। ମହିଳାଙ୍କୁ ୨୧ ବର୍ଷ ବୟସ ହେବାପରେ ସେମାନେ ବିବାହ କରିଥିଲେ। ଉଭୟଙ୍କର ଆଠ ବର୍ଷର ସନ୍ତାନଟିଏ ମଧ୍ୟ ଅଛି। ସବୁକିଛି ଠିକ୍ ଚାଲିଥିଲା। ହେଲେ ୨୦୨୫ ମଝିଆଡ଼କୁ ଖୁନ୍‌ଙ୍କ ସନ୍ଦେହ ହେଲା ଯେ, ତାଙ୍କ ସ୍ୱାମୀଙ୍କର ଆଉ କାହା ସହିତ ସମ୍ପର୍କ ଅଛି। ସ୍ୱାମୀଙ୍କ ବ୍ୟବହାରରେ ମଧ୍ୟ ସେ ପରିବର୍ତ୍ତନ ଲକ୍ଷ୍ୟ କରିଥିଲେ। ଏହି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଖୁନ୍ ଜଣେ ପ୍ରାଇଭେଟ୍ ଇନଭେଷ୍ଟିଗେଟରଙ୍କୁ ନିଯୁକ୍ତ କଲେ। ତାଙ୍କ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ଘରକୁ ଯାଉଥବା ଯାଞ୍ଚରୁ ଜଣାପଡ଼ିଥିଲା। ସେହିପରି ଖୁନ୍ ଓ ତାଙ୍କ ସ୍ୱାମୀ ଏହାକୁ ନେଇ ସାମ୍ନାସାମ୍ନି ହେଲେ। ଏହାସହ ସେ ସେହି ଯୁବତୀଙ୍କୁ ଛାଡ଼ିପାରିବେ ନାହିଁ ବୋଲି ସ୍ୱାମୀ କହିଲେ। ଅବଶ୍ୟ ଖୁନ୍ ଏକ ନିଆରା ଅଫର୍ ଦେବାରୁ ଏହି ପୂରା ମାମଲା ନାଟକୀୟ ମୋଡ଼ ନେଇଥିଲା। ଖୁନ୍ କହିଲେ ପ୍ରେମିକା ଚାହିଁଲେ ତାଙ୍କ ସ୍ୱାମୀଙ୍କ ସହିତ ରହିପାରିବେ। ଏ ଲାଗି କିନ୍ତୁ ପ୍ରେମିକାଙ୍କୁ ପ୍ରତି ମାସରେ ଖୁନ୍‌ଙ୍କୁ ୮୫ ହଜାର ଟଙ୍କା ଦେବାକୁ ପଡ଼ିବ। ପ୍ରେମିକା ବି ଏହି ପ୍ରସ୍ତାବରେ ରାଜି ହୋଇ ଯାଇଥିବାବେଳେ ସ୍ୱାମୀ ଏହାକୁ ଏଡ଼ାଇ ଦେଲେ। ପରେ ଖୁନ୍ ସେହି ଯୁବତୀଙ୍କ ନାଁରେ ମାମଲା ରୁଜୁ କଲେ। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରକାରେ ସ୍ୱାମୀଙ୍କୁ ଭଡ଼ାରେ ଦେବା ଥାଇଲାଣ୍ଡରେ ଗ୍ରହଣ ଯୋଗ୍ୟ ନୁହେଁ। ଏହା ସ୍ଥାନୀୟ ଆଇନ ଓ ସାମାଜିକ ବ୍ୟବସ୍ଥା ବିରୋଧରେ। ସାଧାରଣତଃ ଏଭଳି ସ୍ଥିତିରେ ଲୋକେ ଛାଡ଼ପତ୍ର କଥା ଚିନ୍ତା କରନ୍ତି, କିନ୍ତୁ ଖୁନ୍ ଏପରି ଅଫର୍ ନେଇ ଆସିଲେ ଯାହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ବିଷୟବସ୍ତୁ ପାଲଟିଗଲା।




# ସମ୍ଭାବନା



## ଚାକିରି ସହ ପରୀକ୍ଷା ପ୍ରସ୍ତୁତି

**ସାଧାରଣତଃ ଚାକିରି ସହ ପରୀକ୍ଷା ପ୍ରସ୍ତୁତି କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଫଳରେ ଅନେକ ପୂର୍ଣ୍ଣକାଳୀନ ଚାକିରି ଛାଡ଼ିବାର ନିଷ୍ପତ୍ତି ନିଅନ୍ତି। ଉତ୍ତମ ତଥା ଉପଯୁକ୍ତ ଯୋଜନା ଓ ସମୟ ପରିଚାଳନା କରିପାରିଲେ, ଚାକିରି ସହ ପରୀକ୍ଷା ପ୍ରସ୍ତୁତି କରିବା ସହଜ ହୁଏ।**



- ପ୍ରତିଦିନ ୩-୪ ଘଣ୍ଟା ପଢ଼ିବା ପାଇଁ ସମୟ ନିର୍ଦ୍ଧାରିତ କରନ୍ତୁ।
- ଛୁଟିଦିନରେ ଅଧିକ ସମୟ ପଢ଼ିବା ଦିଗରେ ଗୁରୁତ୍ୱ ଦିଅନ୍ତୁ।
- ସିଲାବସ୍, ପରୀକ୍ଷା ପ୍ୟାଟର୍ଣ୍ଣ ବିଷୟରେ ଭଲ ଭାବେ ଜାଣନ୍ତୁ। ଏହା ଦ୍ୱାରା ନୋଟ୍, ରିଭିଜନ କରିବା ଲାଗି ସମୟ ମିଳେ।
- ମକ୍ ଟେଷ୍ଟ ଦ୍ୱାରା ଅଭିଜ୍ଞତା ବଢ଼େ। ଏହା ଦ୍ୱାରା ଏକଥା ବି ଜାଣିପାରିବେ, କେଉଁଥିରେ ଦୁର୍ବଳ ଅଛନ୍ତି।
- ପରୀକ୍ଷାକୁ ନେଇ ମନରେ ଭୟ ତଥା ନକାରାତ୍ମକ ଚିନ୍ତାଧାରା ରଖିଲେ, ସମସ୍ୟା ବଢ଼ିଥାଏ।
- କଠିନ ପରିଶ୍ରମ କରୁଥିଲେ ନିଜ ଉପରେ ଆତ୍ମବିଶ୍ୱାସ ରଖନ୍ତୁ।
- ପରୀକ୍ଷା ପ୍ରସ୍ତୁତି ଲାଗି ଅନଲାଇନ କୋଚିଂ ମଧ୍ୟ ଏକ ଭଲ ବିକଳ୍ପ। ଏହା ଦ୍ୱାରା ପଢ଼ା ସହଜ ହୋଇଥାଏ।
- ଏକୁଟିଆ ପଢ଼ିବାକୁ ଭଲ ନ ଲାଗିଲେ, ସାଙ୍ଗସାଥୀଙ୍କ ସହ ମିଶି ପଢ଼ିପାରିବେ। ଏହା ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ବି କରି ହୁଏ।

## ସଫଳତାର ସୂତ୍ର

**ଆଜିର ସମୟରେ କେବଳ ଜ୍ଞାନ ଏବଂ ଟଙ୍କା ରୋଜଗାର କରିବା ସଫଳତା ପାଇଁ ଯଥେଷ୍ଟ ନୁହେଁ। ତେବେ କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବା ପାଇଁ ସୃଜନଶୀଳତା, ନୈତିକତା, ଲକ୍ଷ୍ୟଭେଦୀ ଦୃଷ୍ଟିକୋଣ ରହିବା ଆବଶ୍ୟକ। ଏହାକୁ ପାୱାର ସ୍କିଲ କୁହାଯାଏ। ଏହାସହ ଏସବୁ ଜଣକୁ କ୍ୟାରିୟରରେ ଆଗକୁ ବଢ଼ିବାରେ ସାହାଯ୍ୟ କରେ।**




ପାୱାର ସ୍କିଲ୍‌ର ବିଶେଷତ୍ୱ ହେଉଛି ଏହା କୌଣସି ଗୋଟିଏ କାମ ବା କ୍ଷେତ୍ରରେ ସୀମିତ ରହେ ନାହିଁ। ଏହା ପ୍ରତ୍ୟେକ ଚାକିରି, ପ୍ରୋଜେକ୍ଟ, ଇଣ୍ଡଷ୍ଟ୍ରିରେ ସମାନ ଭାବେ ଉପଯୋଗୀ ହୁଏ। ସେହିପରି ଜଣେ ପ୍ରଫେସନାଲଙ୍କ ସଫଳତାର ଅଧିକାଂଶ ଯୋଗଦାନ ତା'ର ବ୍ୟକ୍ତିତ୍ୱ ଓ ସମ୍ବାଦ କୌଶଳରେ ହିଁ ହୋଇଥାଏ। ଏଥିରେ କଥାବାର୍ତ୍ତା, ଲେଖିବା ତଥା ଅନ୍ୟର କଥାକୁ ଭଲ ଭାବେ ଶୁଣିବା ସାମିଲ ଅଛି। ସେହିପରି ନେତୃତ୍ୱ ନେବାର କ୍ଷମତା ରହିବା ଦରକାର। ନିଜେ ନେତୃତ୍ୱ ନେବା ସହ ଅନ୍ୟମାନଙ୍କୁ ପ୍ରେରିତ କରି କାର୍ଯ୍ୟକୁ ପ୍ରଥମେ କରିବା ଓ ନିର୍ଣ୍ଣୟ ନେବାର କ୍ଷମତା ଏଥିରେ ସାମିଲ ଅଛି। ଟାଇମ୍ ମ୍ୟାନେଜମେଣ୍ଟ ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟକୁ ପ୍ରାଥମିକତା ଦେବା ସହ ଠିକ୍ ସମୟରେ କାମ କରିବାର କୌଶଳ ନିଜ ଭିତରେ ରହିବା ଜରୁରି।

ସହାନୁଭୂତି ତଥା ଟିମ୍ ସହ ମିଶି କାମ କରିବା ହେଉଛି ପାୱାର ସ୍କିଲର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ। ଅନ୍ୟର ଭାବନା, ସେମାନଙ୍କ ଦୃଷ୍ଟିକୋଣ, ଆବଶ୍ୟକତାକୁ ବୁଝିବା ଏବଂ ସମ୍ମାନ କରିବା ଜରୁରି।

ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେବା, ସେମାନଙ୍କ କଥା ଶୁଣିବା, ବିବିଧତା ସହିତ ମିଶି କାମ କରିବା ହେଉଛି ପାୱାର ସ୍କିଲର ଅନ୍ୟତମ ମୁଖ୍ୟ କାରକ। ଏଥିରେ ଏକଥା ସୁନିଶ୍ଚିତ କରାଯାଏ ଯେ, ଟିମ୍‌ରେ ପ୍ରତ୍ୟେକ ସଦସ୍ୟଙ୍କୁ ସମାନ ଅବସର ଓ ସମ୍ମାନ ଦେବା ଦରକାର।

## ଡ୍ରୋନ୍ ଟେକ୍ନୋଲୋଜିର ବଢ଼ୁଛି ଚାହିଦା

**ଦେଶରେ ଡ୍ରୋନ୍ ଉଦ୍ୟୋଗ ନିରନ୍ତର ବିକଶିତ ହେଉଛି। ତା'ସହ କୃଷି, ଲଜିଷ୍ଟିକ୍, ଚିକିତ୍ସା ଆଦି କ୍ଷେତ୍ରରେ ଉନ୍ନତମାନ ଡ୍ରୋନର ଉପଯୋଗ କ୍ରମାଗତ ବୃଦ୍ଧି ପାଉଛି। ଯେଉଁଥିପାଇଁ ଏହି କ୍ଷେତ୍ରର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତା'ସହ ଏଥିରେ କୁଶଳ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର ନୂଆ ଅବସର ସୃଷ୍ଟି ହୋଇଛି।**



ଏହି କ୍ଷେତ୍ରରେ ଭବିଷ୍ୟତ ଗଢ଼ିବା ପାଇଁ ଟେକ୍ନିକାଲ, କମ୍ପ୍ୟୁଟର ଓ ଇଂରାଜୀ ଜ୍ଞାନ କୌଶଳ ଖୁବ୍ ଜରୁରି। ଡ୍ରୋନ ଡିଜାଇନ, ଇଞ୍ଜିନିୟରିଂ, ପୋଗ୍ରାମିଂ, ଏରୋ ଡାଇନାମିକ୍ସ କୌଶଳ ସହିତ ଫ୍ଲାଇଟ୍ ପ୍ରୋଫିସିଏନ୍ସି, ଡାଟା ଆନାଲିସ୍ ଆଦି ବାବଦରେ ଜ୍ଞାନ ରହିବା ଜରୁରି। ଏହାସହ ଡ୍ରୋନ୍ ପାଇଲଟ୍‌ଙ୍କ ପାଖରେ ସାହସ, ଧୈର୍ଯ୍ୟ ରହିବାର ଆବଶ୍ୟକତା ରହିଛି। ଦଶମ ଏବଂ ଯୁକ୍ତ ଦୁଇ ପାସ୍ କରିବା ପରେ ଡ୍ରୋନ୍ ପାଇଲଟ୍ ଟ୍ରେନିଂ ପାଇଁ ଆବେଦନ କରିପାରିବେ। ଡିଜିସିଏ ଦ୍ୱାରା ଅନୁମୋଦିତ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଆବଶ୍ୟକ। ଡ୍ରୋନକୁ ଅପରେଟ୍ କରିବା ପାଇଁ ଡ୍ରୋନ୍ ପାଇଲଟ୍‌ଙ୍କଠାରୁ ଲାଇସେନ୍ସ ଆଣିବା ଜରୁରି।

ଏ କ୍ଷେତ୍ରରେ ନିଯୁକ୍ତି ଅବସର ଖୁବ୍ ବେଶି। ଡିଫେନ୍ସ ସେକ୍ଟର, ଇଣ୍ଟେଲିଜେନ୍ସ, ମାଇନିଂ, ଲଜିଷ୍ଟିକ୍ସ, ଇନ୍‌ଫର୍ମେସନ୍ ଟେକ୍ନୋଲୋଜି, ଅଏଲ୍ ଆଣ୍ଡ ନାଚୁରାଲ୍ ଗ୍ୟାସ୍ ଆଦିରେ ନିଯୁକ୍ତି ମିଳିଥାଏ। ଡ୍ରୋନ୍ ପାଇଲଟ୍, ଡିଜାଇନ ଇଞ୍ଜିନିୟର୍ସ ଆଣ୍ଡ ଆସେମ୍ବଲର୍ସ, ପାଇଲଟ୍ ଟ୍ରେନର୍, ଡ୍ରୋନ୍ ଫ୍ଲାଇଟ୍ ପ୍ଲାନର୍, ଡ୍ରୋନ୍ ସଫ୍ଟୱେର ଇଞ୍ଜିନିୟର୍, ଡ୍ରୋନ୍ ଡାଟା ସ୍ପେଶିଆଲିଷ୍ଟ ପଦରେ ନିଯୁକ୍ତି ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୩୦-୪୦ ହଜାର ଟଙ୍କା ରୋଜଗାର କରିବା ସମ୍ଭବ।

## ଇନ୍‌ଷ୍ଟାଗ୍ରାମ୍‌ର ନୂଆ ଫିଚର୍



**ଇନ୍‌ଷ୍ଟାଗ୍ରାମ ଏବେ ଚାଟିଂ ଶୈଳୀରେ ପରିବର୍ତ୍ତନ ଆଣିଛି। ଏହା ଏଆଇ ଭଏସ୍ ଇଫେକ୍ଟ ଫିଚର୍ ଲଞ୍ଚ କରିଛି। ଭଏସ୍ ନୋଟ୍ ପଠାଇବା ବେଳେ ବ୍ୟବହାରକାରୀଙ୍କ ଗୋଟିଏ ପ୍ରକାର ଶୈଳୀ ଶୁଣି ବିରକ୍ତିକର ଲାଗେ। ଏବେ ଏଆଇ ଦ୍ୱାରା ବ୍ୟବହାରକାରୀ ନିଜ ସ୍ୱର ବଦଳାଇ ମେସେଜ ପଠାଇପାରିବେ।**

ଇନ୍‌ଷ୍ଟାଗ୍ରାମ୍‌ର ଏହି ନୂଆ ଫିଚର୍‌ର ବିଶେଷତ୍ୱ ହେଉଛି, ସ୍ୱରର ଭାବନା, ରିଦମ ଆଦି ସବୁ କିଛି ସେମିତି ରହିବ। ଏଆଇ ସହାୟତାରେ ସ୍ୱରରେ ଯଦିଓ ପରିବର୍ତ୍ତନ ଆସିବ, ତଥାପି କହିବା ଶୈଳୀରେ ପରିବର୍ତ୍ତନ ଆସିବ ନାହିଁ। ଅବଶ୍ୟ ଏହି ଫିଚର ଭାରତୀୟ ବ୍ୟବହରକାରୀଙ୍କ ଲାଗି ଜାରି କରାଯାଇଛି। ଏଥିରେ ବ୍ୟବହାକାରୀ ଆଠଟି ଅଲଗା ଅଲଗା ଫିଲଟର ବ୍ୟବହାର କରିପାରିବେ। ଏହି ଫିଚର୍‌କୁ ବ୍ୟବହାର କରିବା ପାଇଁ ଆପ୍‌ର ନୂଆ ଭର୍ସନକୁ ଅପଡେଟ୍ କରିବାକୁ ପଡ଼ିବ। ମେସେଜ କରିବା ପାଇଁ ସିଧାସଳଖ ମେସେଜକୁ ଯାଇ ଭଏସ ରେକର୍ଡିଂ ବଟନକୁ ଟ୍ୟାପ୍ କରିବାକୁ ପଡ଼ିବ। ରେକର୍ଡିଂ ଆରମ୍ଭ କରିବା ମାତ୍ରେ ଭଏସ ଇଫେକ୍ଟର ବିକଳ୍ପ ଦେଖାଇବ। ଏହାପରେ ନିଜ ପସନ୍ଦର ଫିଲଟର ବାଛି ତାହାକୁ ଶୁଣି ବ୍ୟବହାରକାରୀଙ୍କୁ ପ୍ରେରଣ କରିପାରିବେ।

# ଆଇପିଏଲ୍-୧୯ ର ବାଉଣ୍ଡାରୀ ହିଟର୍

ନୂଆଦିଲ୍ଲୀ,୨୪।୩(ଏଜେନ୍ସି)

ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍)ରେ ଗତ କିଛି ବର୍ଷ ହେଲା ବାଉଣ୍ଡାରୀ ଉତ୍ସବ ଲାଗି ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ୨୦୨୪ରେ ପ୍ରତ୍ୟେକ ୫ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଦେଖିବାକୁ ମିଳିଥିଲା। ୨୦୨୫ରେ ଏହା ସାମାନ୍ୟ ବୃଦ୍ଧିପାଇ ପ୍ରତି ୪.୬୭ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ହେଲା। ଆଇପିଏଲ୍ ଇତିହାସରେ ଏହା ରେକର୍ଡ କରିଥିଲା। ଏହି ବର୍ଷ ମଧ୍ୟ ୩୫୦୦ରୁ ଅଧିକ ବାଉଣ୍ଡାରୀ ମରାଯିବା ଫଳରେ ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଗଲା। ଚଳିତବର୍ଷ ୬ଜଣ ଏପରି ବ୍ୟାଟର ଅଛନ୍ତି ଯେଉଁମାନେ ଏହି ରେକର୍ଡ ଅତିକ୍ରମ କରିବାର ଦକ୍ଷତା ରଖିଛନ୍ତି। ଏମାନେ ଯଦି ସଫଳ ହୁଅନ୍ତି, ତେବେ ବାଉଣ୍ଡାରୀ ହେବାରେ ପୂର୍ବର ସମସ୍ତ ରେକର୍ଡ ଯେ ଭାଙ୍ଗିବ ଏହା ନିଃସନ୍ଦେହରେ କୁହାଯାଇପାରେ।

ବାଉଣ୍ଡାରୀ ହେବାର ପ୍ରମୁଖ କାରଣ ମଧ୍ୟରେ ରହିଛି ଆଇପିଏଲ୍‌ର ସବ୍ ରୁଲ୍। ଏହି ନିୟମ ଯୋଗୁଁ ଟିମ୍‌ର ଟପ୍ ଅର୍ଡର ବ୍ୟାଟର ପ୍ରଥମ ବଲ୍‌ଠାରୁ ଆକ୍ରମଣାତ୍ମକ ବ୍ୟାଟିଂ କରୁଛନ୍ତି। ଗତ କିଛି ସିଜନରେ ଅଭିଷେକ ଶର୍ମା, ନିକୋଲସ ପୂରନ, ଟ୍ରାଭିସ ହେଡ୍ ଓ ଫିଲ ସଲ୍ଟ ପ୍ରତ୍ୟେକ ୪ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ମାରିଛନ୍ତି। ପ୍ରଥମ ୩ଜଣଙ୍କ ମଧ୍ୟରେ ଏମାନେ ବ୍ୟାଟିଂ କରିବାକୁ ଆସୁଥିବାରୁ ସେମାନଙ୍କୁ ଅଧିକ ବଲ ଖେଳିବାକୁ ସୁଯୋଗ ମିଳୁଛି ଓ ଅଧିକ ବାଉଣ୍ଡାରୀ ହେଉଛି। କହିବାକୁ ଗଲେ ଏମାନେ ନିଜ ଇଚ୍ଛାରେ ବାଉଣ୍ଡାରୀ ମାରୁଛନ୍ତି। ଏମାନଙ୍କ ପାୱାର ହିଟିଂ ଯଦି ଏପରି ତିଷ୍ଠି ରହେ, ତେବେ ୨୦୨୬ରେ ନିଶ୍ଚିତଭାବେ ରେକର୍ଡ ପ୍ରତିଷ୍ଠା ହେବ। ସମସ୍ତ ପ୍ରକାର ଜାତୀୟ, ଅନ୍ତର୍ଜାତୀୟ ଓ ଫ୍ରାଞ୍ଚାଇଜ୍ ଲିଗ୍ ଟି-୨୦ କ୍ରିକେଟରେ ୨୦୨୫ ଜୁନ୍‌ମାସରୁ ଏଯାଏ ତଥ୍ୟକୁ ବିଶ୍ଳେଷଣ କରିବା ପରେ ଏହି ବ୍ୟାଟରମାନ ୨୦୨୬ରେ ସେମାନଙ୍କ ଜଲୱା ଦେଖାଇବେ। ପ୍ରତି ବଲରେ ବାଉଣ୍ଡାରୀ ପ୍ରତିଶତ ଏଥର ଅଧିକ ହେବ। ଯିଏ ଯେଉଁ ଫ୍ରାଞ୍ଚାଇଜ୍‌ରେ ଖେଳନ୍ତୁ ନା କାହିଁକି ବାଉଣ୍ଡାରୀ ହିଟ୍ କରିବା ଏକ ସଉକରେ ପରିଣତ ହୋଇଛି। ଏହି ସମୟ ମଧ୍ୟରେ ସିଏସ୍‌କେ ସର୍ଫରାଜ ଖାନ୍‌ଙ୍କ ବାଉଣ୍ଡାରୀ ହିଟିଂ ପ୍ରତିଶତ ସବୁଠାରୁ ଆଗରେ ରହିଛି। ସେ ପ୍ରତି ୨.୮୯ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ମାରିଛନ୍ତି। ସନ୍‌ରାଇଜର୍ସର ଅଭିଷେକ ଶର୍ମା ପ୍ରତି ୨.୯୯ଟି ବଲ୍‌ରେ, ଇଶାନ କିଶାନ ପ୍ରତି ୩ଟି ବଲ୍‌ରେ ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ ପ୍ରତି ୩.୦୩ଟି ବଲ୍‌ରେ, କେକେଆର୍‌ର ଫିନ୍ ଆଲେନ ପ୍ରତି ୩.୩୨ ବଲ୍‌ରେ, ସନ୍‌ରାଇଜର୍ସର ସଲିଲ ଅରୋରା ପ୍ରତି ୩.୫୩ ବଲ୍‌ରେ ଗୋଟିଏ ଲେଖାଏଁ ବାଉଣ୍ଡାରୀ ହିଟ୍ କରିଛନ୍ତି। ଚଳିତ ଆଇପିଏଲ୍‌ରେ ଏପରି ୬ଜଣ ବ୍ୟାଟର ଟପ୍-୩ରେ ଖେଳିବେ। ଏଭଳି ଫର୍ମ ବଜାୟ ରହିଲେ ଏଥର ସେମାନଙ୍କ ଟିମ୍‌କୁ ବେଶ ଫାଇଦା ମିଳିବା ସହ ଆଇପିଏଲ୍‌ର ରେକର୍ଡ ସହ ରୋମାଞ୍ଚ ବୃଦ୍ଧିପାଇବ।


ଅଭିଷେକ ଶର୍ମା | ଇଶାନ କିଶାନ | ବୈଭବ ସୂର୍ଯ୍ୟବଂଶୀ | ଫିନ୍ ଆଲେନ୍ | ସଞ୍ଜୁ ସାମସନ | ସିମରନ ହେଟ୍‌ମାୟର

**ଅଭିଷେକ ଶର୍ମା (ସନ୍‌ରାଇଜର୍ସ):** ୨୦୨୫ ଜୁନ୍ ମାସରୁ ତଥ୍ୟକୁ ବିଶ୍ଳେଷଣ କଲେ ଦେଖିବାକୁ ମିଳିଛି ଯେ ଅଭିଷେକ ଶର୍ମା ଏହି ସମୟରେ ପ୍ରତି ୨.୯୯ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ହିଟ୍ କରିଛନ୍ତି। ଏହି ସମୟରେ ଯେଉଁ ୫୭ଜଣ ବ୍ୟାଟର ସମସ୍ତ ପ୍ରକାର କ୍ରିକେଟରେ ୧୦୦ କିମ୍ବା ତା'ଠାରୁ ଅଧିକ ବାଉଣ୍ଡାରୀ ମାରିଛନ୍ତି ସେମାନଙ୍କ ମଧ୍ୟରେ ଅଭିଷେକ ପ୍ରଥମରେ ରହିଛନ୍ତି। ଅଫ୍‌ସାଇଡ୍‌ରେ ସେ ଜଣେ ଟାଣୁଆ ଖେଳାଳି ଭାବେ ପରିଚିତ। ସେ ସ୍କୋର କରିଥିବା ୫୦ଶତକଡ଼ା ରନ୍ ଅଫ୍ ସାଇଡ୍‌ରୁ ଆସିଛି। ଶୀର୍ଷ ଦଳ ବିପକ୍ଷରେ ସେ ପ୍ରତି ୨.୬୪ ବଲ୍‌ରେ ଅଫ୍‌ସାଇଡରୁ ବାଉଣ୍ଡାରୀ ସଂଗ୍ରହ କରିଛନ୍ତି। ଅଭିଷେକଙ୍କ ପଛକୁ କେବଳ ଅଷ୍ଟ୍ରେଲିଆର ଜୋଶ ଇଂଲିଶ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଇଶାନ କିଶାନ (ସନ୍‌ରାଇଜର୍ସ):** ଜୁନ୍ ୨୦୨୫ରୁ ୨୭ଜଣ ବ୍ୟାଟର ଟି-୨୦ରେ ସଂଗ୍ରହ କରିଥିବା ୧୦୦ ରନ୍ ମଧ୍ୟରୁ ଇଶାନ କିଶାନଙ୍କ ଷ୍ଟ୍ରାଇକ୍ ରେଟ୍ ସର୍ବାଧିକ। ସେ ଏହି ରନ୍ ୨୦୨.୧୨ ହାରରେ ସଂଗ୍ରହ କରିଛନ୍ତି। ୨୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ କେବଳ ଅଭିଷେକ ଓ ଆଲେନ୍ ଏହି ସମୟରେ ରନ୍ ସଂଗ୍ରହ କରିଛନ୍ତି। ଲେଗ୍ ସାଇଡ୍‌ରେ ଇଶାନ ଟାଣୁଆ ଖେଳାଳି ହୋଇଥିଲାବେଳେ ସେ ୬୯.୧୭ ହାରରେ ଏହି ସାଇଡ୍‌ରୁ ରନ୍ ସଂଗ୍ରହ କରିଛନ୍ତି। ଲେଗ୍ ସାଇଡ୍‌କୁ ସେ ୧୩୫ଟି ବଲ ହିଟ୍ କରିଥିଲାବେଳେ ଏହା ମଧ୍ୟରେ ରହିଛି ୬୧ ବାଉଣ୍ଡାରୀ। ଏହା ଫଳରେ ସେ ପ୍ରତି ୨.୨୭ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଲେଗ୍‌ସାଇଡ୍‌ରେ ହିଟ୍ କରିଛନ୍ତି।

**ବୈଭବ ସୂର୍ଯ୍ୟବଂଶୀ (ରୟାଲ୍ସ):** ରାଜସ୍ଥାନ ରୟାଲ୍ସର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଗତ ୧୦ଟି ଇନିଂସରେ ସର୍ବାଧିକ ୪୩୬ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ରହିଛି ୨୦୨.୭୯ ଓ ସେ ପ୍ରତି ୩.୦୩ ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଓ ପ୍ରତି ୫.୯୭ ବଲ୍‌ରେ ଗୋଟିଏ ଛକା ମାରିଛନ୍ତି। ଚଳିତ ଆଇପିଏଲ୍‌ରେ ସୂର୍ଯ୍ୟବଂଶୀଙ୍କ ସମେତ ୩ଜଣ ବ୍ୟାଟର ଗତ ୧୦ଟି ଇନିଂସରେ ପ୍ରତି ୬ଟି ବଲ୍‌ରେ ହାରାହାରି ଗୋଟିଏ ଛକା ମାରିବାରେ ସମର୍ଥ ହୋଇଛନ୍ତି। ସୂର୍ଯ୍ୟବଂଶୀ ପେସ୍ ବୋଲିଂ ବିପକ୍ଷରେ ୨୨୧.୧୨ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ପେସ୍ ବୋଲରଙ୍କ ବିପକ୍ଷରେ ୭୧ଟି ବଲ୍ ଖେଳି ୨୭ଟି ବାଉଣ୍ଡାରୀ ମାରିଛନ୍ତି। ଏହା ମଧ୍ୟରେ ୧୬ଟି ଛକା ରହିଛି।

**ଫିନ୍ ଆଲେନ୍ (ନାଇଟ୍ ରାଇଡର୍ସ):** ଭାରତରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଦ୍ରୁତତମ ଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡ/କୋଲକାତା ନାଇଟ୍ ରାଇଡର୍ସର ଜୁନ୍ ୨୦୨୫ରୁ ଏଯାଏ ୨୦୦.୧୭ ଷ୍ଟ୍ରାଇକ୍‌ରେଟ୍‌ରେ ସବୁଠାରୁ ଅଧିକ ୧୧୭୭ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ ସେ ସର୍ବାଧିକ ୯୯ଟି ଛକା ମାରିଛନ୍ତି। ପ୍ରତି ୫.୯୩ ବଲ୍‌ରେ ଛକା ରହିଛି। ଲେଗ୍‌ସାଇଡ୍‌ରେ ଜଣେ ଟାଣୁଆ ଖେଳାଳି ଆଲେନ୍ ଏହି ସମୟରେ ପ୍ରତି ୩.୬୮ ବଲ୍‌ରେ ଛକା ମାରିଛନ୍ତି।

**ସଞ୍ଜୁ ସାମସନ (ସିଏସ୍‌କେ):** ଟି-୨୦ ବିଶ୍ୱକପ୍‌ରେ ସଞ୍ଜୁ ସାମସନଙ୍କ ବ୍ୟାଟିଂ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିଛି। ସେ ପ୍ରତି ୪.୧୪ ବଲ୍‌ରେ ବାଉଣ୍ଡାରୀ ମାରିଛନ୍ତି। ଏହା ମଧ୍ୟରେ ୩୫ଟି ଛକା ରହିଛି। ଉଭୟ ଅଫ୍ ଓ ଲେଗ୍ ସାଇଡ୍‌ରେ ସେ ଷ୍ଟ୍ରୋକ୍ ଖେଳିଥାନ୍ତି। ଅଫ୍ ସାଇଡ୍‌ରେ ପ୍ରତି ୨.୫୯ ବଲ୍‌ରେ ବାଉଣ୍ଡାରୀ ମାରିଛନ୍ତି। ବିଶ୍ୱକପ୍‌ରେ ୩.୪୫ଟି ବଲ୍‌ରେ ଗୋଟିଏ ବାଉଣ୍ଡାରୀ ଥିଲା।

**ସିମରନ ହେଟ୍‌ମାୟର (ରୟାଲ୍ସ):** ସାମସନ ସିଏସ୍‌କେକୁ ଯିବା ପରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୱେଷ୍ଟଇଣ୍ଡିଆନ୍ ସିମରନ ହେଟମାୟରଙ୍କ ବ୍ୟାଟିଂ ପୋଜିସନରେ ଉନ୍ନତି ହେବ। ସେ ନଂ-୩ରେ ବ୍ୟାଟିଂ କରିବେ, ଯାହା ଫଳରେ କିଛି ବଲ ଖେଳିବାକୁ ସୁଯୋଗ ପାଇବେ। ନଂ-୩ ପୋଜିସନରେ ସେ ଜୁନ୍ ୨୦୨୫ରୁ ବ୍ୟାଟିଂ କରି ୧୨ଟି ଇନିଂସରେ ୧୮୦ ଷ୍ଟ୍ରାଇକ୍‌ରେଟ୍ ଓ ୪୦.୮୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ଆଇପିଏଲ୍ ୨୦୨୫ ପରେ ସେ ୫୧ଟି ଇନିଂସରେ ୧୦୫ଟି ଛକା ମାରିଛନ୍ତି। ଏହାର ଅର୍ଥ ପ୍ରତି ଇନିଂସରେ ୨ଟି ଲେଖାଏଁ ଛକା ରହିଛି। ସ୍ପିନରଙ୍କୁ ମିଡଲ ଅର୍ଡରରେ ଉଚିତ ମୁକାବିଲା କରୁଥିବା ହେଟ୍‌ମାୟର ଏହି ଆଇପିଏଲ୍‌ରେ କିଛି ନୂଆ ରେକର୍ଡ କରିବେ ବୋଲି ଆଶା କରାଯାଉଛି।

## ● ଆଇପିଏଲ୍ ଖେଳିବେନି ଦୟାଲ

ବେଙ୍ଗାଲୁରୁ,୨୪।୩(ଏଜେନ୍ସି): ଉତ୍ତରପ୍ରଦେଶର ବାମହାତୀ ଫାଷ୍ଟ ବୋଲର ଯଶ ଦୟାଲ ଚଳିତ ବର୍ଷ ଆର୍‌ସିବି ପକ୍ଷରୁ ଆଇପିଏଲ୍ ଖେଳିବେନି ବୋଲି ସ୍ପଷ୍ଟ କରିଛି ମ୍ୟାନେଜମେଣ୍ଟ। ଧର୍ଷଣ ଅଭିଯୋଗରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଦୟାଲଙ୍କ ଅନୁପସ୍ଥିତି ବେଙ୍ଗାଲୁରୁକୁ ଅଡୁଆରେ ପକାଇଛି। ଏବେ ବିଦେଶୀ ଫାଷ୍ଟ ବୋଲର ଜ୍ୟାକବ ଡଫି, ନୁୱାନ ଥୁସାରା ଓ ରୋମାରିଓ ସେଫର୍ଡଙ୍କ ସହ ଭୁବନେଶ୍ୱର କୁମାର ଓ କିଛି ନୂଆ ବୋଲର ଦଳରେ ରହିଛନ୍ତି। ଆହତ ଯୋଗୁଁ ପ୍ରମୁଖ ଫାଷ୍ଟ ବୋଲର ଅଷ୍ଟ୍ରେଲିଆର ଜୋଶ ହାଜ୍‌ଲେଉଡ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି।

## ● ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ପେନ୍

ହାଇଦ୍ରାବାଦ୍,୨୪।୩(ଏଜେନ୍ସି): ଆହତ ଯୋଗୁ ଚଳିତ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ଜ୍ୟାକ୍ ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ଡେଭିଡ ପେନ୍‌ଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦଳରେ ସାମିଲ କରିଛି। ୩୫ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ପ୍ରଥମଶ୍ରେଣୀ କ୍ରିକେଟ ଛାଡ଼ିବା ପରେ ଏବେ ବିବିଏଲ୍ ପକ୍ଷରୁ ଖେଳି ଚାମ୍ପିଅନ ହୋଇଛନ୍ତି। ଏଯାଏ ସେ ୨୦୩ଟି ଟି-୨୦ ମ୍ୟାଚ୍‌ରୁ ୩୦୪ଟି ୱିକେଟ ଅକ୍ତିଆର କରିଛନ୍ତି। ଦୁଇବର୍ଷ ତଳେ ଭାଇଟାଲିଟି ବ୍ଲାଷ୍ଟରେ ସେ ସର୍ବାଧିକ ୩୩ଟି ୱିକେଟ ନେବା ସହ ନିଜ୍ ଟିମ୍ ଗ୍ଲସେଷ୍ଟରସାୟରକୁ ଚାମ୍ପିଅନ କରାଇଥିଲେ। ସ୍ଲୋ ବଲ ପକାଇବାରେ ସେ ସିଦ୍ଧହସ୍ତ।



## ● ଆଇପିଏଲ୍‌ରୁ ଓହରିଲେ ବେନ୍ ଡକେଟ୍

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଗୋଟିଏ ସପ୍ତାହରୁ କମ୍ ସମୟ ବାକି ଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ଝଟ୍‌କା ଲାଗିଛି। ଜାତୀୟ ଦଳର କ୍ୟାରିୟରକୁ ଲକ୍ଷ୍ୟରେ ରଖି ଏହି ବାମହାତୀ ବ୍ୟାଟର୍ ଶେଷ ମୁହୂର୍ତ୍ତରେ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଗତ ଖେଳାଳି ନିଲାମୀରେ ଦିଲ୍ଲୀ ଫ୍ରାଞ୍ଚାଇଜ ତାଙ୍କୁ ୨ କୋଟି ଟଙ୍କାରେ କ୍ରୟ କରିଥିଲା। ଶେଷ ମୁହୂର୍ତ୍ତରେ ଓହରିଯିବା ନିଷ୍ପତ୍ତି ଏବେ ଡକେଟଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଆଇପିଏଲ୍‌ର ଆଗାମୀ ଦୁଇଟି ସିଜନରେ ସେ ନାମ ପଞ୍ଜୀକୃତ କରିପାରିବେ ନାହିଁ।



## ● ସିଏସ୍‌କେରେ ଯୋଗଦେବେ ଓଟ୍ନିଏଲ ବାର୍ଟମ୍ୟାନ୍

ଚେନ୍ନଇ,୨୪।୩(ଏଜେନ୍ସି): ବ୍ଲେସିଂ ମୁଜାରବାନି ଓ ଦାସୁନ ଶାନକାଙ୍କ ପରେ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ଓଟ୍ନିଏଲ ବାର୍ଟମ୍ୟାନ୍ ଚଳିତବର୍ଷର ପିଏସ୍‌ଏଲ୍‌ରୁ ଓହରିଯାଇଛନ୍ତି। ଏହି ୩୩ ବର୍ଷୀୟ ଫାଷ୍ଟ ବୋଲି ଆଇପିଏଲ୍ ଟିମ୍ ସିଏସ୍‌କେରେ ଯୋଗଦେଇପାରନ୍ତି ବୋଲି ସୂଚନା ମିଳିଛି। ନାଥାନ ଏଲିସ୍‌ଙ୍କ ସ୍ଥାନରେ ସେ ଦଳରେ ସାମିଲ ହେବାର ସମ୍ଭାବନା ରହିଛି। ପିଏସ୍‌ଏଲ୍‌ରୁ ବିଦେଶୀ ଖେଳାଳିମାନେ ଓହରିଯିବାକୁ ପାକିସ୍ତାନର ଏକ ସନ୍ତ୍ରାସବାଦୀ ସଂଗଠନ ଧମକ ଦେବା ପରେ ଅନେକ ଖେଳାଳି ସେମାନଙ୍କ ଯାତ୍ରା ସ୍ଥଗିତ ରଖିଛନ୍ତି। ମାର୍ଚ୍ଚ ୨୬ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଲେ କେତେଜଣ ବିଦେଶୀ ଖେଳିବେ ତାହା ଦେଖିବାକୁ ବାକି ରହିଛି।



ଜାତୀୟ ଇନଡୋର ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

# ବ୍ୟକ୍ତିଗତ ଶ୍ରେଷ୍ଠ ସହ ସରୁନ୍‌ଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୪।୩ (ସମିସ): ଭାରତର ସର୍ବପ୍ରଥମ ଜାତୀୟ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିବସୀୟ ଦୌଡ଼କୁଦ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ସରୁନ ପାୟସିଂ ଦମ୍‌ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୁରୁଷ ଲଙ୍ଗଜମ୍ପରେ ସରୁନ ୭.୮୦ ମିଟର ଲମ୍ବ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସରୁନଙ୍କ ଏହା ମଧ୍ୟ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି। ଏହି ଇଭେଣ୍ଟରେ ଜେଏସଡବ୍ଲ୍ୟୁର ପ୍ରବୀଣ ଚିତ୍ରାଭେଲ (୭.୭୮ ମିଟର) ଓ ରେଳବାଇ କ୍ରୀଡ଼ାର ପି. ଡେଭିଡ୍ (୭.୬୯) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାତେଇଥିଲେ। ପ୍ରଥମ ଦିବସରେ ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ଓମକାର ପ୍ରସାଦ ନନ୍ଦ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓମ୍‌କାର ୨୦ ବର୍ଷରୁ କମ୍ ସଟ୍ ପୁଟ୍ ଥ୍ରୋ'ରେ ୧୭.୭୭ ମିଟର ପିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ପଟିଆଲାର ସାଇ କିରନ (୧୭ ମିଟର) ଓ ଜେଏସଡବ୍ଲ୍ୟୁର ହର୍ଷିତ ଗେହଲଟ୍ (୧୬.୯୮ ମିଟର) ଯଥାକ୍ରମେ ପୋଡିୟମର ୨ୟ ଓ ୩ୟ ସ୍ଥାନ ଲାଭ କରିଥିଲେ। ମହିଳା ୩୦୦୦ ମିଟର ରେସରେ ଓଡ଼ିଶାର ସୁସ୍ମିତା ଟିଗା (୧୦ ମିନିଟ୍ ୨୨.୩୦ ସେକେଣ୍ଡ)ଙ୍କୁ କାଂସ୍ୟ ପଦକ ମିଳିଛି। କର୍ଣ୍ଣାଟକର ପ୍ରିୟଙ୍କା (୯:୪୨.୦୫) ଓ ଗୁଜରାଟର କାଜଲ ରଙ୍ଗନାଥ (୯:୪୪.୦୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟରେ ଓଡ଼ିଶାର ସନ୍ତୋଷୀ ଗୌଡ଼ା (୧୪:୩୨.୦୫) ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ତାମିଲନାଡୁର ବାରାନିକା ଏଲାଙ୍ଗୋଭାନ ମହିଳା ପୋଲ୍ ଭୋଲ୍ଟରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମଙ୍ଗଳବାର ଏଠାରେ ଇନଡୋର ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ୪.୨୨ ମିଟର ଉଚ୍ଚକୁ ଡେଇଁ ସେ ଏହି କୀର୍ତ୍ତିମାନ କରିଛନ୍ତି। ଏଥିପୂର୍ବରୁ ମହିଳା ପୋଲ୍‌ଭଲ୍ଟରେ ରୋଜି ମୀନାଙ୍କ ନାମରେ ରେକର୍ଡ ରହିଥିଲା।

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍

# ଅନୁଷ୍କା ନୂଆ ମୁହଁ; ସ୍ନେହ, ଅମନଜୋତ୍ ଆଉଟ୍



ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ନୂଆ ମୁହଁ ଭାବେ ଅନୁଷ୍କା ଶର୍ମା ସ୍ଥାନ ପାଇଛନ୍ତି। ସେହିଭଳି କାଶଭୀ ଗୌତମଙ୍କୁ ପ୍ରଥମଥର ଲାଗି ଟି-୨୦ରେ ସୁଯୋଗ ମିଳିଛି। ତେବେ ଦୁଇ ଅଲ୍‌ରାଉଣ୍ଡର ସ୍ନେହ ରାଣା ଓ ଅମନଜୋତ୍ କୌରଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯାଇଛି। ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ୫ଟି ଯାକ ଟି-୨୦ ମ୍ୟାଚ୍ ଯଥାକ୍ରମେ ଏପ୍ରିଲ ୧୭, ୧୯, ୨୨, ୨୫ ଓ ୨୭ ତାରିଖରେ ଖେଳାଯିବ। ପ୍ରଥମ ୨ଟି ଡର୍ବାନରେ ଏବଂ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଜୋହାନ୍ସବର୍ଗରେ ଅନୁଷ୍ଠିତ ହେବ। ଶେଷ ତଥା ୫ମ ମ୍ୟାଚଟି ବେନୋନିରେ ଆୟୋଜିତ ହେବ। ଜୁନ୍-ଜୁଲାଇରେ ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ ଭାରତର ପ୍ରସ୍ତୁତିରେ ସହାୟକ ହେବ।

**ଘୋଷିତ ଭାରତୀୟ ମହିଳା ଟି-୨୦ ଦଳ:** ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଉମା ଛେତ୍ରୀ (ଉଭୟ ୱିକେଟ୍‌କିପର), ଅରୁନ୍ଧତୀ ରେଡ୍ଡୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼ା, ଶ୍ରୀଚରଣୀ, ଶ୍ରେୟଙ୍କା ପାଟିଲ, କାଶଭୀ ଗୌତମ, ଭାରତୀ ଫୁଲମଣି, ଅନୁଷ୍କା ଶର୍ମା।

# ଭଲ୍ଟଙ୍କ ଶତକ; ଅଷ୍ଟ୍ରେଲିଆର କ୍ଲିନସୁଇପ୍

କିଙ୍ଗ୍‌ସଟାଉନ, ୨୪।୩ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ମହିଳା ଦଳ ଡିଏଲ୍ ପଦ୍ଧତିରେ ୪୦ ରନରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଓପନର୍ ଜର୍ଜିଆ ଭଲ୍ଟ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟି-୨୦ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିବା ଭଲ୍ଟ ୫୩ ବଲରେ ୧୦୧ ରନ କରିଥିଲେ। ଯେଉଁଥିରେ ୯ ଚୌକା ଓ ୬ ଛକା ସାମିଲ ଥିଲା। ଫଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟରେ ୨୧୧ ରନ କରିଥିଲା। ୱେଷ୍ଟଇଣ୍ଡିଜ ଅଧିନାୟିକା ହେଲୀ ମାଥ୍ୟୁସଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୧୦ ଓଭରରେ ୩ ୱିକେଟ୍ ହରାଇ ୬୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ନ ଛାଡ଼ିବାରୁ ଡିଏଲ୍ ପଦ୍ଧତିରେ ଅଷ୍ଟ୍ରେଲିଆକୁ ୪୦ ରନରେ ବିଜୟୀ ଘୋଷିତ କରାଯାଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୪୩ ରନ ଓ ୧୭ ରନରେ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଏଥିସହ ଟି-୨୦ ସିରିଜକୁ ୩-୦ରେ କ୍ଲିନସୁଇପ କରିନେଇଛି।

# ସ୍ୱାନୀଶ ପାରା ବ୍ୟାଡମିଣ୍ଟନ: ଓଡ଼ିଆ ଖେଳାଳିଙ୍କୁ ୪ ପଦକ

ଭୁବନେଶ୍ୱର,୨୪।୩(ସମିସ): ସ୍ପେନ୍‌ରେ ଶେଷ ହୋଇଥିବା ସ୍ୱାନୀଶ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କୁ ସଫଳତା ମିଳିଛି। ଏହା ମଧ୍ୟରେ ଭାଗନେଇଥିବା ଓଡ଼ିଶାର ଖେଳାଳିଙ୍କୁ ୪ଟି ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ଅଲିମ୍ପିକ୍ ଚାମ୍ପିଅନ ପ୍ରମୋଦ ଭଗତ ଏସ୍‌ଏଲ୍-୩ ପୁରୁଷ ଏକକ ଓ ମନୀଷା ରାମଦାସଙ୍କ ସହ ମିଶି ମିଶ୍ରିତ ଯୁଗଳ (ଏସ୍‌ଏଲ-୩, ଏସ୍‌ୟୁ-୫)ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହା ପରେ ସୁକାନ୍ତ କଦମଙ୍କ ସହ ମିଶି ପ୍ରମୋଦ ପୁରୁଷ ଯୁଗଳ (ଏସ୍‌ଏଲ-୩, ଏସ୍‌ୟୁ-୫)ରେ ରୌପ୍ୟ ପଦକ ପାଇଛନ୍ତି। ଏହି ବିଭାଗରେ ଆଉ ଜଣେ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋୟୀ କାଂସ୍ୟ ପଦକ ହାସଲ କରିଥିଲେ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

# ସେମିରେ ସହିଦ୍ ସ୍ପୋର୍ଟିଂ

ଭୁବନେଶ୍ୱର,୨୪।୩(ସମିସ): ପୁଣିଥରେ ଚମକିଛନ୍ତି ଆର୍ଯ୍ୟ ମୋରେ ଓ ସୁରଜ୍ ଧଳ। ଏମାନଙ୍କ ଦମ୍‌ଦାର ବ୍ୟାଟିଂ ଯୋଗୁଁ ସହିଦ୍ ସ୍ପୋର୍ଟିଂ ୯ ୱିକେଟରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଆର୍ଯ୍ୟ ୯୧ବଲ୍‌ରୁ ୨୭ ଚୌକା ସହ ୧୧୬ ରନ୍ କରି ଦଳକୁ ଜିତାଇବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ବିବିସିଏ ବିପକ୍ଷ କ୍ୱାର୍ଟର ଫାଇନାଲରେ ଆର୍ଯ୍ୟ ୪୨ ଓ ସୁରଜ ୪୪ ରନ୍‌ର ଇନିଂସ ଖେଳିଥିଲେ। ପ୍ରଗତି ସ୍ପୋର୍ଟିଂ ପ୍ରଦତ୍ତ ୨୦୭ ରନ୍‌ର ବିଜୟ ଲକ୍ଷ୍ୟକୁ ସହିଦ୍ ସ୍ପୋର୍ଟିଂ ୩୨.୨ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଆର୍ଯ୍ୟଙ୍କ ବ୍ୟତୀତ ସୁରଜ ୭୨ ବଲ୍‌ର ସମ୍ମୁଖୀନ ହୋଇ ୧୫ ଚୌକା ସହ ୭୧ ରନ୍ କରିଥିଲେ। ପୂର୍ବରୁ ନମନ ଶତପଥୀ ୭୧ ବଲ୍‌ରୁ ୨୦ ଚୌକା ସହ ୮୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ ହରାଇ ୨୦୬ ରନ୍‌ର ବିରାଟ ସ୍କୋର କରିଥିଲା। କିନ୍ତୁ ଆର୍ଯ୍ୟ ଓ ସୁରଜଙ୍କ ଲାଗି ଏହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଆସନ୍ତାକାଲି ଆୟୋଜକ ଏଲଏଲସିସି ସହ କଟକର ସୋଲା କ୍ଲବ୍ ତୃତୀୟ କ୍ୱାର୍ଟର ଫାଇନାଲରେ ମୁକାବିଲା କରିବ। ଆଜିର ମ୍ୟାଚରେ ୱାର୍ଡ ନଂ-୩୮ର କର୍ପୋରେଟର ପ୍ରିୟଦର୍ଶିନୀ ଜେନା ଓ ରଶ୍ମିରଞ୍ଜନ ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




# ୩୩ ବଲ୍‌ରେ ଆଦିତ୍ୟଙ୍କ ଶତକ; ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଓସିଏ କ୍ଲବ୍ କ୍ରିକେଟ

ଭୁବନେଶ୍ୱର, ୨୪।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍‌ରେ ଫେଜ୍-୨'ର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆଦିତ୍ୟ ରାଉତଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ରାଇଜିଂ ଷ୍ଟୁଡେଣ୍ଟ ୪ ୱିକେଟ୍‌ରେ ବାରବାଟୀ କଲଚ୍ୟୁରାଲ ୟୁନିୟନକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଲଚ୍ୟୁରାଲ ୟୁନିୟନ ୫୦ ଓଭରରେ ୮ ୱିକେଟ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜସ୍ମିତ ନଇନ ୭୦ ବଲରେ ୧୧୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୌମ୍ୟ ଲେଙ୍କା ଓ କ୍ରିଷ୍ଣା ପଲାଇଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୨୯.୧ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିସ୍ଫୋରକ ବ୍ୟାଟିଂ କରିଥିବା ଆଦିତ୍ୟ ୩୩ ବଲରେ ଶତକ ପୂରଣ କରିଥିଲେ। ସେ ୩୮ ବଲରେ ୧୧୮ ରନ କରି ରିଟାୟର୍ଡ ନେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ଆଦିତ୍ୟଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

ଦିବସରେ ଅନୁଷ୍ଠିତ ଅନ୍ୟ ୩ଟି ମ୍ୟାଚରେ ଓଜିପି କ୍ଲବ ୨୮୮ ରନର ବିଶାଳ ବ୍ୟବଧାନରେ ଟାଉନ କ୍ଲବକୁ ମାତ୍ ଦେଇଛି। ଓଜିପିର ସର୍ବେଶ ପାଟିଲ ୧୭୬, ପାନକଲ ଶଶାଙ୍କ ୧୧୬ ରନ କରିଥିଲେ। ଫଳରେ ଓଜିପି ୪ ୱିକେଟରେ ୪୩୦ ରନ କରିଥିଲା। ଜବାବରେ ଟାଉନ କ୍ଲବ ୧୪୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ଜୁଭେନାଇଲ୍ କ୍ଲବ ୧୦ ୱିକେଟରେ ରୟାଲ୍ କ୍ଲବକୁ ଏବଂ ସନସାଇନ ଗ୍ରାଉଣ୍ଡରେ ମଙ୍ଗଳା କ୍ଲବ ୧୮୬ ରନରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ମଙ୍ଗଳା କ୍ଲବର ମୁକେଶ କୁମାର (୩୦ ରନ ଓ ୪ଟି ୱିକେଟ) ଏବଂ ଜୁଭେନାଇଲର ତାରୀଣ ଶ (୭ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS